

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୨ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 12 November 2024

Vol.No. 35 ■ No.300 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଅଗ୍ନିଶମ ସେବାର ଆଧୁନିକୀକରଣ ପାଇଁ କେନ୍ଦ୍ର ଦେବ ୨୦୧କୋଟି

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଓଡ଼ିଶାରେ ଅଗ୍ନିଶମ ସେବାର ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ୨୦୧.୧୦କୋଟି ଟଙ୍କା ଦେବେ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ବୈଠକରେ ଓଡ଼ିଶା ସମେତ ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ଅଗ୍ନିଶମ ସେବାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାର ମୋଟ ୭୨୫.୬୨କୋଟି ଟଙ୍କା ଅନୁମୋଦନ କରିଛନ୍ତି । କେନ୍ଦ୍ର ସରକାର 'ରାଜ୍ୟଗୁଡ଼ିକରେ ଅଗ୍ନିଶମ ସେବାର ସମ୍ପ୍ରସାରଣ ଓ ଆଧୁନିକୀକରଣ' ଯୋଜନାରେ ଏନଡିଆରଏଫ(ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି) ଅଧୀନରେ ୫ହଜାର କୋଟି ଟଙ୍କା ଆବଂଟନ କରିଛନ୍ତି । ଦେଶରେ ବିପର୍ଯ୍ୟୟର ପ୍ରଭାବୀ ମୁକାବିଲାକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଭାରତରେ ବିପର୍ଯ୍ୟୟ ବିପତ୍ତି ହ୍ରାସ ପ୍ରଣାଳୀକୁ ସୁଦୃଢ଼ କରିବା ଓ ବିପର୍ଯ୍ୟୟବେଳେ ଧନଜୀବନ ହାନିକୁ ହ୍ରାସ ନିମନ୍ତେ ମଧ ମନ୍ତ୍ରଣାଳୟ ପଦକ୍ଷେପ ନେଇଛନ୍ତି । ଏଥିପୂର୍ବରୁ ୧୫ଟି ରାଜ୍ୟ ପାଇଁ କେନ୍ଦ୍ର ସରକାର ୨୫୪୨.୧୨କୋଟି ଟଙ୍କା ମଞ୍ଜୁର କରିଥିଲେ । ଅଗ୍ନିଶମ ସେବାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାର ଆଜି ଓଡ଼ିଶାକୁ ୨୦୧.୧୦କୋଟି ଟଙ୍କା ସମେତ ଛତିଶଗଡ଼କୁ ୧୪୭.୭୬କୋଟି ଟଙ୍କା ଓ ପଶ୍ଚିମବଙ୍ଗକୁ ୩୭୬.୭୬ କୋଟି ଟଙ୍କା ଅନୁମୋଦନ କରିଛନ୍ତି।

▶▶ପୃଷ୍ଠା ୭

# ଝାଡଖଣ୍ଡରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

## ଶେଷ ଦିନରେ ମୋହନଙ୍କ ପ୍ରଚାର: ବିଜେପି ପାଇଁ ମାଗିଲେ ଭୋଟ



ଝାଡଖଣ୍ଡ, ୧୧/୧୧ : ଝାଡଖଣ୍ଡରେ ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରଚାର କରିଛନ୍ତି । ଓଡିଶା-ଝାଡଖଣ୍ଡ ସୀମାବର୍ତ୍ତୀ ଦୁଇଟି ସଭାରେ ଯୋଗଦେଇ ବିଜେପି ପାଇଁ ଭୋଟ୍ ମାଗିଛନ୍ତି । ଏଠାରେ ପ୍ରବାସୀ ଓଡିଆ ଓ ଆଦିବାସୀ ଭୋଟର ନିର୍ଣ୍ଣାୟକ ହେବେ ବୋଲି କୁହାଯାଉଛି । ସେହିଭଳି ଓଡିଶା ପାଇଁ ଗୁରୁତ୍ୱ ରଖୁଥିବା ପୂର୍ବ ଜାମସେଦପୁର ଆସନ ଉପରେ ସମସ୍ତଙ୍କ ନଜର ରହିଛି । ଝାଡଖଣ୍ଡ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ପାଇଁ ପ୍ରଚାର ଶେଷ ହୋଇଛି । ଏହି ପର୍ଯ୍ୟାୟରେ ଅଧିକ ଚର୍ଚ୍ଚାରେ ରହିଛି ଝାଡଖଣ୍ଡର ପୂର୍ବ ଜାମସେଦପୁର ଆସନ । ଏହି ଆସନରେ କଂଗ୍ରେସରୁ ଅଜୟ କୁମାର ଏବଂ ବିଜେପିରୁ ପ୍ରାର୍ଥୀ ହୋଇଛନ୍ତି ପୂର୍ଣ୍ଣିମା ସାହୁ ଦାସ । ଦୁଇ ପ୍ରାର୍ଥୀଙ୍କୁ ନେଇ ଝାଡଖଣ୍ଡରେ ଯେତିକି ଚର୍ଚ୍ଚା ତାଠାରୁ ଅଧିକ ଚର୍ଚ୍ଚା ହେଉଛି ଓଡିଶାରେ । ଦୁଇ ନେତାଙ୍କ ଓଡିଶା ଲିଙ୍କ ରହିଛି, ଅଜୟ କୁମାର ହେଉଛନ୍ତି ରାଜ୍ୟ କଂଗ୍ରେସର ପ୍ରଭାରୀ ଏବଂ ପୂର୍ଣ୍ଣିମା ସାହୁ ହେଉଛନ୍ତି ଓଡିଶା ରାଜ୍ୟପାଳ ରଘୁବର ଦାସଙ୍କ ବୋହୂ । ଅଜୟ କୁମାରଙ୍କ ପାଇଁ ରାଜ୍ୟ କଂଗ୍ରେସ ନେତା ଜୋରଦାର ପ୍ରଚାର କରିଛନ୍ତି । ପୂର୍ବ ଜାମସେଦପୁର ଆସନରେ ୧୯୮୫ ପରଠାରୁ କଂଗ୍ରେସ ଆଦୌ ଜିତିନାହିଁ । ଏଠାରୁ ବିଜେପି ୧୯୯୦ରୁ ୨୦୧୪ ଯାଏଁ ଲଗାତାର ଜିତିଆସିଥିଲା । ତେଣୁ ଅଜୟ କୁମାରଙ୍କ ଭଳି ଚେହେରାକୁ ମଇଦାନକୁ ଆଣି ବିଜେପିକୁ କଡା ଟକ୍କର ଦେଉଛି କଂଗ୍ରେସ । ଝାଡଖଣ୍ଡକୁ ନିଜ ଅକ୍ତିଆରକୁ ନେବା ପାଇଁ ବିଜେପି ଦିନରାତି ଏକାକାର କରିଦେଇଛି। ଜେଏମଏମ-କଂଗ୍ରେସ ସରକାରକୁ ହଟାଇ ୫ ବର୍ଷ ପରେ କ୍ଷମତା ଅକ୍ତିଆର କରିବା ଲକ୍ଷ୍ୟରେ ଅଛି । ଓଡିଶାରେ ପ୍ରଥମ ଥର ଲାଗି କ୍ଷମତା ପାଇଥିବା ବିଜେପି ନେତା ଓ ମନ୍ତ୍ରୀ ପଡୋଶୀ ରାଜ୍ୟରେ ପ୍ରଚାରର ମଙ୍ଗ ଧରିଛନ୍ତି । ଷ୍ଟାର କ୍ୟାମ୍ପେନର ଥିବା ମୁଖ୍ୟମନ୍ତ୍ରୀ ଆଜି ଓଡିଶା ସୀମାନ୍ତବର୍ତ୍ତୀ ଦୁଇଟି ଜନସଭାକୁ ସମ୍ବୋଧିତ କରିଛନ୍ତି । ଷଢେଇକଳା ଓ ସିଂହଭୂମ ଜିଲ୍ଲାରେ ବିଜେପି ପାଇଁ ଭୋଟ ମାଗିଛନ୍ତି । ଝାଡଖଣ୍ଡରେ ମୋଟ ୮୧ ଆସନ ମଧ୍ୟରୁ ୧୩ ତାରିଖରେ ୪୩ ଆସନରେ ଭୋଟ ପଡିବ । ବାକି ଆସନ ପାଇଁ ୨୦ ତାରିଖରେ ଭୋଟ ହେବ । ଫଳାଫଳ ୨୩ ତାରିଖରେ ଆସିବ। ଏହି ଫଳାଫଳ ଓଡିଶା ନେତାଙ୍କ ପ୍ରଭାବର ପରୀକ୍ଷା ହେବ ବୋଲି କୁହାଯାଉଛି ।

## ମହିଳା କମିଶନ ଅଧକ୍ଷା ପଦରୁ ହଟିଲେ ମୀନତି ବେହେରା



ଭୁବନେଶ୍ୱର, ୧୧/୧୧ (ନି.ପ୍ର): ମହିଳା କମିଶନ ଅଧକ୍ଷା ପଦରୁ ହଟିଲେ ମୀନତି ବେହେରା। ପଦଚ୍ୟୁତ ନେଇ ମହିଳା ଓ ଶିଶୁ ବିକାଶ ବିଭାଗର ବିଜ୍ଞପ୍ତି ପ୍ରକାଶ ପାଇଛି। ମିନତୀଙ୍କ କାର୍ଯ୍ୟ ସନ୍ତୋଷଜନକ ନଥିବାରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କାହିଁକି ପଦଚ୍ୟୁତ କରାନଯିବ, ସେନେଇ ଜାରି ହୋଇଥିଲା ନୋଟିସ୍। ହେଲେ ମୀନତିଙ୍କ ଜବାବ ସନ୍ତୋଷଜନକ ନୁହେଁ ବୋଲି ଦର୍ଶାଇଛି ବିଭାଗ। ଅକ୍ଟୋବର ୨୦୨୨ରୁ ମହିଳା କମିଶନ ଅଧକ୍ଷା ଥିଲେ ମୀନତି ବେହେରା। ଏହି ସମୟରେ ମହିଳା କମିଶନଙ୍କ ପ୍ରଦର୍ଶନ ସହ ମାମଲା ଫଇସଲା ଓ କ୍ୟାମ୍ପ-କୋର୍ଟ ଆୟୋଜନ ସନ୍ତୋଷଜନକ ନଥିଲା ବୋଲି ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ ରାଜ୍ୟ ସରକାର। ପଦଚ୍ୟୁତ ନେଇ ମୀନତି ବେହେରା କହିଛନ୍ତି, ଆମକୁ ପ୍ରକ୍ରିୟା ଅନୁସାରେ ଏକ ଶୁଣାଣି କରି ପକ୍ଷ ରଖିବାକୁ ଗୋଟିଏ ସୁଯୋଗ ନଦେଇ ପଦଚ୍ୟୁତ କରାଯାଇଛି। ତେବେ ସେ ନିଜ କାମକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ସେପଟେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା

▶▶ପୃଷ୍ଠା ୭

## ନୂଆ ସିଜେଆଇ ଭାବେ ଶପଥ ନେଲେ ଜଷ୍ଟିସ୍ ସଞ୍ଜୀବ ଖନ୍ନା



ନୂଆଦିଲ୍ଲୀ, ୧୧/୧୧ : ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ ସଞ୍ଜୀବ ଖନ୍ନା। ସେ ୫୧ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି। ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ସାମିଲ ଥିଲେ। ଏହାପୂର୍ବରୁ ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ ଅବସର ନେଇଥିଲେ। ଜଷ୍ଟିସ ଖନ୍ନାଙ୍କ ନାମ ଜଷ୍ଟିସ ଚନ୍ଦ୍ରଚୂଡଙ୍କ ଦ୍ୱାରା ସୁପାରିଶ କରାଯାଇଥିଲା। ନଭେମ୍ବର ୧୦ରେ ୬୫ ବର୍ଷ ବୟସରେ ଚନ୍ଦ୍ରଚୁଡ଼ ଏହି ପଦବୀରୁ ଅବସର ନେଇଥିଲେ। ଏହାପରେ ଜଷ୍ଟିସ ସଞ୍ଜୀବ ଖନ୍ନାଙ୍କୁ ସିଜେଆଇ ପଦ ସମ୍ଭାଳିଛନ୍ତି। ତେବେ ତାଙ୍କ କାର୍ଯ୍ୟକାଳ ମାତ୍ର ୬ ମାସ ରହିବ। ଆସନ୍ତା ବର୍ଷ ମେ' ୧୩ରେ ତାଙ୍କର କାର୍ଯ୍ୟକାଳ ସରିବ। ୧୯୮୩ରେ ଦିଲ୍ଲୀ ବାର୍ କାଉନସିଲରେ ପଞ୍ଜୀକରଣ ସହ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ଜଷ୍ଟିସ ଖନ୍ନା। ପ୍ରଥମେ ସେ ହଜାରି କମ୍ପ୍ଲେକ୍ସ ଜିଲ୍ଲାକୋର୍ଟରେ ପ୍ରାକ୍ଟିସ ଆରମ୍ଭ କରିଥିଲେ।

▶▶ପୃଷ୍ଠା ୭

## ଖପରାପଦା ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଝରକା ଭାଙ୍ଗି ଚୋରି




ଲଙ୍ଗଳେଶ୍ୱର, ୧୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଖପରାପଦା ଛକରେ ଥିବା ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ରବିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ବ୍ୟାଙ୍କର ଉପର ମହଲାରେ ଥିବା ଝରକାର ଲୁହା ଗ୍ରିଲକୁ ଗ୍ୟାସ କଟରରେ କାଟି ବ୍ୟାଙ୍କ ଭିତରକୁ ପଶିଥିଲେ। ସେମାନେ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ସୋମବାର ସକାଳେ ସ୍ଥାନୀୟ ଲୋକେ ବ୍ୟାଙ୍କର ଝରକା ଭଙ୍ଗା ଯାଇ ଥିବା ଦେଖି ବ୍ୟାଙ୍କର ମ୍ୟାନେଜର ଏବଂ ବାଲିଆପାଳ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବାଲିଆପାଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ୫ ବର୍ଷ ପୂର୍ବରୁ ମଧ୍ୟ ଏହି ବ୍ୟାଙ୍କର ପଛ ପଟ ସ୍କାଇ ଲାଇଟ ଭାଙ୍ଗି କମ୍ପ୍ୟୁଟର ଏବଂ ବିଭିନ୍ନ ଆସବାବପତ୍ରକୁ ଦୁର୍ବୃତ୍ତ ମାନେ ଚୋରି କରିଥିଲେ। ତେବେ ଏହି ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ପୁଲିସ ପେଟ୍ରୋଲିଂକୁ କଡାକଡି କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଲୋକ।

## ଏଣିକି ନୂଆ ରଙ୍ଗ ଓ ନୂଆ ଡିଜାଇନର ଡ୍ରେସ୍ ପିନ୍ଧିବେ ନର୍ସ: ରହିବ ସମ୍ବଲପୁରୀ ଛିଟ

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ବଦଳିଲା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନର୍ସଙ୍କ ଡ୍ରେସ କୋଡ୍। ଏଣିକି ନୂଆ ରଙ୍ଗ ଓ ନୂଆ ଡିଜାଇନର ଡ୍ରେସ୍ ପିନ୍ଧିବେ ନର୍ସ। ଆଉ ସେଥିରେ ରହିବ ସମ୍ବଲପୁରୀ ଛିଟ। ଲାଭେନଣ୍ଡର୍ ବା ହାଲୁକା ବାଇଗଣୀ ରଙ୍ଗର ଡ୍ରେସ୍ ପିନ୍ଧିବେ ନର୍ସମାନେ। ଉଭୟ ପୁରୁଷ ଓ ମହିଳା ନର୍ସମାନେ ଈଷତ୍ ବାଇଗଣୀ ରଙ୍ଗର ପ୍ୟାଣ୍ଟ୍ ସର୍ଟ ପିନ୍ଧିବେ। ଆସିଷ୍ଟାଣ୍ଟ୍ ନର୍ସିଂ ସୁପରିଟେଣ୍ଡେଣ୍ଟ୍ ମାନେ ସାୟନ୍ ବ୍ଲୁ ଅର୍ଥାତ ଲାଇଟ୍ ନୀଳ ରଙ୍ଗର ଡ୍ରେସ୍ ପିନ୍ଧିବେ। ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ଧଳା ଶାଢ଼ୀ ଓ ଡ୍ରେସ୍ ପିନ୍ଧିବେ। ସେଥିରେ ଥିବା ଆର୍ପନର କଲାରରେ ସମ୍ବଲପୁରୀ ଛିଟ୍ ରହିବ। ସେହିପରି ପୁରୁଷ ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ଧଳା ଜାକେଟ୍‌ର କଲାରରେ ରହିବ ସମ୍ବଲପୁରୀ ଛିଟ। ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ସହ ଆଲୋଚନା

▶▶ପୃଷ୍ଠା ୭

## ସରକାରୀ କର୍ମଚାରୀଙ୍କୁ ମୁଖ୍ୟ ସଚିବଙ୍କ ଚେତାବନୀ: ବଦଳି-ନିଯୁକ୍ତି ପାଇଁ ଚାପ ପକାଅ ନାହିଁ




ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଏଣିକି ଆଉ ଚଳିବନି ବଦଳି ଏବଂ ପୋଷ୍ଟିଂ ପାଇଁ ଚାପ ପକାଉଥିବା କର୍ମଚାରୀଙ୍କ ହାକିମାତି। ଟ୍ରାନ୍ସଫର ପାଇଁ ଚାପ ପକାଇଲେ ହେବ କଡ଼ା ଆକ୍ସନ। ଏନେଇ ସବୁ ବିଭାଗର ସଚିବମାନଙ୍କୁ ଚିଠି ଲେଖି ଜଣାଇଛନ୍ତି ମୁଖ୍ୟ ସଚିବ ମନୋଜ ଆହୁଜା। ନେତା-ମନ୍ତ୍ରୀଙ୍କ ଲିଖିତ ସୁପାରିଶ ଆଣି ନିଜର ବଦଳି ଓ ପଦୋନ୍ନତି ପାଇଁ ଚାପ ପକାଇବା ଏଣିକି ସରକାରୀ କର୍ମଚାରୀଙ୍କୁ ମହଙ୍ଗା ପଡ଼ିବ। ମୁଖ୍ୟ ସଚିବ ଆଜି ସମସ୍ତ ବିଭାଗୀୟ ସଚିବ ଓ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ବଦଳି ଓ ନିଯୁକ୍ତି ପାଇଁ ପକାଯାଉଥିବା

▶▶ପୃଷ୍ଠା ୭


## ଏଥର ପଞ୍ଚୁକ ଚାରିଦିନ: ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ



ପୁରୀ, ୧୧/୧୧ (ନି.ପ୍ର): ରାତି ପାହିଲେ ଧାର୍ମ ମାସ କାର୍ତ୍ତିକର ମହାପଞ୍ଚୁକ ବ୍ରତ ଆରମ୍ଭ ହେବ। ଚଳିତ ବର୍ଷ ପଞ୍ଚୁକ ପାଞ୍ଚଦିନ ପରିବର୍ତ୍ତେ ଚାରିଦିନ ପଡୁଥିବାରୁ ଏହି ସମୟରେ ଶ୍ରୀମନ୍ଦିରରେ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଲାଗିବ। ଏହାକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ, ଭକ୍ତଙ୍କ ସୁରକ୍ଷା ଏବଂ ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ପୁରୀ ଏସପି। ଆସନ୍ତାକାଲି (ମଙ୍ଗଳବାର) ଦେବୋତ୍ଥାପନ ଏକାଦଶୀରେ ଚତୁର୍ଦ୍ଧାମୂର୍ତ୍ତି ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେବେ। ୧୩ ତାରିଖରେ ବାଙ୍କଚୂଡ଼ା ବେଶ, ୧୪ ତାରିଖରେ ଡାଳିକିଆ

▶▶ପୃଷ୍ଠା ୭

## ଅନୁପ୍ରେବଶକାରୀ ଆଦିବାସୀଙ୍କୁ ବାହା ହେଲେ ମିଳିବନି ଜମି: ପ୍ରତିଶ୍ରୁତି ଦେଲେ ଅମିତ ଶାହ



ନୂଆଦିଲ୍ଲୀ, ୧୧/୧୧ : ଯଦି କୌଣସି ଅନୁପ୍ରବେଶକାରୀ ଆଦିବାସୀ ସଂପ୍ରଦାୟର ଝିଅଙ୍କୁ ବିବାହ କରନ୍ତି, ତା'ହେଲେ ତାଙ୍କ ମାଲିକାନାରେ କୌଣସି ପ୍ରକାରର ଜମି ରହିବ ନାହିଁ। ମହିଳା ଜଣଙ୍କ ଜମି ଉପରୁ ମାଲିକାନା ହରାଇବେ। ଅନୁପ୍ରବେଶକାରୀ ମଧ ଜମି ହଡ଼ପ କରିପାରିବେ ନାହିଁ। ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ଝାରଖଣ୍‌ଡରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଏମିତି ପ୍ରତିଶ୍ରୁତି ଦେଇଛନ୍ତି। ଝାରଖଣ୍ଡର କ୍ଷମତାସୀନ ଜେଏମଏମ ଓ କଂଗ୍ରେସକୁ ଟାର୍ଗେଟ କରି ଅମିତ ଶାହ କହିଛନ୍ତି, ଯଦି ଭାରତୀୟ ଜନତା ପାର୍ଟି ଜିତିବ, ତା'ହେଲେ ଅନୁପ୍ରବେଶକାରୀଙ୍କ ପାଖକୁ ଯାଉଥିବା ଜମିକୁ ରୋକିବା ପାଇଁ ଗୋଟିଏ ଆଇନ ଆଣିବ। ସେ ଏଠାରେ ବାଂଲାଦେଶୀଙ୍କ ପାଇଁ ଅନୁପ୍ରବେଶକାରୀ ଶବ୍ଦର ପ୍ରୟୋଗ କରିଛନ୍ତି। କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ସମାନ କଥା ଦୋହରାଇ ଥିଲେ। ଷଢ଼େଇକଳାରେ ଆୟୋଜିତ ନିର୍ବାଚନ ରାଲିରେ ଅମିତ ଶାହ କହିଛନ୍ତି, "ଆମ ଝିଅମାନଙ୍କୁ ବାହା ହୋଇ ଅନୁପ୍ରବେଶକାରୀମାନେ ଜମି ହଡ଼ପ କରୁଛନ୍ତି। ଯଦି ଅନୁପ୍ରବେଶକାରୀମାନେ ଆଦିବାସୀ ଝିଅଙ୍କୁ ବିବାହ କରିବେ, ତା'ହେଲେ ସେମାନଙ୍କୁ ଜମିର ମାଲିକାନା ମିଳିବ ନାହିଁ। ଏହା ଉପରେ ରୋକ ଲଗାଇବା ପାଇଁ ଗୋଟିଏ ଆଇନ ଅଣାଯିବ। ଅନୁପ୍ରବେଶକାରୀଙ୍କୁ ବିଦା କରିବା ପାଇଁ ଗୋଟିଏ କମିଟି ଗଠନ କରାଯିବ। ସେମାନଙ୍କ ଦଖଲରେ ଥିବା ଜମିକୁ ପୁଣି ଅକ୍ତିଆରକୁ ଅଣାଯିବ।" ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ଗରହୱା ଠାରେ ପ୍ରଧାନମନ୍ତ୍ରୀ ମୋଦି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପ୍ରଶାସନକୁ ଟାର୍ଗେଟ କରିଥିଲେ। ଜେଏମମ, କଂଗ୍ରେସ ଓ ଆରଜେଡିକୁ ସେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ ସମର୍ଥକ ବୋଲି କହିଥିଲେ।

## ନୂଆ ସଂଖ୍ୟା ଗଣିତ କଷି କର୍ମୀଙ୍କୁ ରଙ୍ଗୀନ ସ୍ୱପ୍ନ ଦେଖେଇଲେ ଅତନୁ ବିଜେପିର ଜବାବ: ଯୋଗାଯୋଗରେ ୨୭ ବିଧାୟକ



ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଦେବାଶିଷ, ମୁନାଙ୍କ ପରେ ଅତନୁ। କର୍ମୀଙ୍କୁ ଦେଖେଇଲେ ରଙ୍ଗୀନ ସ୍ୱପ୍ନ। ଅତନୁ ନିଜ ଭାଷଣରେ କହିଛନ୍ତି ବିଜେଡି ପୁଣି ସରକାରକୁ ଫେରିବ। ଏଥିଲାଗି ନୂଆ ଗଣିତ ବି ଗଣାଇଛନ୍ତି । ତେବେ ବିଜେପି ଏହାକୁ ଦିବାସ୍ୱପ୍ନ କହି କଡ଼ା ସମାଲୋଚନା କରିଥିବାବେଳେ ରାଜନୈତିକ ସମୀକ୍ଷକଙ୍କ ମତ ହେଲା ଭୁଷୁଡୁ ଥିବା ଦୁର୍ଗ ରକ୍ଷା ଲାଗି ବିଜେଡିର ଏହା ରଣନୀତି। ବିଜେଡିର ବରିଷ୍ଠ ନେତା ଅତନୁଙ୍କ ଅଜବ ଅଙ୍କ ! ମହାକାଳପଡ଼ା ସଭାରେ ଗତକାଲି ଦେଇଥିବା ଭାଷଣରେ କହିଛନ୍ତି ପୁଣିଥରେ ମୁଖ୍ୟମନ୍ତ୍ରୀ ହେବେ ନବୀନ। ବିଜେଡିର ୫୧ ବିଧାୟକ, କଂଗ୍ରେସର ୧୪ ଓ ସ୍ୱାଧୀନ ୩ ବିଧାୟକ ଅଛନ୍ତି। ଆଉ ମାତ୍ର ୧୦ ସଂଖ୍ୟା ଆବଶ୍ୟକ। ଅର୍ଥାତ ଅତନୁଙ୍କ ଭାଷଣରୁ ଏତିକି ଆକଳନ କରାଯାଇପାରେ ଯେ ବିଜେଡି ବିରୋଧୀ ସିଟ୍ ?ରେ ବସିବା ହଜମ କରିପାରୁନି । ପୂର୍ବରୁ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ପାରାଦ୍ୱୀପ ସଭାରେ କଂଗ୍ରେସ ସହ ମେଣ୍ଟ କଥାକୁ ଉଠାଇଥିଲେ। ସେହିପରି ଆଉ ଜଣେ ବିଜେଡି ସାଂସଦ ମୁନା ଖାଁ କିଛିଦିନ ତଳେ କହିଥିଲେ ୧୪ ବିଜେପି ବିଧାୟକ ବିଜେଡି ସମ୍ପର୍କରେ ଅଛନ୍ତି, ଖୁବ ଶୀଘ୍ର ପୁଣି ବିଜେଡି ସରକାରକୁ ଫେରିବ।ତେବେ କଂଗ୍ରେସ ସହ ମେଣ୍ଟ ସଂପର୍କରେ ବରିଷ୍ଠ ନେତା ମହମ୍ମଦ ମୋକିମ କହିଛନ୍ତି, ଆମେ ନିଜ ଦମ୍ ?ରେ ଆଗକୁ ବଢ଼ିବୁ, ବିଜେଡିର ସହଯୋଗ ଦରକାର ନାହିଁ । ଏଣେ ବିଜେପି କହିଛି ଅତନୁ ଗଣିତ ଜାଣିନାହାନ୍ତି । ତାଙ୍କର ଏକ ତୃତୀୟାଂଶ ନେତା ଆମ ସମ୍ପର୍କରେ ଅଛନ୍ତି । ଦଳ ଛିଡୁଥିବା କାରଣରୁ ନେତାଙ୍କୁ ଏକଜୁଟ୍ କରିବାକୁ ଏଭଳି ବୟାନବାଜି ଦେଉଥିବା କହିଛି ବିଜେପି । ପ୍ରଶ୍ନ ଉଠୁଛି ବିଜେଡିର ଜଣକ ପରେ ଜଣେ ନେତା ଏଭଳି ବୟାନ କାହିଁକି ଦେଉଛନ୍ତି ? ପରାଜୟକୁ ସହଜରେ ଗ୍ରହଣ କରିପାରୁନାହିଁ କି ଦଳ ? କର୍ମୀଙ୍କୁ ଉତ୍ସାହିତ ପାଇଁ ଏଭଳି ବୟାନବାଜି ନୁହେଁ ତ ? କାରଣ ଦଳ ବଦଳ ନିରୋଧ ଆଇନ୍ ଏଭଳି ସମୀକରଣକୁ

▶▶ପୃଷ୍ଠା ୭

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଧର୍ମଶାଳା, ୧୧/୧୧ (ନି.ପ୍ର): ଆଜି ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଶାନ୍ତିବଜାର ଠାରୁ ଆରମ୍ଭ କରାଯାଇ ବଡମଙ୍ଗଳପୁର, ବାଲିଗରି, ନରସିଂହପୁର, ଚୋରମୁହାଁ, ଧର୍ମଶାଳା ବଜାର ଦେଇ ହାଟ ପଡିଆଠାରେ ଶେଷ ହୋଇଥିଲା । ଶେଷରେ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା । ସେଥିରେ ବିଜୁ ଜନତା ଦଳର ପଦଯାତ୍ରା କମିଟିର ମୁଖ୍ୟ ସଞ୍ଜୟଦାସ ବର୍ମାଙ୍କ ସହିତ ପ୍ରତାପ କେଶରୀ ଦେବ, ପ୍ରଣବ ପ୍ରକାଶ ଦାସ, ପ୍ରମିଳା ମଲ୍ଲିକ୍, ପ୍ରିତିରଞ୍ଜନ ଘଡାଇ, ବିଶ୍ୱରଞ୍ଜନ ମଲ୍ଲିକ, ଯାପୁର ପୂର୍ବତନ ସାଂସଦ ଶ୍ରର୍ମିଷ୍ଠା ସେଠୀ ଏବଂ ଧର୍ମଶାଳାର ସମସ୍ତ କର୍ମକର୍ତାମାନେ ଯୋଗ ଦେଇ ଥିଲେ । ବିଶେଷ କରି ସରକାରଙ୍କର ମିଛ ପ୍ରତିଶୃତି ଓ ଜନସାଧାରଣଙ୍କୁ ଭୂଆଁ ବୁଲାଇବା ସହିତ ଧର୍ମଶାଳାରେ ଅରାଜକତା ଓ ଚାନ୍ଦା ଆଦାୟ ଠାରୁ ନେଇ ଶାନ୍ତ ଧର୍ମଶାଳା ପରିବେଶକୁ ଅଶାନ୍ତ କରିବା ବିଷୟରେ ସମାଲୋଚନା ହୋଇଥିଲା । ବିକାଶର ପ୍ରୟୋଗ ଶାଳା ସାଜିଥିବା ଧର୍ମଶାଳା ନୂତନ ସରକାର ଆସିବାପରେ ଗୋଟାଏ ଦିଗହରା ଧର୍ମଶାଳାରେ ପରିଣତ ହୋଇଛି । ଉକ୍ତ ପଦଯାତ୍ରାରେ ଧର୍ମଶାଳାର ହଜାର ହଜାର କର୍ମୀ ସାମିଲ ହୋଇ ସରକାରଙ୍କ ବିଫଳତା ଉପରେ ନାରାବାଜି ଦେଇ ଥିଲେ । ଉକ୍ତ ସଭାକୁ ପରିଚାଳନା କରିଥିଲେ ପ୍ରଣବ କୁମାର ବଳବନ୍ତରାୟ, ଅନ୍ୟମାନଙ୍କ ମଧ୍ୟରେ ନରେଶ ଚନ୍ଦ୍ର ମହାନ୍ତି, ଡ. ପ୍ରିୟନାଥ ମହାପାତ୍ର, ସୁରେନ୍ଦ୍ର ପଣ୍ଡା, ପ୍ରଭାତ ବଳବନ୍ତରାୟ, ଅରୁଣ ରାଉତ, ଲୋକନାଥ ପଣ୍ଡା, ରେଣୁବାଳା ଶତପଥୀ, ମମତା ଖଂଟୁଆ, କ୍ଷିତୀଶ ନାୟକ, ସୌମ୍ୟପ୍ରକାଶ ବିଶ୍ୱାଳ, ଜଗଦାନନ୍ଦ ରାଉତ, କ୍ଷିରାବ୍ଧୀ ତନୟା ମଲ୍ଲିକ ଓ ସମସ୍ତ ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା, ବହୁ ସରପଂଚଂଚ, ସମିତି ସଭ୍ୟ/ସଭ୍ୟା ଯୋଗଦେଇଥିଲେ । ଶେଷରେ ବରିଷ୍ଠ ନେତା ଜଳଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ତରୁଣ ପ୍ରଜ୍ଞା ଭାରତୀ ତରଫରୁ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର , ୧୧/୧୧ (ନି.ପ୍ର): ଆଜି ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନ ତରଫରୁ ଚଳିତ ବର୍ଷର ଚିତ୍ରାଙ୍କନ, ପୁରାଣ ପ୍ରବନ୍ଧ ଓ ଇତିହାସ ପ୍ରବନ୍ଧ ପ୍ରତିଯୋଗିତା ସ୍ଥାନୀୟ ଏନ୍.କେ.ଟି ରୋଡ଼ ସ୍ଥିତ ନାରାୟଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ସକାଳ ୯.୦୦ ଘଂଟ ସମୟରୁ ଆୟୋଜିତ କରାଯାଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ତପନ କିରଣ ତ୍ରିପାଠୀ, ସମ୍ପାଦକ ସୁବର୍ଣ୍ଣ କୁମାରୀ ଖିଲଙ୍କ ସହ ଅଜୟ କୁମାର ମଲିକ, ରବୀନ୍ଦ୍ର ମହାରଣା, ସବିତା ତ୍ରିପାଠୀ ପ୍ରମୁଖ ସଦସ୍ୟମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଚାରକ ମଣ୍ଡଳୀଙ୍କ ଠାରୁ ମାର୍କିଂ ହୋଇ ଆସିବା ପରେ ଅନୁଷ୍ଠାନର ୱାଟସ୍‌ଅପ ଗ୍ରୁପ୍ ଜରିଆରେ ସମସ୍ତ ବିଜେତାଙ୍କ ନାମ ଘୋଷଣା କରାଯିବ। ଆସନ୍ତା ୧୭.୧୧.୨୦୨୪ ରବିବାର ଦିନ ସକାଳ ୮.୦୦ ଘଂଟରୁ ଦୌଡ଼ି ଡିଆଁ, ଧିରଚକ୍ରିକା ଓ ପୁଚି ପ୍ରତିଯୋଗିତା ନାରାୟଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଅନୁଷ୍ଠାନର ବାର୍ଷିକ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ସଭାପତି ଶ୍ରୀ ତ୍ରିପାଠୀ ଗଣମାଧ୍ୟମକୁ ଜଣାଇଥିଲେ।

# ଧାନ ଜମି ବିବାଦରେ ଲାଗିଲା ରଙ୍ଗ ପତକା

ଜୟପୁର , ୧୧/୧୧ (ନି.ପ୍ର): ଜମି ଜମା ବିବାଦ ର ସମାଧାନ ନ ହେବାରୁ ବିବାଦିତ ଜମି ରେ ତହସିଲ ଦାର ଙ୍କ ନିର୍ଦ୍ଦେଶ ରେ ଲାଲ ପତାକା ଲାଗିଛି। ଏଭଳି ଘଟଣା ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ ବିଜାପୁର ପଂଚାୟତ ର ବଣ୍ଡାଗୁଡା ଗ୍ରାମ ରେ ଏକ ଧାନ ଜମି ବିବାଦକୁ ନେଇ ବୋରିଗୁମ୍ମା ପୋଲିସ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଉଭୟ ପକ୍ଷ ଉପସ୍ଥିତ ରେ ଜମି ର ଚତୁର୍ଥ ପାର୍ଶ୍ୱ ରେ ରଙ୍ଗ ପତକା ଗାଡ଼ିଥିବା ଦେଖିବାକୁ ମିଳିଛି । କିଛି ଦିନ ତଳେ ହରିଶ ଚନ୍ଦ୍ର ମଣ୍ଡଳ ନିଜ ଜମି ର ଖାତା ନମ୍ବର୨୦୦/୫ ପ୍ଲଟ ୨୬୭/ ୪୭୨ ,କିସମ ଧାନ କିଆରୀ କୁ ଗ୍ରାମର ଅନ୍ୟ ଜଣେ ଅକ୍ତିଆର କରି ଧାନ ଫସଲ କରୁଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ କ୍ଷଅଭିଯୋଗ ପାଇବା ପରେ ଉଭୟ ପକ୍ଷ୍ୟ ଙ୍କୁ ଆପୋଷ ସମାଧାନ ପାଇଁ କୁହା ଯାଇଥିଲା । ସମାଧାନ ନ ହେବାରୁ ରାଜସ୍ୱ ନିରୀକ୍ଷକ ତଥା ସ୍ଥାନୀୟ ଭଦ୍ର ବ୍ୟକ୍ତି ଙ୍କ ଉପସ୍ଥିତି ରୁ ଅମଳ ହେଇଥିବା ଫସଲ କୁ ସେହି ଗ୍ରାମ ର ୱାର୍ଡ ମେମ୍ବର ବଳରାମ ଗୌଡ଼ ଙ୍କୁ ହସ୍ତାନ୍ତର କରାଯାଇଛି। ପରେ ଫସଲ କାଟିବା ତଥା ଅମଳ ସମୟ ରେ ରାଜସ୍ୱ ନିରୀକ୍ଷକ ପ୍ରତ୍ୟକ୍ଷ ତତ୍ୱବାଧାନ ରେ ଓଜନ କରାଯିବ ବୋଲି ସୂଚନା ମିଳିଛି। ମାମଲା ର ସମାଧାନ ପରେ ଉପରକ୍ତ ଫସଲ କୁ ପ୍ରକୃତ ମାଲିକ ଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି ।ବୋରିଗୁମ୍ମା ଥାନା ପୋଲିସ ଏ.ସ.ଆଇ ଗୋପାଳ ହରିଜନ, ରାଜସ୍ୱ ନିରୀକ୍ଷକ ମିଟୁ ନାୟକ ,ସ୍ଥାନୀୟ ସରପଂଚ ସରପଂଚ ନୀଳାବତି ଯାନୀ, ସମିତି ସଭ୍ୟ ଭାଗିରଥି ମୁଦୁଲି.,ପ୍ରମୁଖ ଉପସ୍ଥିତ ଥିଲେ।

# ୫୩ତମ ବାର୍ଷିକ ସମ୍ମିଳନୀ ପାଇଁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ପ୍ରସ୍ତୁତି ବୈଠକ

ଜୟପୁର , ୧୧/୧୧ (ନି.ପ୍ର): ୫୩ତମ ବାର୍ଷିକ ସମ୍ମିଳନୀ ପାଇଁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ପ୍ରସ୍ତୁତି ବୈଠକ ଆଜି ଜୟପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ନ୍ୟାୟାଳୟ ପରିସରରେ ଓକିଲ ସଂଘ ସଭାପତି ତ୍ରିନାଥ ସିଂ ଲାଲ୍ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କୋଡ଼ିନେଶନ ବୈଠକରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ଓକିଲ ସଂଘ ପ୍ରତିନିଧି ଭାଗ ନେଇଥିଲେ । ଏଥିରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ଅଧକ୍ଷ ଜ୍ଞାନ ରଞ୍ଜନ ମହାନ୍ତି ମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସଭାପତି ନନ୍ଦ ନନ୍ଦନ ଶତପଥି, ସାଧାରଣ ସମ୍ପାଦକ ସଂଜିତ୍ ପାଣିଗ୍ରାହୀ, ଉପ ସଭପତି ଜଗନ୍ନାଥ ମିଶ୍ର, ସମ୍ପାଦକ ମନ ରଞ୍ଜନ ମହାନ୍ତି, ସୁଶାନ୍ତ ମହାପାତ୍ର, ଶିଶିର କୁମାର ନାୟକ, ସହ ସମ୍ପାଦକ ମୋହନ କୁମାର ପଣ୍ଡା, ସଂଗଠନ ସମ୍ପାଦକ ମଧୁ ସୁଦନ ପଣ୍ଡା, କାର୍ଯ୍ୟକାରୀ ସମ୍ପାଦକ ଶିବରାମ ପାତ୍ର ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜୟପୁର ଜିଲ୍ଲା ଓକିଲ ସଂଘ ପକ୍ଷରୁ ପାରଳାଖେମୁଣ୍ଡିରେ ଓକିଲ ପି ରାମା ରାଓ ଙ୍କ ଉପରେ ହୋଇଥିବା ଏସିଡ ମାଡ଼ ଘଟଣାକୁ ନିନ୍ଦା କରାଯାଇଥିଲା । ତୁରନ୍ତ ଦୋଷୀକୁ ଗିରଫ ସହ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ ଏବଂ କ୍ଷତି ପୂରଣ ପ୍ରଦାନ ନିମିତ୍ତ ରାଜ୍ୟ ସରକାର ତାଙ୍କୁ ୩୦ ଲକ୍ଷ ଟଙ୍କା ପ୍ରଦାନ ନେଇ ଦାବି କରାଯାଇଥିଲା । ତତ୍ ସହ ଆଇନଜୀବୀ ସୁରକ୍ଷା ଆଇନ ପାଇଁ ଦାବି କରାଯାଇଥିଲା। ରାଜ୍ୟ ପରିଷଦ ସଦସ୍ୟ ପି ରମେଶ ପାତ୍ରଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଘଟଣା ଅନୁସନ୍ଧାନକାରୀ କମିଟି ଗଠନ କରାଗଲା । ପ୍ରଥମ ଥର ପାଇଁ ଆସନ୍ତା ଡିସେମ୍ବର ୨୯ ଏଂ ୩୦ ତାରିଖ ମାଲକାନଗିରି ରେ ହେବାକୁ ଯାଉଥିବା ୫୩ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସମ୍ମିଳନୀ କୁ ସାଫଲ୍ୟ କରିବାକୁ ନିଷ୍ପତ୍ତି ନିଆଗଲା । ସଭାରେ ଆଇନଜୀବୀ ମାନଙ୍କ ନ୍ୟାୟ ପ୍ରଦାନ ପାଇଁ ସବୁ ଜିଲ୍ଲା ସଦର ମହକୁମାରେ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧିଶ ଉପସ୍ଥିତ ରହି ନ୍ୟାୟ ପ୍ରଦାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ମାଲକାଗିରି ସମ୍ମିଳନୀ ପାଇଁ ରାଷ୍ଟ୍ରପତି, ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି, ମୁଖ୍ୟମନ୍ତ୍ରୀ, ରାଜ୍ୟ ଆଇନ ମନ୍ତ୍ରୀଙ୍କ ସହ ଉଚ୍ଚତମ ନ୍ୟାୟାଳୟ ର ବିଚାରତିମାନେ କିଭଳି ଭାବେ ଯୋଗଦେଇ ପାରିବେ ସେନେଇ ବୈଠକରେ ଆଲୋଚନା ହୋଇଥିଲା । ବୈଠକ ରେ ଆଇନଜୀବୀ ବିଷ୍ଣୁ ପାତ୍ର, ଦାଶରଥି ପଟ୍ଟନାୟକ, ସୁଧୀର ଷଡ଼ଙ୍ଗୀ, ବିଜି ରାୟ ଜେନା ଦେଓଙ୍କ ସହ ମାଲକାନଗିରି ରୁ ବୁନୁ ମହାନ୍ତି, ଲମ୍ବୋଦର ତୁରୁକୁ, କୋରାପୁଟ ରୁ ଅଜିତ ପାତ୍ର, ସଞ୍ଜୟ ଝା, ରାୟଗଡ଼ା ରୁ ଟୁଟୁ ଦାସ, କୋଟପାଡ଼ ରୁ ପ୍ରଦୀପ୍ତ ବକ୍ସି, ଶଙ୍କର ପଣ୍ଡା, ନବରଙ୍ଗପୁର ରୁ ହରି ବେହେରା, ତପନ ସିଂ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗିରିଧର ଖରା, ପି ସନ୍ୟାସୀ ରାଓ, ସହଦେବ ପଟ୍ଟନାୟକ, ରାଜେନ୍ଦ୍ର କୁମାର ଗୌଡ଼, ବୁଲୁ ଶର୍ମା ପ୍ରମୁଖ ସହଯୋଗ କରିଥିଲେ ।

## ବରୁଣେଇ ପାହାଡ଼ରେ ନିଆଁ: ବ୍ୟାପକ କ୍ଷୟକ୍ଷତି

ଖୋର୍ଦ୍ଧା, ୧୧/୧୧ (ନି.ପ୍ର): ବରୁଣେଇ ପାହାଡ଼ରେ ନିଆଁ। ଗତକାଲି ସନ୍ଧ୍ୟାରୁ ବିଳମ୍ବିତ ରାତ୍ରି ଯାଏ ହୁତ୍‌ହୁତ୍ ହୋଇ ନିଆଁ ଜଙ୍ଗଲ ଭିତର ଯାଏ ବ୍ୟାପକ ହୋଇଛି। ନିଆଁର ମାତ୍ରା ଏତେ ଅଧିକ ହୋଇଛି ଯେ, ଦୂର ଦୂର ଯାଏ ବରୁଣେଇ ପାହାଡ଼କୁ ନିରେଖି ଦେଖିଲେ ନିଆଁର ବ୍ୟାପକତା ଜଳଜଳ ଦିଶୁଛି। କେହି ନିଆଁ ଲଗାଇ ଦେଇଥିବା ବନ ବିଭାଗ ଆଶଙ୍କା କରୁଛି। ଆଜି ଦିନ ବେଳା କେହି ପାଣ୍ଡବ ବଖରା ଅଂଚଳକୁ ଯାଇଥିବା ବେଳେ କେହି ଜାଣିଶୁଣି ହେଉ ଅବା ଅଜ୍ଞାତରେ ବିଡି, ସିଗାରେଟ୍ ଟାଣି ନିଆଁ ଛାଡ଼ି ଦେଇ ଆସିଥିବା ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା ଆଶଙ୍କା କରୁଛନ୍ତି। ତେବେ ଜଙ୍ଗଲରେ ଘାସ ଧୀରେ ଧୀରେ ଶୁଖିଲା ହୋଇ ଆସିଲାଣି। ଦୀର୍ଘ ଘଂଟା ଧରି ପରିଶ୍ରମ କରି ବରୁଣେଇ ଶିଖରରୁ ନିଆଁକୁ ସମ୍ପୂର୍ଣ୍ଣ ଆୟତ କରାଯାଇଛି।

# ବଲାଣିରେ ମା’ କାଳୀଙ୍କ ଭସାଣି ସହିତ ସମ୍ପନ୍ନ ହେଲା କାଳୀପୂଜା

ଯୋଡା, ୧୧/୧୧ (ନି.ପ୍ର): ସୀମାନ୍ତ ତଥା ଖଣି ଅଂଚଳ ବଲାଣିରେ ମା ଦୁର୍ଗା ଓ କାଳୀ ପୂଜା କମିଟି ପକ୍ଷରୁ ଆୟୋଜିତ କାଳୀପୂଜା ରବିବାର ମା’ଙ୍କ ବିଦାୟୀ ସହିତ ସମ୍ପନ୍ନ ହୋଇଯାଇଛି । ଏହି ଭସାଣିରେ ପୂଜା କମିଟିର କର୍ମକର୍ତ୍ତା ଏକ ସଭାଯାତ୍ରାରେ ବାହାରି ବଲାଣି ବଜାର, ବିଭିନ୍ନ ଛକ ଓ ବଲାଣି ଖଣି କଲୋନୀ କ୍ଷେତ୍ର ଦେଇ ନିମତୁର ସ୍ଥିତ କାରୋ ନଦୀରେ ମା’ଙ୍କୁ ପାରମ୍ପରିକ ରୀତିନୀତି ରେ ବିଦାୟୀ ଦେଇଥିଲେ । ଅନ୍ୟ ପକ୍ଷରେ ଏଠାରେ ଆୟୋଜିତ ହେଉଥିବା ମେଳା ରବିବାର ରାତି ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ପୂଜା ବିଧି ୩୦ ସେପଟ୍ମେର ଅର୍ଦ୍ଧରାତ୍ରରୁ ଆରମ୍ଭ ହୋଇ ମା’ଙ୍କର ବିଭିନ୍ନ ନୀତି ଅନୁସାରେ ଅନୁଷ୍ଠିତ ହେବା ସହିତ ଆଜି ବିସର୍ଜନ ପୂଜା ବିଧି ସହିତ ସମ୍ପନ୍ନ ହୋଇଯାଇଛି । ତେବେ ଏଠାରେ ମେଳା ୧୪-୧୫ ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଚଳିତ ମାସ ୧୯ ତାରିଖ ଉକ୍ତ ସ୍ଥାନରେ ଖଣି ସୁରକ୍ଷା ସପ୍ତାହ ପାଳନ ହେଉଥିବାରୁ ମେଳା ଅବଧିକୁ ୧୦ ଦିନ ମଧ୍ୟରେ ସୀମିତ ରଖାଯାଇଛି । ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦୁଃଖ ପ୍ରକାଶ ପାଇଛି ତେବେ ଏହି ଦଶ ଦିନ ମଧ୍ୟରେ ଲୋକେ ମେଳାର ଖୁବ ଆନନ୍ଦ ଉଠାଇଛନ୍ତି ବୋଲି ମତ ପ୍ରକାଶ ପାଇଛି ।

# ମା’ ଭୈରବୀ ସ୍ପୋର୍ଟିଙ୍ଗ କ୍ଲବ ତରଫରୁ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ମାଲକାନଗିରି, ୧୧/୧୧ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ମିନି ଷ୍ଟାଡିୟମରେ ମା ଭୈରବୀ ସ୍ପୋର୍ଟିଙ୍ଗ କ୍ଲବ ଆନୁକୁଲ୍ୟରେ ଚଳିତ ବର୍ଷର ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ଟୁର୍ଣ୍ଣାମେଂଟର ବିଶେଷତ୍ୱ ହେଉଛି କୁଡୁମୁଲୁଗୁମ୍ମା ର ଦୁଇ ଦିବଙ୍ଗତ ଯୁବ ବ୍ୟକ୍ତିତ୍ୱ ସାୟଦ ସାମିମ୍ ବାସା ଓ ହୃଦାନନ୍ଦ ସେଠୀ ଙ୍କ ଅକାଳ ବିୟୋଗର ସ୍ମରଣ ଉଦ୍ଦେଶ୍ୟରେ ସମର୍ପିତ । ଉଦଘାଟନୀ ଉତ୍ସବ ର ମୁଖ୍ୟ ଅତିଥି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ରିବନ କାଟି ଆନୁଷ୍ଠାନିକ ଭାବେ ମ୍ୟାଚ ଶୁଭାରମ୍ଭ କରିଥିବା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ, ଜିଲ୍ଲା ପରିଷଦ ସଭ୍ୟ ବଳୀ ମାଝୀ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ସରପଂଚ ମଙ୍ଗଳା ମାଡୀ,ବୁଦ୍ରା ଧାଙ୍ଗଡାମାଝୀ, ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ପ୍ରଧାନ, ସମାଜସେବୀ ଦିବାକର ସୁନା,ସାଧୁ ହନ୍ତାଳ, ଚିତରଞ୍ଜନ ପଟ୍ଟନାୟକ, ଆନନ୍ଦ ଚାରକି, ଜଗନ୍ନାଥ ମାଝୀ ଓ ହେମନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ସୁଧାକର ନାୟକ ମଂଚ ସଂଚାଳନ କରିଥିଲେ । ମୁଖ୍ୟ ଅତିଥି ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦ୍ୱିପ ପ୍ରଜ୍ୱଳନ କରିବା ସହ ଦିବଙ୍ଗତ ଯୁବ ବ୍ୟକ୍ତିତ୍ୱ ସାମିମ୍ ଓ କୁନା ସେଠୀଙ୍କ ତୈଳଚିତ୍ରରେ ସମସ୍ତେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଆଜିର ମ୍ୟାଚଟି ଜଗଦଲପୁର ଓ ଝାରସୁଗୁଡ଼ା ଦଳ ମଧ୍ୟରେ ହୋଇଥିଲା ବେଳେ ଅନ୍ତିମ ସମୟ ସୁଦ୍ଧା ଜଗଦଲପୁର ଦଳ ୩/୧ ଗୋଲ ବ୍ୟବଧାନରେ ପ୍ରଥମ ମ୍ୟାଚ ଜିତିଥିବା ଜଣାପଡିଛି । ମ୍ୟାଚ ର ମୁଖ୍ୟ ରେଫେରୀ ଭାବେ ମାଲକାନଗିରି ଜିଲ୍ଲାର ସତବିର୍ ସିଂରିଆର ପରିଚାଳନା କରିଥିଲେ, ତାଙ୍କୁ ଲଳିତ ରାଉତ, ସୁର୍ଯ୍ୟ ପଲାସୀ ଓ ଶତ୍ରୁଘ୍ନ ବେହେରା ଲାଇନ୍ସମ୍ୟାନ ଭାବେ ସହଯୋଗ କରିଥିଲେ । ଆଜିର ଉଦଘାଟନୀ ଉତ୍ସବ ଆୟୋଜନରେ ମା ଭୈରବୀ ସ୍ପୋର୍ଟିଙ୍ଗ କ୍ଲବ ସଦସ୍ୟ ଦେବେନ୍ଦ୍ର ରାଉତ, ମନୁଆର ବାସା, ମାଧବ ଟାକ୍ରୀ, ଜ୍ୟୋତି ରଞ୍ଜନ ବେହେରା, ହୃଷୀକେଶ ସେଠୀ, କୃଷ୍ଣ ଚନ୍ଦ୍ର ସାହୁ,ଅନୀଲ ସ୍ୱାଇଁ,ପରିମଳ ଦେବନାଥ,ଚିତରଞ୍ଜନ ମିଶ୍ର,କାଳୀ ପ୍ରସାଦ ପ୍ରଧାନ, ଅଶୋକ ରାଜ୍ , ବୁଢା ପ୍ରଧାନ, କେଶବ ଭୋଲ, ମୁନୁ ହୋତା, ସିଟୁ, ସୁବ୍ରତ ଓ ଜଗା ପ୍ରମୁଖ ସହଯୋଗ କରିଥିଲେ ।

## ବର୍ଷୀକି ପ୍ରଦର୍ଶନୀ ଅନୁଷ୍ଠିତ

ଜୟପୁର, ୧୧/୧୧ (ନି.ପ୍ର): ଜୟପୁର ଜୟନଗରସ୍ଥିତ ପାଇକ ସାହିରେ ଥିବା ସାରସ୍ୱତ ବାଲ ମନ୍ଦିର ପ୍ରାଙ୍ଗଣରେ ବହୁ ଆଡ଼ମ୍ବରରେ ପାଳିତ ହୋଇସାରିଛି ବିଦ୍ୟାଳୟର ବାର୍ଷିକ ପ୍ରଦର୍ଶନୀ ଉତ୍ସବ। ଅନୁଷ୍ଠାନର ଅଧକ୍ଷା, ଶିକ୍ଷୟିତ୍ରୀଗଣ, ଛାତ୍ରଛାତ୍ରୀ, ପରିଚାଳନା କମିଟି ଏବଂ ଅଭିଭାବକମାନଙ୍କର ପୂର୍ଣ୍ଣ ସହଯୋଗରେ ଏହି ଦିବସଟି ରୋମାଂଚକର ହୋଇପାରିଥିଲା। ଅନୁଷ୍ଠାନର ସଭାପତି ଅନୁପ ସାମନ୍ତରା ଏବଂ ଉପସଭାପତି ନବୀନ ମହାନ୍ତିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ଓ ଶ୍ରୀଫଳ ଭଗ୍ନ ପୂର୍ବକ ଆନୁଷ୍ଠାନିକ ରୀତିରେ ପ୍ରଦର୍ଶନୀର ଉଦଘାଟନ କରାଯାଇଥିଲା। ଏଭଳି ଏକ ଛୋଟ ଅନୁଷ୍ଠାନରେ ଏକା ସମୟରେ ଆୟୋଜିତ ହୋଇଥିଲା ବିଜ୍ଞାନ, ସାହିତ୍ୟ, ମହାପୁରୁଷଙ୍କ ଫଟୋ, ଫୁଲ, ଔଷଧୀୟ ବୃକ୍ଷ, ଟେଡି, ଖାଦ୍ୟ, ଅସ୍ତ୍ରଶସ୍ତ୍ର, ଗୃହ ସୁସଜ୍ଜିକରଣ ବୃକ୍ଷ, ଡ୍ରଇଂ, ଝୋଟି, ଏବଂ ହସ୍ତକର୍ମ ଭଳି ବାରଟି ପ୍ରଦର୍ଶନୀ । ମୁଖ୍ୟ ମଂଚରେ ଅବ୍ୟାହତ ରହିଥିଲା ପିଲାମାନଙ୍କ ଦ୍ୱାରା ପରିବେଷଣ ହେଉଥିବା ଗୀତ, ଗପ, କବିତା ଆବୃତି, ଅନୁଭୂତି ବର୍ଣ୍ଣନା ଏବି ନୃତ୍ୟ। ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ହସ୍ତକର୍ମକୁ ଅଭିଭାବକମାନେ ମୂଲ୍ୟଦେଇ କିଣି ନେଉଥିଲେ ଏବଂ ପ୍ରୋତ୍ସାହନ ଦେଉଥିଲେ। ଅଭିଭାବକମାନଙ୍କ ଦ୍ୱାରା ମଧ୍ୟ କିଛି ଖାଦ୍ୟ ଦୋକାନ କରାଯାଇ ଦର୍ଶକଙ୍କୁ ଖାଦ୍ୟ ବିକ୍ରି କରାଯାଉଥିଲା। ଏମିତି କହିବାକୁ ଗଲେ ଏକ ମିନି ମିନାବଜାର ଆଜି ଏହି ଅନୁଷ୍ଠାନରେ ଅନୁଷ୍ଠିତ ହୋଇଥିଲା। କୁନି କୁନି ପିଲାମାନଙ୍କର ନିଖୁଣ ପ୍ରଦର୍ଶନରେ ଅନୁଷ୍ଠାନର ନିଷ୍ଠା ଏବଂ କର୍ତବ୍ୟନିଷ୍ଠତା ପ୍ରତିଫଳିତ ହେଉଥିଲା। ଜୟପୁରର ଅନେକ ବରିଷ୍ଠ ବ୍ୟକ୍ତିତ୍ୱ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ।

# ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟି ବୈଠକ

ଜୟପୁର , ୧୧/୧୧ (ନି.ପ୍ର): ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟିର ବୈଠକ ଆଜି ଦିନ ୧୧ଟାରେ ଜୟପୁର ଯାଦବ ଭ୍ବନ ଠାରେ ସଭାପତି ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ରାଜ୍ୟ ସାଂଗଠାନିକ ସମ୍ପାଦକ ଦାୟିତ୍ୱ ବହନ କରିଥିବା ଶ୍ରୀ ପ୍ରଦୀପ ମହାନ୍ତି ଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଏହି ସଭାରେ ଜିଲ୍ଲା ସମ୍ପାଦକ ଶ୍ରୀ ପ୍ରଦୀପ କୁମାର ମହାନ୍ତି ନଭେମ୍ବର ୩,୪ ଦୁଇଦିନ ଧରି ପୁରୀ ସଂସ୍କୃତି ଭବନ ଠାରେ ହୋଇଥିବା ରାଜ୍ୟ ସମ୍ମିଳନୀ ର ପ୍ରସ୍ତାବ ସବୁ ସାଧାରଣ ସଭ୍ୟ ମାନଙ୍କୁ ବୁଝେଇ ଥିଲେ । ଆଗାମୀ ନଭେମ୍ବର -୧୬ ତାରିଖ ଦିନ କୋରାପୁଟ ଜିଲ୍ଲା ପାଳ ଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ଏବଂ ଏଥିରେ ବହୁସଂଖ୍ୟାରେ ଇପିଏସ୍ ପେନସନ୍ ଭୋଗୀ ଯୋଗଦେବା ପାଇଁ ଆହ୍ୱାନ ଦିଆଯାଇଛି। ଜିଲ୍ଲାପାଳ ଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯିବ । ଦାବି ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସର୍ବନିମ୍ନ ପେନସନ୍ ମାସିକ ୯୦୦୦/ ଟଙ୍କା କରିବା ସହ ଡିଏ ସଂଯୋଗ କରିବା, ଓ ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରିବା ଆଦି ମୁଖ୍ୟ ଦାବି ରହିଛି। ଏହି ଦାବି ହାସଲ ପାଇଁ ଇପିଏସ୍ ପେନସନ୍ ଧାରୀ ମାନଙ୍କ ପକ୍ଷରୁ ଦିଲ୍ଲୀ ର ଯନ୍ତର ମନ୍ତର ଠାରେ ଧାରଣା ଜାରି ରହିଛି ଏବଂ ଆସନ୍ତା ୧୮ ତାରିଖ ଦିନ ଓଡ଼ିଶା ରୁ ଶତାଧିକ ପ୍ରତିନିଧି ଧାରଣାରେ ଯୋଗ ଦେବା ପାଇଁ ଯିବେ । ସଭାରେ କାଗଜ କଳ ଶ୍ରମିକ ସଂଘ ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି ଯେ ପ୍ରୋଭିଡେଂଟ୍ ଫଣ୍ଡ୍ ରେ ୨୧୩ ଲକ୍ଷ କୋଟି ଟଙ୍କା ଗଛିତ ରହିଛି ଯାହାକି ଶ୍ରମିକ କର୍ମଚାରୀ ଙ୍କ କଷ୍ଟାର୍ଜିତ ଦେୟ ଏବଂ ତା’ର ସୁଧ ରୁ କିଛି ପରିମାଣର ଅର୍ଥ ଯଦି ଇପିଏସ୍ ପେନସନ୍ ଭୋଗୀ ମାନଙ୍କୁ ଦିଆଯାଏ ତେବେ ମାସିକ ୯୦୦୦/ ଟଙ୍କା ପେନସନ୍ କିଛି ବଡ଼ କଥା ନୁହେଁ , କେବଳ ସରକାର ଙ୍କ ଇଚ୍ଛା ଶକ୍ତି ର ଅଭାବ । ସେବା କାଗଜ କଳ ଶ୍ରମିକ ଉଭୟ ସ୍ଥାୟୀ ଓ ଠିକା ଶ୍ରମିକ ମାନଙ୍କ ପି ଏଫ୍ ପେନସନ ସମ୍ବନ୍ଧିତ ସମସ୍ୟା ସମାଧାନ ପାଇଁ ଆସନ୍ତା ୨୧ ନଭେମ୍ବର ଦିନ ବ୍ରହ୍ମପୁର ଆଂଚଳିକ ପିଏଫ୍ କମିଶନର ଅଫିସ୍ ଆଗରେ ଧାରଣା ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା କାର୍ଯ୍ୟକାରି ସଭାପତି ଶ୍ରୀ ଉମା ରଥ କହିଛନ୍ତି ଯେ ଆଗାମୀ ଦିନରେ ନିଧି ଆପ୍ କେ ନିକଟ କାର୍ଯ୍ୟକ୍ରମ ରେ କଳାଫିତା ଲଗାଇ ପ୍ରତିବାଦ କରାଯିବ । ପି ଏଫ୍ କମିଶନର ଅଧିକାରୀ ମାନେ ସଠିକ୍ ଭାବେ ନ୍ୟାୟ ଦେଉ ନାହାଁନ୍ତି। ଆଜିର ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ପିତବାସ ମିଶ୍ର , କିଶୋର ଚନ୍ଦ୍ର ପଣ୍ଡା , ଜଗବନ୍ଧୁ ହନ୍ତାଳ , ପି ଗୌ।ରୀ ଶଙ୍କର ରାଓ , ଭାସ୍କର ଧଳ , ଏନ୍ ଏସ୍ ଆର୍ ମୁର୍ତ୍ତି, ବୈଜୟନ୍ତୀ ମାଳା ପଣ୍ଡା, ଅଞ୍ଜନା ସାହୁ , ଏ ଏସ୍ ରାଜୁ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଶ୍ରୀ ଜି ପ୍ରସାଦ ରାଓ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାନ୍ତିଆନନ୍ଦ ସତ୍‌ସଙ୍ଗ ଗୋଷ୍ଠିଗୃହ ଉଦ୍‌ଘାଟିତ

ଜୟପୁର, ୧୧/୧୧ (ନି.ପ୍ର): ଜଗଦ୍‌ଗୁରୁ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଶାନ୍ତିଆନନ୍ଦ ସତ୍‌ସଙ୍ଗ ଗୋଷ୍ଠିଗୃହ ଆଜି ଉଦଘାଟିତ ହୋଇଛି । ଜୟପୁର ଲେବର କୋଲନୀ ନିକଟରେ ଏହି ଉଦଘାଟିତ ହୋଇଛି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟିତ କରିଛନ୍ତି । ସ୍ଥାୟୀ ମନ୍ଦିର ନିର୍ମାଣ ପାଇ ଆର୍ଥିକ ସହାୟତା ଦେବା ପାଇ ବିଧାୟକ ଘୋଷଣା କରିଥିଲେ । ଉଦଘାଟନ କାଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କବିରାଜ ପରମେଶ୍ୱର ପାତ୍ର ଯୋଗ ଦେଇଥିବା ବେଳେ ଭାସ୍କର ଗୌଡ, ନାରାୟଣ ଗୌଡ, ବିଜୟ ଗୌଡ, ଗଙ୍ଗାଧର ବେହେରା ପ୍ରମୁଖ କାଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦାଦା ଓ ଦାଦା ପୁଅ ଭାଇକୁ ମରାଣନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ

ଜୟପୁର, ୧୧/୧୧ (ନି.ପ୍ର): ଦାଦା ଓ ଦାଦା ପୁଅ ଭାଇକୁ ଆକ୍ରମଣ ମାମଲାରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଚନ୍ଦନବାଡ ସାହିର ଉମେଶ ନାୟକ (୨୦) ପୋଲିସ ସୁଚନା ଅନୁଯାଇ ଜୟପୁର ଚନ୍ଦରବାଡ ସାହିରେ ରହୁଥିବା କୃଷ୍ଣ ଚନ୍ଦ୍ର ନାୟକ ଓ ତାଙ୍କ ପୁଅ ମରଣାନ୍ତ ଆକ୍ରମଣ ହୋଇଥିଲା । ଅଭିଯୁକ୍ତ ଉମେଶ ଏକ ପଂଚରେ ଆକ୍ରମଣ କରିଥିବା ନେଇ ଜୟପୁର ଟାଉନ ଥାନା ରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୁଚନା ଦେଇଛନ୍ତି । ଦାଦା ଓ ଦାଦା ପୁଅ ଭାଇକୁ ଆକ୍ରମଣ ମାମଲାରେ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଚନ୍ଦନବାଡ ସାହିର ଉମେଶ ନାୟକ (୨୦) ପୋଲିସ ସୁଚନା ଅନୁଯାଇ ଜୟପୁର ଚନ୍ଦରବାଡ ସାହିରେ ରହୁଥିବା କୃଷ୍ଣ ଚନ୍ଦ୍ର ନାୟକ ଓ ତାଙ୍କ ପୁଅ ମରଣାନ୍ତ ଆକ୍ରମଣ ହୋଇଥିଲା । ଅଭିଯୁକ୍ତ ଉମେଶ ଏକ ପଞ୍ଚରେ ଆକ୍ରମଣ କରିଥିବା ନେଇ ଜୟପୁର ଟାଉନ ଥାନା ରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୁଚନା ଦେଇଛନ୍ତି ।

# ଶିଳ୍ପାୟନ ଦ୍ୱାରା ନିଷ୍କାସିତ ପାଉଁଶର ସଠିକ୍ ପରିଚାଳନା ସମ୍ପର୍କିତ ସମୀକ୍ଷା ବୈଠକ

ସମ୍ବଲପୁର, ୧୧/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେ ରାଜସ୍ୱ ବିଭାଗୀୟ ଆୟୁକ୍ତ ଙ୍କ କାର୍ଯ୍ୟାଳୟ ଠାରେ ଓଡିଶାର ମନ୍ତ୍ରୀ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ସୁରେଶ ପୂଜାରୀ ଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର, ସୁନ୍ଦରଗଡ ଏବଂ ଝାରସୁଗୁଡା ଜିଲ୍ଲା ଗୁଡିକରେ ଶିଳ୍ପଗୁଡିକ ଦ୍ୱାରା ନିଷ୍କାସିତ ପାଉଁଶ(ଫ୍ଲାଏ-ଆଶ) ପକାଇବା ର ଉପଯୁକ୍ତ ପରିଚାଳନା ନିମନ୍ତେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ସମ୍ବଲପୁରରେ ପ୍ରାୟ ୯୪% ତାପଜ ବିଦ୍ୟୁତ ଉତ୍ପାଦନ କରି ରାଜ୍ୟ କୁ ଯୋଗାଇଥାନ୍ତି । କିନ୍ତୁ ବିଦ୍ୟୁତ ଉତ୍ପାଦନ ସହିତ ଅନ୍ୟ ସମସ୍ୟା ମଧ୍ୟ ଉପୁଜିଥାଏ ଯାହା ହେଉଛି ନିଷ୍କାସିତ ପାଉଁଶ (ଫ୍ଲାଇ ଆଶ୍) । ଏହାର ଉପଯୁକ୍ତ ପରିଚାଳନା ଏବଂ ଜନସାଧାରଣ ଙ୍କୁ ସୁରକ୍ଷିତ ପରିବେଶ ଯୋଗାଇଦେବା ଏବଂ ସମାଧାନ ପ୍ରସ୍ତାବ ଉଦ୍ଦେଶ୍ୟରେ ଅନୁଷ୍ଠିତ ବୈଠକ ରେ ମନ୍ତ୍ରୀ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ , ଓଡିଶା ସରକାର ଶ୍ରୀ ରବିନରାୟଣ ନାୟକ, କେନ୍ଦ୍ରମନ୍ତ୍ରୀ, ଶିକ୍ଷା ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି, ସୁନ୍ଦରଗଡର ସାଂସଦ ଜୁଏଲ ଓରାମ ଙ୍କ ପ୍ରତିନିଧି, ସମ୍ବଲପୁର ର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର, ରେଢାଖୋଲ ର ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ର ବିଧାୟକ ସୁଦର୍ଶନ ହରିପାଲ, ତାଳଚେରର ବିଧାୟକ ବ୍ରଜ କିଶୋର ପ୍ରଧାନ, ଝାରସୁଗୁଡା ର ବିଧାୟକ ଟଙ୍କଧର ତ୍ରିପାଠୀ, ତଳସରା ର ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡର ବିଧାୟକ ଯୋଗେଶ କୁମାର ସିଂ, ରାଜଗାଙ୍ଗପୁର ର ବିଧାୟକ ସିଏସ ରାଜନ ଇକ୍କା, ଛେଣ୍ଡିପଦା ର ବିଧାୟକ ଅଗସ୍ତି ବେହେରାଙ୍କ ପ୍ରତିନିଧି ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଉପରୋକ୍ତ ବୈଠକରେ ଜନସାଧାରଣ ଙ୍କୁ ସ୍ୱଚ୍ଛ ଜଳ, ବାୟୁ ଓ ନିରାପଦ ପରିବେଶ ଯୋଗାଇଦେବା ପରିପ୍ରେକ୍ଷୀରେ ଶିଳ୍ପଗୁଡିକ ଦ୍ୱାରା ନିଷ୍କାସିତ ଫ୍ଲାଇ ଆଶ୍ ଡମ୍ପିଂ, ଫ୍ଲାଇ ଆଶ୍ ପରିବହନ, ଫ୍ଲାଇ ଆଶ୍ ର ଉପଯୁକ୍ତ ବ୍ୟବହାର, ପାଉଁଶ ପୋଖରୀରେ ପାଉଁଶ (ଫ୍ଲାଇ ଆଶ୍) ର ନିଷ୍କାସନ ଆଦି ର ପରିଚାଳନା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଭୂତଳ ଜଳର ଗୁଣବତା ଯାଂଚ କରିବା ସହିତ ଭୂତଳ ଜଳ ଉପରେ ଫ୍ଲାଇ ଆଶ୍ ଡମ୍ପିଂର ପ୍ରଭାବ ସମ୍ପର୍କରେ ପରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କୁ ଏହି ସବୁ ଅଞ୍ଚଳରେ ଭୂତଳ ଜଳ ର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ଦାଖଲ ପାଇଁ ଦୁଇ ମାସ ସମୟ ଦିଆଯାଇଛି। ବେଆଇନ ଭାବେ ଫ୍ଲାଇ ଆଶ୍ ଫିଙ୍ଗିବା ରୋକିବା ପାଇଁ ଜିଲ୍ଲା ପ୍ରଶାସନକୁ ସବିଶେଷ ତଥ୍ୟ ପ୍ରଦାନ କରାଯିବ । ଯେଉଁ ଅଂଚଳରେ ଫ୍ଲାଇ ଆଶ୍ ଫିଙ୍ଗି ଦିଆଯାଉଛି ସେଠାରେ ଜନଜୀବନ ପ୍ରତି ଯେପରି କୌଣସି ପ୍ରକାର ର ବିପଦ ସୃଷ୍ଟି ନହୁଏ ସେଥିପାଇଁ ଥିବା ନିୟମାବଳୀ କୁ ଅନୁସରଣ କରି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ପ୍ରମୁଖ ଚିନ୍ତାର ବିଷୟ ହେଉଛି ଫ୍ଲାଇ ଆଶ୍ ର ପରିବହନ, ଯାହାକୁ ଅନେକ ଥର ବିନା କଭରେଜ୍ ରେ ପରିବହନ କରାଗଲେ ରାସ୍ତାରେ ପଡିଯାଇଥାଏ । ଏହାର ମୁକାବିଲା ପାଇଁ ଫ୍ଲାଇ ଆସ୍ ଡମ୍ପିଂ ସମୟ ନିର୍ଦ୍ଧାରଣ କରାଗଲେ ଯାହାଦ୍ୱାରା ଏ ସମ୍ପର୍କରେ ଅଧିକ ସ୍ପଷ୍ଟ ଭାବରେ କାର୍ଯ୍ୟକାରୀ କରାଯାଇପାରିବ। କୌଣସି ଅଘଟଣ କିମ୍ବା ବେଆଇନ ଡମ୍ପିଂ ଯେପରି ନ ହୁଏ ତାହା ସୁନିଶ୍ଚିତ କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ,ଜିଲ୍ଲା ପରିବହନ ଅଧିକାରୀ, ସମ୍ପୃକ୍ତ ଜିଲ୍ଲା ଲୋକପ୍ରତିନିଧି ଙ୍କ ର ମିଳିତ ଭାବରେ ଏକ ସମନ୍ୱୟ କମିଟି ଗଠନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଂଚଳରେ ସର୍ବାଧିକ ଶିଳ୍ପ ଗୁଡିକ ଥିବାରୁ ଅନ୍ୟ ଏକ ପ୍ରମୁଖ ଚିନ୍ତା ଉପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ଆଲୋକପାତ କରିଥିଲେ ଯାହା ହେଉଛି ଜଳାଶୟ ଗୁଡିକରେ ବର୍ଜ୍ୟଜଳ ନିଷ୍କାସନ ଏବଂ ଏହାର ନିରାକରଣ କରିବା ପାଇଁ ଜଳାଶୟ ଗୁଡିକରେ ବର୍ଜ୍ୟଜଳ ନିଷ୍କାସନ ପୂର୍ବରୁ ବିଶୋଧନ କରାଯିବା ଆବଶ୍ୟକ ଏବଂ ବର୍ଜ୍ୟବସ୍ତୁକୁ ପୁନଃବ୍ୟବହାର କରିବା ପାଇଁ ଉପଯୁକ୍ତ ପଦ୍ଧତି କୁ ଅନୁପାଳନ କରାଯିବା ଆବଶ୍ୟକ ବୋଲି କହିଥିଲେ । ରାଜସ୍ୱ ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଆଜି ଅନୁଷ୍ଠିତ ଆଲୋଚନା ଏକ ବହୁତ ଭଲ ପ୍ରାରମ୍ଭ, ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରି ବିକଶିତ ହେବାକୁ ଥିବା ବ୍ୟବସ୍ଥା ଫଳପ୍ରଦ ହେବ ଏବଂ ଏକ ବିକଶିତ ଦେଶ ଗଠନ ରେ ସହାୟକ ମଧ୍ୟ ହେବ । ଉକ୍ତ ବୈଠକ ରେ ରାଜସ୍ୱ ବିଭାଗୀୟ ଆୟୁକ୍ତ, ଉତରାଂଚଳ ଡିଭିଜନ, ଓଡ଼ିଶା, ସମ୍ବଲପୁର ସଚିନ କୁମାର ଯାଦବ, ପୋଲିସ ଆଇଜ ଉତରାଂଚଳ, ସମ୍ବଲପୁର ଶ୍ରୀ ହିମାଂଶୁ ଲାଲ, ସମ୍ବଲପୁର, ସୁନ୍ଦରଗଡ, ଅନୁଗୁଳ ଏବଂ ଝାରସୁଗୁଡା ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ, ଙ୍କ ସମେତ ଅନାନ୍ୟ ସମ୍ପୃକ୍ତ ବିଭାଗୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଶ୍ରୀରାଧା ପାଦଦର୍ଶନ



ଭୋଳାନାଥ ସାହୁ

ଅପୂର୍ଣ୍ଣତା ହିଁ ଅଭିବୃଦ୍ଧିର ଉତ୍କର୍ଷ । କାରଣ ଏ ଜଗତ ଅପୂର୍ଣ୍ଣ ବୋଲି ତାହା ଚଳଚଂଚଳ, ମାନବ ସମାଜ ଅପୂର୍ଣ୍ଣ ବୋଲି ତାହା ସଚେଷ୍ଟ ଏବଂ ବ୍ୟକ୍ତିବିଶେଷ ଅପୂର୍ଣ୍ଣ ବୋଲି ସେ କ୍ରିୟାଶୀଳ । ସତେଯେମିତି ଅପୂର୍ଣ୍ଣତାର ମଧ୍ୟ ଦେଇ ପୂର୍ଣ୍ଣତାର ସନ୍ଧାନ କରିବାହିଁ ସୃଷ୍ଟି ପ୍ରକ୍ରିୟାର ଚିରନ୍ତନ ନିୟମ । ଯେଉଁ ନିୟମ କିଛି କରିବାକୁ ମଣିଷକୁ ପ୍ରେରଣା ଦିଏ । କଥାରେ ଅଛି ଋତୁମଧ୍ୟେ ବସନ୍ତ ଆଉ ମାସ ମଧ୍ୟେ କାର୍ତ୍ତିକ ଶ୍ରେଷ୍ଠ । ସେ ଯେମିତି ହାତଠାରି ଡ଼ାକେ - ଆସ ଅଗକୁ ଯିବା ହାତଧରି ଆଗକୁ ଆଗେଇ ଚାଲୁଛି ଆଉ ଦର୍ଶନ କରୁଛି ତାର ଆରାଧ୍ୟକୁ । ମହାପ୍ରଭୁ ସାକ୍ଷୀଗୋପାଳ ବୃନ୍ଦାବନର ଠାକୁର । ସାକ୍ଷୀଦେବା ପାଇଁ ବ୍ରାହ୍ମଣଙ୍କ ସହିତ ଚାଲିଚାଲି ଆସି ଏଠାରେ ବଦ୍ଧରୂପ ଧାରଣ କଲେ । ସବୁଠି ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି ଦେଖିବାକୁ ମିଳେ । ମାତ୍ର ସାକ୍ଷୀ ଗୋପାଳରେ ସେ ଏକାକୀ ଅବସ୍ଥାନ କରୁଥିଲେ । ରାଧାବିନା ତାଙ୍କର ପୂଜା ଅଧୁରାହୋଇ ରହିଥିଲା । ସେଥିପାଇଁ ମହାପ୍ରଭୁ ମନ୍ଦିର ଛାଡ଼ି ପାଗଳ ପ୍ରାୟ ଏଣେତେଣେ ଚାଲିଯାଉଥିଲେ । ସାକ୍ଷୀଗୋପାଳରେ ଦୃଷ୍ଟାନ୍ତ ରହିଛି – ସାକ୍ଷୀଗୋପାଳ ମନ୍ଦିରର ବଡ଼ପଣ୍ଡା ଥିଲେ ବେଲେଶ୍ୱର ମହାପାତ୍ର । ତାଙ୍କର ଲକ୍ଷ୍ମୀ ନାମରେ କନ୍ୟାଟିଏ ଥିଲା । ସେ ରାଧାକୁଳରେ ଜନ୍ମ ନେଇଥିଲେ । ସେ ପ୍ରଭୁଙ୍କର ଜଣେ ଭକ୍ତ ଭାବରେ ସବୁଦିନ ମନ୍ଦିରକୁ ଯାଇ ପ୍ରଭୁଙ୍କର ପୂଜାର୍ଚ୍ଚନା କରୁଥିଲେ । ସତ୍ୟବାଦୀର ବକୁଳବନରୁ ସୁବାସିତ ଫୁଲମାନ ସଂଗ୍ରହ କରି ମାଳା ତିଆରି କରି ଠାକୁରଙ୍କୁ ଅର୍ପଣ କରୁଥିଲା । ସନ୍ଧ୍ୟାବେଳେ ସଂଜବତୀ ଜାଳି ପ୍ରଭୁଙ୍କୁ ନିବେଦନ କରୁଥିଲା । ପ୍ରଭୁ ଲକ୍ଷ୍ମୀର ଭକ୍ତି ନିବେଦନରେ ସନ୍ତୁଷ୍ଟ ହୋଇ ରାତ୍ରୀରେ ବଡ଼ପଣ୍ଡା ବେଲେଶ୍ୱର ମହାପାତ୍ରଙ୍କ ଘରକୁ ବିଜେ କରୁଥିଲେ । ଫେରିବା ସମୟରେ କେତେବେଳେ ମହାପ୍ରଭୁ ପାଦର ନୁପର ତ, କେତେବେଳେ ବଂଶୀ, କେତେବେଳେ ପଣତକାନି ତ ପୁଣି କେତେବେଳେ ମୟୂରଚୁଳକୁ ଛାଡ଼ି ଆସୁଥିଲେ । ବଡ଼ପଣ୍ଡାଙ୍କ ଘରୁ ମହାପ୍ରଭୁଙ୍କ ଆଭୂଷଣ ମିଳୁଥିବାରୁ ରାଜାଘର ଲୋକେ ବଡ଼ପଣ୍ଡାଙ୍କୁ ଦୋଷ ଦେବାକୁ ଲାଗିଲେ । ତୁମେ ପହୁଡ଼ ପକାଇ ମନ୍ଦିର ବନ୍ଦ କରି ଘରକୁ ଯିବା ପରେ ପ୍ରଭୁଙ୍କର ଏ ସମସ୍ତ ଆଭୁଷଣ ତୁମଘରକୁ କିପରି ଯାଉଛି ? ବଡ଼ପଣ୍ଡାଙ୍କୁ ଦୋଷାରୋପ କରାଯିବାରୁ ମହାପ୍ରଭୁ ସ୍ୱପ୍ନାଦେଶ ହୋଇ କହିଲେ – "ରାଧାବିନା ମୁଁ ନିଃସଂଗ ଜୀବନ ବିତାଉଛି । ବୃନ୍ଦାବନରୁ ପୁରୀ ଓ ପୁରୀରୁ ସାକ୍ଷୀଗୋପାଳରେ ପହଂଚିବା ପରେ ରାଧାବିନା ପୂଜା ଏଠି ଅଧୁରା ହୋଇ ପଡ଼ିଛି । ରାଧାବିନା କିଛି ହୋଇପାରିବ ନାହିଁ । ତେଣୁ ରାଧାର ପ୍ରତିମୂର୍ତ୍ତି ଏଠାରେ ନିର୍ମାଣ କରାଯାଉ । ରାଧାରୂପରେ ଏଠି ବଡ଼ପଣ୍ଡାଙ୍କର କନ୍ୟା ଲକ୍ଷ୍ମୀ ଜନ୍ମ ନେଇଛନ୍ତି । ତାଙ୍କର ଆକୃତି/ସ୍ୱରୂପକୁ ନେଇ ସେମିତିକା ମୂର୍ତ୍ତିଟିଏ ଏଠାରେ ଗଢ଼ାଯାଉ । ସେହିମୂର୍ତ୍ତିକୁ ମନ୍ଦିରରେ ପ୍ରତିଷ୍ଠା କରି ମନ୍ଦିର ସିଂହାସନରେ ପୂଜା କରାଯାଉ ।" ଠାକୁରଙ୍କ ନିର୍ଦ୍ଦେଶରେ ତାହାହିଁ ହେଲା । ମହାରାଜା ରଣପୁର ଅଂଚଳରୁ କାରିଗର ଡ଼କାଇ ଅଷ୍ଟଧାତୁରେ ରାଧାରାଣୀଙ୍କର ପ୍ରତୀମା ନିର୍ମାଣ କରାଇଲେ । କାରିଗର ମାନେ ଯେତେବେଳେ ରାଧାରାଣୀଙ୍କର ପ୍ରତୀମା ନିର୍ମାଣ କରୁଥିଲେ ସେତେବେଳେ ବାରମ୍ବାର ପ୍ରତୀମାର ମସ୍ତକରେ ଛିଦ୍ର ଆସୁଥାଏ । ତେଣେ ବଡ଼ପଣ୍ଡା ଘରେ କନ୍ୟା ଲକ୍ଷ୍ମୀ ରୋଗାକ୍ରାନ୍ତ ହୋଇ ନିସ୍ତେଜ ହୋଇପଡୁଥାଏ । ମୂର୍ତ୍ତି ନିର୍ମାଣରେ ନାନାଦି ବିଘ୍ନ ଦେଖାଦେଉଥାଏ । ବହୁ ବାଧାବିଘ୍ନ ସତ୍ତ୍ୱେ ଯେତେବେଳେ ମନ୍ଦିରରେ ରାଧାରାଣୀଙ୍କର ପ୍ରତୀମା ନିର୍ମାଣ ଶେଷ ହୋଇଛି, ସେତେବେଳେ ବଡ଼ପଣ୍ଡାଙ୍କର କନ୍ୟା ଲକ୍ଷ୍ମୀଙ୍କର ଦେହାନ୍ତ ହୋଇଛି । ମୂର୍ତ୍ତି ପ୍ରତିଷ୍ଠା ସହିତ ଠାକୁରଙ୍କ ଅଙ୍ଗଲାଗି କରାଯାଇଛି । ଏହା ସହିତ ମହାପ୍ରଭୁଙ୍କ ସମ୍ମୁଖରେ ଲକ୍ଷ୍ମୀର ପାର୍ଥିବ ଶରୀର ଚିତା ସଜାଡ଼ି ସଂସ୍କାର କରିଛନ୍ତି । ବଡ଼ପଣ୍ଡାଙ୍କର କନ୍ୟା ଲକ୍ଷ୍ମୀହିଁ ଏଠାରେ ରାଧା ରୂପରେ ଜନ୍ମ ନେଇଥିଲେ । ଯେହେତୁ ସେ ସେବକ ଘରର କନ୍ୟା ଥିଲେ ତେଣୁ ମହାପ୍ରଭୁଙ୍କର ସେବା କରିବା ପାଇଁ କେତେବେଳେ ହାତ ପ୍ରସାରି ତାମ୍ବୁଳ, କେତେବେଳେ ପୁଷ୍ପ, ପୁଣି କେତେବେଳେ ଆଲଟଚାମର ପ୍ରଦାନ କରୁଥିଲେ । ସେହି ଦୃଶ୍ୟକୁ ମନ୍ଦିରରେ ମନୋଜ୍ଞ ଭାବରେ ଚିତ୍ରଣ କରାଯାଇଛି । ବିଶେଷତଃ, କାର୍ତ୍ତିକ ମାସରେ ପ୍ରଭୁଙ୍କର ନୃତ୍ୟରତ ଭଙ୍ଗୀରେ ରାଧାଦାମୋଦର ବେଶ ଏକାନ୍ତ ଆକର୍ଷଣୀୟ । ପୁଣି କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ରାଧାପାଦ ଦର୍ଶନ ଏକାନ୍ତ ଅପୂର୍ବ ଓ ଦିବ୍ୟ ମଧ୍ୟ । ଶ୍ରୀରାଧା ବର୍ଷର ୩୬୪ ଦିନ ଉତରଭାରତୀୟ ବେଶଭୂଷାରେ ସଜିତା ହୋଇଥାନ୍ତି । ମାତ୍ର ଗୋଟିଏ ଦିନ ଶ୍ରୀରାଧା ପାଟଶାଢୀ ପାଣିଆ କଛା ମାରି ଖାଂଟିଓଡ଼ିଆଣି ବେଶରେ ସଜ୍ଜିତା ହୋଇଥାନ୍ତି । ଯାହାଦ୍ୱାରା ସମସ୍ତ ଶ୍ରଦ୍ଧାଳୁ ଶ୍ରୀରାଧାଙ୍କର ପାଦଦର୍ଶନ କରି ବୈକୁଣ୍ଠ ଯାତ୍ରାର ସୁଯୋଗ ଲାଭ କରନ୍ତି । ଏହା ସହିତ ଓଡ଼ିଆ ଘରର ଝିଅ ଲକ୍ଷ୍ମୀଙ୍କର ଏହା ଦେହାନ୍ତ ଦିବସ ଓ ଶ୍ରୀରାଧା ଭାବରେ ପ୍ରତିଷ୍ଠିତ ହୋଇ ସାକ୍ଷୀଗେପାଳରେ ପୂଜା ପାଉଛନ୍ତି – ଏହାକୁ ମନେପକାଇବା ପାଇଁ କାର୍ତ୍ତିକ ଶୁକ୍ଳପକ୍ଷ ନବମୀ ତିଥି ବେଶ ଗୁରୁତ୍ୱପୂର୍ଣ୍ଣ ।



କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀତିଥିକୁ ଅକ୍ଷୟନବମୀ କୁହାଯାଏ । ଏହି ଦିବସରେ ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ବିଷ୍ଣୁଙ୍କୁ ଆରାଧନା କରୁଥିବା ସମୟରେ ହଠାତ ତାଙ୍କ ଆଖିରୁ ୨ ଟୋପା ଲୁହଗଡ଼ି ଧରା ପୃଷ୍ଠରେ ପଡ଼ିଲା । ଯେଉଁଥିରୁ ଅଂଳା ବୃକ୍ଷର ଉତ୍ପତି ହୋଇଥିଲା ବୋଲି କୁହାଯାଏ । ବ୍ରହ୍ମାଙ୍କର ଲୁହରୁ ଅଁଳା ବୃକ୍ଷ ସୃଷ୍ଟି ହୋଇଥିବାରୁ ଏହିବୃକ୍ଷ ତାଙ୍କର ଏକାନ୍ତ ପ୍ରିୟଥିଲା । ଏହି ବୃକ୍ଷର ଅନେକ ମହାତ୍ମ୍ୟ ରହିଛି । ଅଁଳାବୃକ୍ଷ ପୂଜନ ଦ୍ୱାରା ମା' ଲକ୍ଷ୍ମୀଙ୍କ ସାନିଧ୍ୟ ଲାଭ ସହିତ ଭଗବାନ ବିଷ୍ଣୁଙ୍କର କୃପା ମଧ୍ୟ ମିଳିଥାଏ । ଏହିଦିନରେ ଅଁଳା ବୃକ୍ଷକୁ ପୂଜାକଲେ, ତା ଚାରିପାଖରେ ୮/୧୦୮ ଥର ପରିକ୍ରମା କଲେ କିମ୍ବା ବୃକ୍ଷ ମୂଳରେ ବସି ପ୍ରସାଦ ସେବନ କଲେ ଶରୀରର ସମସ୍ତ କଷ୍ଟ ଯନ୍ତ୍ରଣା ଲଘବ ହୁଏ, ପରିବାରର ମଙ୍ଗଳ ସାଧିତ ହୁଏ ଓ ସର୍ବୋପରି ପୁ ସନ୍ତାନର ଜନକ/ଜନନୀ ହେବାର ସୌଭାଗ୍ୟ ଲାଭ କରନ୍ତି । ଏହିଦିନ ବ୍ରହ୍ମମୁହୂର୍ତ୍ତରେ ସ୍ନାନ କରି ନିଷ୍ଠାର ସହିତ ପାଳନ କଲେ ଅବଷ୍ୟ ଫଳପ୍ରାପ୍ତି ମିଳିଥାଏ । ଏହି ଦିବସ ଅଁଳାନବମୀ ଭାବରେ ଖ୍ୟାତ ।

ଆଧାତ୍ମିକତା ବାସ୍ତବତାର ପ୍ରେରଣା ଯୋଗାଏ । ସମସ୍ତ ଅନୀତି ଅନ୍ୟାୟରୁ ମାର୍ଗ କଢ଼ାଇନିଏ । ପ୍ରାଚୀନ ସମାଜରେ ବୃକ୍ଷଲତା, ନଦୀନାଳ, ଚନ୍ଦ୍ରସୂର୍ଯ୍ୟ, ଗ୍ରହନକ୍ଷତ୍ର ପ୍ରଭୃତିର ପୂଜାପାଠଠାରୁ ଆଜିର ମନ୍ଦିରଦିଅଁ ପୂଜନ ମଧ୍ୟଦେଇ ମଣିଷ ସମର୍ପଣର ଭାବନେଇ ଆଗେଇଚାଲିଛି । ସତେଯେପରି ନିଷ୍ଠା ଓ ସାଧନାର ପଥହିଁ ତାକୁ ଆଗକୁ ଆଗେଇନେଇ ଚାଲିଛି । ଏଥିପାଇଁ ଲୋଡ଼ା ବିଶ୍ୱାସ । ସେହି ବିଶ୍ୱାସହିଁ ଆଜିର ମଣିଷର ନିଶ୍ୱାସର ନିୟନ୍ତକ ସାଜିଛି । ବତୀଘରଟିଏ ପରି ଜୀବନକୁ ସାହାରା ଦେଇଚାଲିଛି ।

+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ
ଶିକ୍ଷାବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଂଜ
ମୋ:୯୯୩୭୧୫୧୩୧୦

# ପରଫେକ୍ଟ ଲାଇଫ ଷ୍ଟାଇଲ

**ସମୟ ବଦଳୁଛି, ତା ସହ ଜୀବନଶୈଳୀ । ତେବେ ସୁସ୍ଥ ଆଉ ସୁନ୍ଦର ଜୀବନଶୈଳୀ ପାଇଁ ଆପଣନ୍ତୁ କୋଟୋଟି କଥା, ଯେମିତିକି ଆପଣ ହୋଇପାରିବେ ପରଫେକ୍ଟ ଲାଇଫ୍ ଷ୍ଟାଇଲର ଅଧିକାରୀ ...**



*ଏପରି କରନ୍ତୁ ଦିନର ଆରମ୍ଭ:-*

ସକାଳୁ ଶୀଘ୍ର ଉଠନ୍ତୁ । ନିତ୍ୟକର୍ମ ସାରି କିଛି ସମୟ ଏକ୍ସରସାଇଜ କିମ୍ବା ମେଡିଟେଶନ କରନ୍ତୁ । କାରଣ ଏହାର ପ୍ରଭାବ ଜୀବନର୍ଶେଳୀ ଉପରେ କଣ ପଡ଼େ ତାହା ଅନୁଭବୀ ହିଁ ଜାଣେ। ଏହାପରେ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ରାତିରେ ଅତିକମ୍‌ରେ ୬/୭ ଘଣ୍ଟା ଶୁଅନ୍ତୁ। କାରଣ ପରିଶ୍ରମ ଅନୁସାରେ ଉପଯୁକ୍ତ ବିଶ୍ରାମ ଶରୀରକୁ ଫିଟ ରଖିବା ସହ ସକାରାତ୍ମକ ମାନସିକତା ଦିଗରେ ସହାୟକ ହୋଇଥାଏ। ଦିନକୁ ୮ଗ୍ଲାସ ପାଣି ପିଅନ୍ତୁ। ଲଞ୍ଚ, ଡିନର ଠିକ୍ ସମୟରେ ଶେଷ କରିବା ସହ ତଟକା ଫଳମୂଳ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।



ବନ୍ଧୁପରିଜନଙ୍କ ସହ ସୁସମ୍ପର୍କ ରଖନ୍ତୁ । ବ୍ୟସ୍ତ ଜୀବନ ମଧ୍ୟରୁ ବନ୍ଧୁ ପରିଜନଙ୍କ ପାଇଁ କିଛି ସମୟ ବାହାର କରନ୍ତୁ । ସେମାନଙ୍କ ସହ ସୁସମ୍ପର୍କ ରଖିଲେ ଆପଣଙ୍କ ଲାଇଫ୍ ଷ୍ଟାଇଲରେ ବହୁତ ପରିବର୍ତ୍ତନ ଆସିଥାଏ । ପର୍ବପର୍ବାଣି କିମ୍ବା ଛୁଟିଦିନରେ ଆପଣ ଏହାର ମଜା ଉଠାଇପାରିବେ ।

*ଟାଇମମ୍ୟାନେଜମେଣ୍ଟ:-*

ଟାଇମ୍ ମ୍ୟାନେଜମେଣ୍ଟ କରିପାରୁଥିବା କବିତା, ଗପ ଲେଖିବା, ବହି ପଢ଼ିବା ଇତ୍ୟାଦି। ଏପରି କରିବା ଦ୍ୱାରା କାର୍ଯ୍ୟ କରିବାର ଆଗ୍ରହ ଓ ଉତ୍ସାହ ବଢ଼ଇଥାଏ ।

ନିଜ ଇଚ୍ଛା କମ୍ କରନ୍ତୁ:- ଆପଣଙ୍କ ଇଚ୍ଛା ଓ ଅଭିଳାଷ ଅଧିକ ହେଲେ ସମସ୍ୟାର ମାତ୍ରା ବଢ଼ିଥାଏ । କିନ୍ତୁ ଏହାର ବିପରୀତ ଦିଗ ଦେଖିଲେ ସମସ୍ୟା କମ୍ ଲାଗିଥାଏ । ଇଚ୍ଛା ଓ ଅଭିଳାଷ ଉପରେ ଆପଣ ଯେତେ ନିୟନ୍ତ୍ରଣ ରଖିବେ ଜୀବନରେ ଟେନସନ୍‌ଠାରୁ ସେତେ ଦୂରରେ ରହିବେ।

*ଅତୀତକୁ ଭୁଲିଯାଆନ୍ତୁ:-*

ଯଦି ଆପଣଙ୍କ ଜୀବନରେ ଅତୀତରେ କେବେ କୌଣସି ଅପ୍ରୀତିକର ବା ଦୁଃଖଦ ଘଟଣା ଘଟିଛି ତେବେ ସେହି ସ୍ମୃତିକୁ ବାରମ୍ବାର ମନେ ପକାନ୍ତୁ ନାହିଁ । ଅତୀତକୁ ଭୁଲି ବର୍ତ୍ତମାନରେ ଚାଲିବାଟା ଠିକ୍ । ଅତୀତକୁ ସବୁବେଳେ ମନେ ପକାଇଲେ ଆପଣ ବର୍ତ୍ତମାନର ମଜା ଉଠାଇପାରିବେ ନାହିଁ ।

*ଟେନସନ ଠାରୁ ଦୂରରେ ରୁହନ୍ତୁ:-*


ଆଜିକାଲି ଘରେ ହେଉ ବା ବାହାରେ ପ୍ରତିଟି ଜାଗାରେ କିଛି ନା କିଛି ଟେନସନ୍ ଲାଗି ରହୁଛି । ଏହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଏଥିପାଇଁ ବ୍ଲଡ୍‌ପ୍ରେସର ଅସନ୍ତୁଳିତ ରହିଥାଏ । ନିଦ ଉପରେ ପ୍ରଭାବ ପଡ଼ିଥାଏ । ପର୍ଯ୍ୟପ୍ତ ନିଦ ନ ହେଲେ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ତ୍ୱଚା ଉପରେ ମଧ୍ୟ ଏହାର ଖୁବ୍ ପ୍ରଭାବ ପଡ଼ିଥାଏ ।

*ଅଯଥା ଯୁକ୍ତିତର୍କ କରନ୍ତୁ ନାହିଁ:-*

ନିରର୍ଥକ ଯୁକ୍ତିତର୍କ କରିବା ଠାରୁ ଦୂରରେ ରୁହନ୍ତୁ । ଏହା କେବଳ ସମୟର ଅପଚୟ କରିଥାଏ ।

# ଆପଣ ସବୁବେଳେ ଦୁର୍ବଳ ଅନୁଭବ କରୁଛନ୍ତି କି; କରନ୍ତୁ ଏହି ଯୋଗ, ଶରୀରରେ ଖେଳିଯିବ ଶକ୍ତି

ଦିନ ସାରା କ୍ଲାନ୍ତ ଲାଗିବା ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଆପଣ ଦିନସାରା ଶୋଇଲେ ବି କିଛି ଲାଭ ହୁଏନି। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ପାଇଁ ଆପଣ ଯୋଗ କରିପାରିବେ। ଆଜିକାଲିର ଖରାପ ଜୀବନଶୈଳୀ, ଖାଦ୍ୟରେ ଗଡବଡ ଏବଂ ଲୋକମାନେ ଅନେକ ଶାରୀରିକ ଏବଂ ମାନସିକ ସମସ୍ୟାର ଶିକାର ହେଉଛନ୍ତି। ଏମିତି ଅବସ୍ଥାରେ ଅନୁଭବ କରିବା ସ୍ୱାଭାବିକ। ଆପଣ ବିଶ୍ରାମ ନିଅନ୍ତି ବା କିଛି କାମ ନ କରନ୍ତୁ କିନ୍ତୁ ଆଭ୍ୟନ୍ତରୀଣ କ୍ଲାନ୍ତ ଅନୁଭବ କରନ୍ତି। ଏହି ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଆପଣ ଦିନସାରା ବିଛଣାରେ ଶୋଇବାକୁ ଚାହାଁନ୍ତି। ତଥାପି, ଶରୀରରେ ଏତେ ଶକ୍ତି ଅଭାବ ରୁହେ ଦୁର୍ବଳ ଲାଗେ। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଯୋଗ କେବଳ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ଆପଣଙ୍କ ଉର୍ଜାକୁ ମଧ୍ୟ ଭାବରେ ଆପଣଙ୍କ ଶରୀର ହାଲୁକା ଏବଂ ଶକ୍ତିଶାଳୀ ଅନୁଭବ କରେ। ଯଦି ଆପଣ ମଧ୍ୟ ଏମିତି ତେବେ ଏହି ଯୋଗାସନାକୁ ଆପଣଙ୍କର ନିୟମିତ ଅଭ୍ୟାସରେ ଅନ୍ତର୍ଭୁକ୍ତ କରନ୍ତୁ।




ଦୁର୍ବଳତାକୁ ଦୂର କରିବା ପାଇଁ, ଏହି ସମସ୍ୟାରୁ ମୁକ୍ତି ପାଇବା ନିଦ୍ରା ଅଭାବ ହେତୁ ବ୍ୟକ୍ତି ଦିନସାରା କ୍ଲାନ୍ତ ଭାବରେ ଆପଣ ଦୁର୍ବଳ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ, ଯେ ଶରୀର ଓଜନିଆ ଲାଗେ, ଆପଣ ଯୋଗ କରିପାରିବେ। ବଢାଇଥାଏ। ଆଭ୍ୟନ୍ତରୀଣ ସମସ୍ୟାର ସମ୍ମୁଖିନ ହେଉଛନ୍ତି

*ବାଳାସନ:*

ନିୟମିତ ବାଳାସନ ଅଭ୍ୟାସ କରନ୍ତୁ। ଏହି ଆସନ ଚାପକୁ ହ୍ରାସ କରିଥାଏ ଏବଂ ଶକ୍ତି ମଧ୍ୟ ଯୋଗାଇଥାଏ। ବାଳାସନ କରିବାକୁ ହେଲେ ଆଣ୍ଠୁ ଉପରେ ଭୂମିରେ ବସନ୍ତୁ। ଉଭୟ ପାଦକୁ ଏକାଠି ସ୍ପର୍ଶ କରି ଗୋଇଠିକୁ ସାମାନ୍ୟ ଛଡା ରଖନ୍ତୁ। ପିଚାକୁ ଲଗେଇ ଗୋଇଠି ମଝିରେ ବସନ୍ତୁ। ଦୁଇ ଆଣ୍ଠୁକୁ ପ୍ରସାରିତ କରି ରଖନ୍ତୁ ଏକ ଗଭୀର ଶ୍ୱାସ ନେଇ ହାତକୁ ଉପରକୁ ଉଠାନ୍ତି, ଏବଂ ଶ୍ୱାସ ଛାଡି ଆଗକୁ ଝୁଙ୍କନ୍ତୁ। ପେଟକୁ ଦୁଇ ଜଙ୍ଘ ମଝିରେ ରଖନ୍ତୁ। ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ। ପରେ ମୂଳ ଅବସ୍ଥାକୁ ଆସନ୍ତୁ।

*ଧନୁରାସନ:*

ଥାଇରଏଡରେ ଧନୁରାସନ ଅଭ୍ୟାସ ଅତ୍ୟନ୍ତ ଲାଭଦାୟକ। ଏହି ଆସନ ଶକ୍ତିଶାଳୀ କରିବା ସହିତ ମେଦବହୁଳତା ହ୍ରାସ କରାଏ। ଏହି ଆସନ ଅଭ୍ୟାସ କରିବା ପାଇଁ ପେଟ ମାଡି ଶୋଇ ପଡନ୍ତୁ ଏବଂ ଅଣ୍ଟା ଆଡକୁ ପାଦ ଆଣନ୍ତୁ। ବର୍ତ୍ତମାନ ଉଭୟ ପାଦକୁ ଦୁଇ ହାତରେ ଧରି ରଖିବାକୁ ଚେଷ୍ଟା କରନ୍ତୁ। ତା'ପରେ ମୁଣ୍ଡ, ଛାତି ଏବଂ ଜଙ୍ଘକୁ ଉପରକୁ ଉଠାନ୍ତୁ ଏବଂ ଶରୀରର ଓଜନକୁ ପେଟର ନିମ୍ନ ଭାଗରେ ରଖନ୍ତୁ। କିଛି ସମୟ ଏହି ଅବସ୍ଥାରେ ରହି ମୂଳ ଅବସ୍ଥାକୁ ଫେରନ୍ତୁ।



*ତାଡାସନ:*

ଏହି ଆସନ ସମଗ୍ର ଶରୀର ଉପରେ ପ୍ରଭାବ ପକାଏ। ତାଡାସନ କରିବାକୁ ସିଧା ଠିଆ ହୁଅନ୍ତୁ ଏବଂ ଗୋଡ ମଧ୍ୟରେ କିଛି ଦୂରତା ରଖନ୍ତୁ। ଏକ ଗଭୀର ଶ୍ୱାସ ନେଇ ଉଭୟ ହାତ ଉପରକୁ ଉଠାନ୍ତୁ। ଉପରକୁ ଭିଡି ହୋଇ ଦୁଇ ଗୋଇଠି ଉଠାନ୍ତୁ ଆଉ ପାଦ ଆଙ୍ଗୁଠି ଉପରେ ଠିଆ ହୁଅନ୍ତୁ। ଏହି ଅବସ୍ଥାରେ ଶରୀରର ପ୍ରତ୍ୟେକ ଅଙ୍ଗ ଟାଣି ହୁଏ। ଏହି ଅବସ୍ଥାରେ କିଛି ସମୟ ରହିବା ପରେ ସାଧାରଣ ସ୍ଥିତିକୁ ଫେରନ୍ତୁ। ଏହି ଆସନକୁ ୧୦ରୁ ୧୫ଥର ପୁନରାବୃତ୍ତି କରନ୍ତୁ।

*ଶବାସନ:*

ଶାରୀରିକ ଏବଂ ମାନସିକ ଥକାପଣ ଦୂର କରିବା ପାଇଁ ଶବାସନ ଖୁବ ଲାଭଦାୟକ। ଏହି ଆସନ କରିବା ପାଇଁ, ପିଠି ପଟିଆ ଶୋଇ ଯାଆନ୍ତୁ ଏବଂ ଦୁଇ ଗୋଡ କିଛି ବ୍ୟବଧାନରେ ରଖି ଢିଲା ଛାଡିଦିଅନ୍ତୁ। ଦୁଇ ହାତକୁ ଶରୀରଠାରୁ ଅଳ୍ପ ଦୂରରେ ରଖି ଧୀରେ ଧୀରେ ଆଙ୍ଗୁଠି ଠାରୁ ଆରମ୍ଭ କରି ସମଗ୍ର ଶରୀର ଉପରେ ଧ୍ୟାନ ଦିଅନ୍ତୁ। ମନକୁ ଶାନ୍ତ ରଖନ୍ତୁ ଏବଂ ଶରୀରରେ ଶକ୍ତି ଖେଳିଯିବା ଅନୁଭବ କରନ୍ତୁ।

# ରସୁଣକୁ ଦେଶୀ ଘିଅରେ ଭାଜି ଖାଆନ୍ତୁ, ଏହି ସବୁ ସ୍ୱାସ୍ଥ୍ୟଗତ ସମସ୍ୟାର କରିଥାଏ ସମାଧାନ

ରସୁଣରେ ବହୁ ଔଷଧୀୟ ଗୁଣ ଭରି ରହିଛି। ସେଥିପାଇଁ ଏହାକୁ କେବଳ ମସଲା ଭାବେ ବ୍ୟବହାର କରାଯାଏ ନାହିଁ। ଅନେକ ରୋଗର ଉପଶମ ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଏ। ରସୁଣ ହେଉଛି ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିଫଙ୍ଗଲ ଓ ଆଣ୍ଟିଭାଇରାଲ। ଏଥିରେ ଭିଟାମିନ ସି, ଭିଟାମିନ ବି-୬, ସେଲେନିୟମ, କ୍ୟାଲସିୟମ, ଆଇରନ, ଫସଫରସ ଓ ଫାଇବର ରହିଛି। ରସୁଣକୁ କଞ୍ଚା ଖିଆଯାଇପାରେ ଅବା ଭାଜି ଅବା ଡାଲି ଓ ତରକାରୀ ଆଦିରେ ପକାଇ ଖିଆଯାଇପାରେ। କିନ୍ତୁ ଆପଣ ଜାଣନ୍ତି କି ରସୁଣକୁ ଦେଶୀ ଘିଅରେ ଭାଜି ଖାଇଲେ ଅନେକ ରୋଗର ମୂଳୋତ୍ପାଟନ କରିବାରେ ସହାୟକ ହୋଇଥାଏ। ରସୁଣ ଖାଇଲେ ପାଟି ଜଳିଥାଏ। କିନ୍ତୁ ଏହାକୁ ଦେଶୀ ଘିଅରେ ଭାଜିଲେ ରାଗ ହୋଇନଥାଏ। ସେହିଭଳି ଘିଅରେ ଭାଜିଲେ ଏଥିରୁ ବାହାରୁ ଥିବା ଗନ୍ଧ ମଧ୍ୟ ହ୍ରାସ ପାଇଯାଏ। ରାତିରେ ରସୁଣର ଚୋପା ଛଡ଼ାଇ ଦିଅନ୍ତୁ ଓ ପାଣିରେ ପକାଇ ରଖନ୍ତୁ। ତା'ପର ଦିନ ପାଣିରୁ ରସୁଣକୁ କାଢ଼ି ଦେଶୀ ଘିଆରେ ଭାଜି ଖାଆନ୍ତୁ। ଦେଶୀ ଘିଅରେ ଭାଜି ହେବା ପରେ ରସୁଣର ସ୍ୱାଦ ବଦଳି ଯାଏ। ଆଉ ଏହାକୁ ଖାଇଲେ ଅନେକ ରୋଗରୁ ଉପଶମ ମିଳେ।

ରସୁଣକୁ ଦେଶୀ ଘିଅରେ ଭାଜି ଖାଇଲେ ବ୍ରେନ୍ ଷ୍ଟ୍ରୋକ୍ ହେବାର ଆଶଙ୍କା କ୍ଷୀଣ ହୋଇଯାଏ। ଏହା ସହିତ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ଏହା ସହାୟକ ହୋଇଥାଏ।

ଯେଉଁ ଲୋକମାନଙ୍କର ରୋଗ ପ୍ରତିଷେଧକ ଶକ୍ତି କମ୍, ସେମାନେ ରସୁଣକୁ ଦେଶୀ ଘିଅରେ ଭାଜି



ଖାଇବା ଉଚିତ। ଏହା ଦ୍ୱାରା ସେମାନଙ୍କ ରୋଗ ପ୍ରତିଷେଧକ ଶକ୍ତି ବଢ଼ିବ। ରସୁଣ ଆଣ୍ଟିଅକ୍ସିଡେଣ୍ଟ ଓ ଆଣ୍ଟି-ଇନ୍‌ଫ୍ଲମେମଟରୀ ଗୁଣରେ ଭରପୂର। ଆଉ ଏହା ଶରୀରରୁ ବିଷାକ୍ତ ଜିନିଷକୁ ବାହାର କରିବାରେ ସାହାଯ୍ୟ କରିଥାଏ। ରସୁଣକୁ ଦେଶୀ ଘିଅରେ ଭାଜି ଖାଇଲେ କିଛି ଅଟୋ ଇମ୍ୟୁନ ଡିଜିଜ, ଯେମିତିକି ଅର୍ଥରାଇଟିସ ଓ ଲ୍ୟୁପସର ଯନ୍ତ୍ରଣାରୁ ରକ୍ଷା ମିଳିବ।

# ଘରେ ତିଆରି କରନ୍ତୁ ତାଡ଼ିଆ ମିଠା



ଆବଶ୍ୟକ ସାମଗ୍ରୀ: କ୍ଷୀର,ଚିନି, ମଇଦା, ଛେନା, ଅଳେଇଚ ଗୁଣ୍ଡ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କରେଇରେ କ୍ଷୀରକୁ ଗରମ କରନ୍ତୁ। କ୍ଷୀର ଗରମ ହୋଇଯିବା ପରେ ସେଥିରେ ଚିନି ପକାନ୍ତୁ। କ୍ଷୀରରେ ଚିନି ମିଶିବା ପର୍ଯ୍ୟନ୍ତ ଏହାକୁ ଭଲ ଭାବରେ ଗୋଳାନ୍ତୁ। ଏହାପରେ କ୍ଷୀରକୁ ଦଶରୁ ପନ୍ଦର ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ । କ୍ଷୀର ଫୁଟି ଫୁଟି ଅଧା ହୋଇଗଲା ପରେ ତାହାକୁ ଓହ୍ଲାଇ ଏକ ପାତ୍ରରେ ରଖି ଦିଅନ୍ତୁ। ଏକ ପାତ୍ରରେ ଛେନାକୁ ଭଲ ଭାବେ ଚିପୁଡ଼ି ରଖନ୍ତୁ । ଏହାପରେ ଛେନାରେ ମଇଦା ମିଶାଇ ଭଲ କରି ଚକଟି ଦିଅନ୍ତୁ । ଚକଟି ସାରିବା ପରେ ଏହାକୁ ଗୋଲ ଗୋଲ କାକରାର ଆକାର ତିଆରି କରି ଏକ ପାତ୍ରରେ ରଖନ୍ତୁ । ଏହାପରେ କରେଇରେ ତେଲକୁ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ପ୍ରସ୍ତୁତ କାକରା ଗୁଡିକୁ ଛାଣନ୍ତୁ। ଏହାକୁ ଅଳ୍ପ ନାଲି ରଙ୍ଗ ହୋଇଗଲା ପର୍ଯ୍ୟନ୍ତ ଛାଣନ୍ତୁ। ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଛଣା କାକରାକୁ ଆଗରୁ ପ୍ରସ୍ତୁତ ହୋଇଥିବା କ୍ଷୀରରେ ପକାନ୍ତୁ। ସେଥିରେ ଅଳେଇଚ ଗୁଣ୍ଡ ପକାଇ କିଛି ସମୟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ତାଡ଼ିଆ ମିଠା। ଆଜି ଦୀପାବଳିରେ ଏହି ମିଠାକୁ ଘରେ ତିଆରି ଠାକୁରଙ୍କ ପାଖରେ ଭୋଗ ଲଗାନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଡାକଘର ଜମା ସମ୍ବନ୍ଧରେ....

କେନ୍ଦ୍ର ସରକାର ତାଙ୍କର ଚିରାଚରିତ ଢଙ୍ଗରେ ପୁଣି ଥରେ ଡାକଘର ଜମା ସମ୍ବନ୍ଧୀୟ ନିୟମାବଳୀର ସାର୍ବଜନିନ ସୂଚନା ବିନା ସଂଶୋଧନ କରିଦେଇଛନ୍ତି । ଦୀର୍ଘ ପ୍ରାୟ ଚାରିଦଶନ୍ଧି ଧରି ଭବିଷ୍ୟତ ଆର୍ଥିକ ନିରାପତ୍ତା ପାଇଁ ନିର୍ଭରଯୋଗ୍ୟ ଓ ଆକର୍ଷଣୀୟ ସୁଧ ହାର ପ୍ରଦାନ କରିଆସୁଥିବା ଜାତୀୟ ସଞ୍ଚୟ ଯୋଜନାକୁ ଗତ ଅକ୍ଟୋବର ପହିଲାଠାରୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନିଆଯାଇଛି । ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଖାତାଧାରୀମାନେ ସେମାନଙ୍କ ଜମା ରାଶିକୁ କାଢ଼ି ନେଇ ଖାତା ବନ୍ଦ କରିଦେବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି । ଦୁର୍ଭାଗ୍ୟଜନକ ହେଉଛି ଯେ ଏ ସମ୍ବନ୍ଧରେ ଜମାକାରୀମାନେ ସମ୍ପୃକ୍ତ ଡାକଘରକୁ ଯିବା ପରେ ଯାଇ ଅବଗତ ହୋଇଛନ୍ତି । ଏପରିକି ସବୁ ଡାକଘର ପୋଷ୍ଟମାଷ୍ଟରମାନେ ମଧ କେନ୍ଦ୍ର ସରକାରଙ୍କ ଉପରୋକ୍ତ ସଂଶୋଧିତ ନିୟମ ସମ୍ବନ୍ଧରେ ଅବଗତ ନ ଥିବାରୁ ଅକ୍ଟୋବର ମାସରେ କେତେକ ଡାକଘରେ ନୂଆ ଭାବେ ଏନ୍‌ଏସ୍‌ଏସ୍ ଖାତା ଖୋଲିବା ପାଇଁ ଅନୁମତି ଦେଇସାରିଛନ୍ତି । ଆହୁରି ଚିନ୍ତାଜନକ ହେଉଛି ଜମାକାରୀମାନେ ଖାତା ବନ୍ଦ କରି ସେମାନଙ୍କ ଜମା ରାଶି ଉଠାଇବା ବେଳେ ମୂଳଧନ ସହିତ ପାଇଥିବା ସୁଧ ଉପରେ ୧୦% ଆୟକର ତଣ୍ଡ ଗଣିବାକୁ ବାଧ ହେବେ । ମୁଖ୍ୟତଃ ଆୟକର ରିହାତି ଜରିଆରେ ଉଚ୍ଚ ଆୟକାରୀ ଓ ବେତନଭୋଗୀଙ୍କୁ ଜାତୀୟ ପାଣ୍ଠି ଗଠନରେ ସହଯୋଗ କରିବା ପାଇଁ ୧୯୮୭ ମସିହାରେ ଏନ୍‌ଏସ୍‌ଏସ୍ ଆରମ୍ଭ ହୋଇଥିଲା । ଏଥିରେ ବାର୍ଷିକ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମାରେ ଆୟକର ଆଇନ ୧୯୬୧ ଧାରା ୮୦ ସି ଅଧୀନରେ ଆୟକର ରିହାତି ମିଳୁଥିଲା । ୧୯୯୨ରେ ଏହି ଯୋଜନା ସାମୟିକ ବନ୍ଦ ହୋଇ ପୁନର୍ବବାର ଆରମ୍ଭ ହେଲା ଏବଂ ୨୦୦୨ ପର୍ଯ୍ୟନ୍ତ ଚାଲିଲା, ଯେଉଁଥିରେ ବାର୍ଷିକ ୧୧% ହାରରେ ସୁଧ ମିଳୁଥିଲା । ଚାରିବର୍ଷ ପର୍ଯ୍ୟନ୍ତ ମୂଳଜମା ଉଠାଣରେ କଟକଣା ଥିଲା । ଏହା ମୁଖ୍ୟତଃ ଆୟକର ରିହାତି ପାଇଁ ଉଦ୍ଦିଷ୍ଟ ଥିବାରୁ ଖାତା ବନ୍ଦ କରିବା ବେଳେ ଖାତାଧାରୀଙ୍କୁ ମୂଳ ଜମା ଓ ସୁଧ ଉପରେ ଆୟକର ଦେବାକୁ ପଡୁଥିଲା, ଯାହା ସ୍ୱାଭାବିକ । ଆକର୍ଷଣୀୟ ସୁଧ ହାର ଦୃଷ୍ଟିରୁ ବେତନଭୋଗୀ ବା ଆୟକରଦାତା ସମେତ ନିମ୍ନମଧବିତ୍ତ ଓ ମଧବିତ୍ତମାନେ ମଧ ଅନେକ ସଂଖ୍ୟାରେ ଏନ୍‌ଏସ୍‌ଏସ୍ ଖାତା ଖୋଲିଥିଲେ । କିନ୍ତୁ ଜମା ଓ ସୁଧ ବାବଦ ରାଶି ସମ୍ପୂର୍ଣ୍ଣ ଉଠାଣବେଳେ ଆୟକର ପୈଠ ସର୍ତ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଥିବାରୁ ଏବଂ ମୂଳ ଖାତାଧାରୀଙ୍କ ଅବର୍ତ୍ତମାନରେ ସେମାନଙ୍କର ଉତ୍ତରାଧିକାରୀଙ୍କୁ ସମ୍ପୂର୍ଣ୍ଣ କରମୁକ୍ତ ପ୍ରାପ୍ୟ ମିଳିବାର ନିୟମ ଥିବାରୁ ବହୁ ଖାତାଧାରୀ ଆକାଉଣ୍ଟ ବନ୍ଦ ନ କରି ଭବିଷ୍ୟ ପିଢ଼ି ପାଇଁ ଆର୍ଥିକ ନିରାପତ୍ତା ଭାବେ ଚଲାଇ ରଖିଥିଲେ । ୨୦୦୨, ଫେବୃଆରୀ ୨୮ରୁ ଏହି ଯୋଜନାର ପଛରେ ଥିବା ମୂଳ ଉଦ୍ଦେଶ୍ୟ ବନ୍ଦ ହୋଇଯାଇଥିଲେ ମଧ ଏନ୍‌ଏସ୍‌ଏସ୍ ଖାତାଧାରୀମାନଙ୍କୁ ସରକାର ୨୦୦୩ ମାର୍ଚ୍ଚ ୧ ତାରିଖରୁ ୨୦୨୪, ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବାର୍ଷିକ ୭.୫% ହାରରେ ଜମାରାଶି ଉପରେ ସୁଧ ଦେଇ ଆସୁଥିଲେ । ଏବେ ଏହି ଯୋଜନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ଆୟକର ପୈଠ ପୂର୍ବକ ଖାତା ବନ୍ଦ କରିବାକୁ ସରକାରୀ ନିର୍ଦ୍ଦେଶନାମା ଜାରି ହେବା ପରେ ଜୀବନର ସାୟାହ୍ନରେ ପହଞ୍ଚିସାରିଥିବା ଖାତାଧାରୀମାନେ ଆକସ୍ମିକ ମାନସିକ ଓ ଆର୍ଥିକ ନିର୍ଯାତନାର ଶିକାର ହୋଇଥିବା ପ୍ରତିକ୍ରିୟାମାନ ପ୍ରକାଶ ପାଇବାରେ ଲାଗିଛି । ବିଶେଷକରି ଅଣଆୟକରଦାତା ଖାତାଧାରୀମାନେ ଅଯଥାରେ ଆୟକର ତଣ୍ଡ ଗଣିବା ସାର ହୋଇଛି । ଏପରିକି ବିମୁଦ୍ରାୟନ ପରେ ଏହାକୁ କେନ୍ଦ୍ର ସରକାରଙ୍କର ଡାକଘର ସଞ୍ଚୟ ଯୋଜନା ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ ଭାବେ ଅଭିହିତ କରାଯାଉଛି । ମଫସଲର ଅପାଠୁଆ ଓ ଅଳ୍ପପାଠୁଆ ଗରିବ ପରିବାରର କଷ୍ଟାର୍ଜିତ ସ୍ୱଳ୍ପ ଧନକୁ ସୁରକ୍ଷିତ ଭାବେ ସଞ୍ଚୟ କରିବା ଏବଂ ସେମାନଙ୍କ ଆବଶ୍ୟକତା ସମୟରେ ସୁଧ ସମେତ ସହାୟତା କରି ଭାରତୀୟ ଡାକଘର ସେମାନଙ୍କ ସୁଖଦୁଃଖର ସାଥୀ ହୋଇଆସିଛି ପ୍ରାକ୍ ସ୍ୱାଧୀନତା ଅମଳରୁ । ବ୍ୟାଙ୍କର ଜଟିଳ କାରବାର ଓ ପରିବେଶ ସହିତ ଖାପ୍ ଖୁଆଇ ପାରୁନଥିବା ଗ୍ରାମୀଣ ଭାରତର ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସେବା ଆରମ୍ଭ କରାଯାଇଥିଲେ ମଧ କାଳକ୍ରମେ ମଧବିତ୍ତ ଓ ଉଚ୍ଚ-ମଧବିତ୍ତଙ୍କ ପାଇଁ ଡାକଘର ସଞ୍ଚୟ ଖାତା ଜମା ଯୋଜନା, ମିଆଦୀ ଜମା ଯୋଜନା, ମାସିକ ଆୟ ଯୋଜନା, ବରିଷ୍ଠ ନାଗରିକ ସଞ୍ଚୟ ଆୟ ଯୋଜନା, ଜାତୀୟ ସଞ୍ଚୟ ଯୋଜନା ଆଦି ଲୋକଙ୍କ ଆର୍ଥିକ ନିରାପତ୍ତା ଦୃଷ୍ଟିରୁ ଏକ ନିର୍ଭରଯୋଗ୍ୟ ଓ ସୁରକ୍ଷିତ ସ୍ଥାନ ଭାବେ ବିବେଚିତ ହୋଇଆସୁଛି । କିନ୍ତୁ ଗତ କିଛିବର୍ଷ ଧରି ଡାକଘର ସଞ୍ଚୟ ଜମା ଯୋଜନା ତା'ର ମୂଳ ଓ ମହତାକାଂକ୍ଷୀ ଲକ୍ଷ୍ୟରୁ ଦୂରେଇ ଯାଇ କ୍ରମଶଃ ବ୍ୟବସାୟିକ କୈନ୍ଦ୍ରିକ ହୋଇପଡୁଥିବା ଅଭିଯୋଗ ହେଉଛି । ବିଶେଷକରି ବିଗତ ଦଶନ୍ଧିରେ ଡାକଘର ସମ୍ବନ୍ଧୀୟ ନିୟମାବଳୀ ଓ ସର୍ତ୍ତାବଳୀରେ ଯେଉଁକେତେକ ପରିବର୍ତ୍ତନ ଓ ସଂଶୋଧନ ହୋଇଚାଲିଛି ସେଥିରେ ଯେ ଗରିବଙ୍କ କଲ୍ୟାଣ ପ୍ରତି ସମ୍ବେଦନଶୀଳତାର ଅଭାବ ରହୁଛି ଏହାକୁ ଅସ୍ୱୀକାର କରିହେବ ନାହିଁ । ନିୟମାବଳୀ ଓ କଟକଣାରେ ହେଉଥିବା ସଂଶୋଧନ ବା ପରିବର୍ତ୍ତନ ସମ୍ପର୍କରେ ଏହାର ପ୍ରକୃତ ହିତାଧିକାରୀ ଜମାକାରୀ ଓ ଜନସାଧାରଣଙ୍କୁ ପ୍ରାକ୍ ସୂଚନା ମିଳୁନାହିଁ । ସମ୍ପୂର୍ଣ୍ଣ ଅଗୋଚରରେ ଥିବା ବିଚରା ଅପାଠୁଆ ଜମାକାରୀଟିଏ ଜରୁରୀ ପରିସ୍ଥିତିରେ ଟଙ୍କା ଉଠାଇବାକୁ ଯିବା ବେଳେ ଡାକଘରରୁ ହିଁ ସେ ସମ୍ବନ୍ଧରେ ଜାଣିବାକୁ ପାଉଛି ଏବଂ ହଇରାଣ ହରକତ ହୋଇ ଫେରୁଛି । ଦେଶର ଗରିବଙ୍କ ଅତ୍ୟାବଶ୍ୟକ ବେଳେ ସେମାନଙ୍କ ହାତକୁ ସେମାନଙ୍କ ଦ୍ୱାରା ସଞ୍ଚିତ ଅର୍ଥ ଦେବା ପାଇଁ ଓ ବରିଷ୍ଠ ନାଗରିକଙ୍କ ବାର୍ଦ୍ଧକ୍ୟାବସ୍ଥାରେ ଜରୁରୀ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପୂର୍ବରୁ ଡାକଘର ସଞ୍ଚୟ ଜମା ଖାତାରେ ସର୍ବନିମ୍ନ ଜମା ପରିମାଣକୁ ଅତି ଅଳ୍ପ ବା ନାମକୁ ମାତ୍ର ରଖାଯାଇଥିଲା । କିନ୍ତୁ ଇତିମଧ୍ୟରେ ଡାକ ବିଭାଗ ଏହି ନିୟମକୁ ବଦଳାଇ ଦେଇ ସର୍ବନିମ୍ନ ଜମା ପରିମାଣ ୫୦୦ ଟଙ୍କା ରଖିବା ବାଧ୍ୟତାମୂଳକ ବୋଲି ନିୟମ କରିଛି । ତେଣୁ ଯେଉଁ ଗରିବ ପରିବାର ଆଜି ମଧ ୧୦୦ ଟଙ୍କାକୁ ଗଣ୍ଠିଧନ କରି ରଖୁଛନ୍ତି, ଅଥଚ ସେମାନଙ୍କ ଡାକଘର ଜମା ଖାତାରେ ମାତ୍ର ୫୦୦ ଟଙ୍କା ଅଛି, ସେମାନେ ଜରୁରୀ ଆବଶ୍ୟକ ବେଳେ ୫୦ ଟଙ୍କା ମଧ ଉଠାଇ ପାରିବେ ନାହିଁ । ସେହିପରି ଗୋଟିଏ ଡାକଘରୁ ଅନ୍ୟ ଡାକଘରକୁ ଜମା ଖାତା ସ୍ଥାନାନ୍ତରଣ ପ୍ରକ୍ରିୟା ପୂର୍ବରୁ ସମ୍ପୂର୍ଣ୍ଣ ଦେୟମୁକ୍ତ ଥିବା ବେଳେ ଏବେ ସେଥିପାଇଁ ଖାତାଧାରୀଙ୍କୁ ଦେୟ ଦେବାକୁ ପଡୁଛି । ନିଜ ଜୀବନ ଓ ଭବିଷ୍ୟପିଢ଼ିର ଆର୍ଥିକ ନିରାପତ୍ତା ପାଇଁ ଉଦ୍ଦିଷ୍ଟ ଡାକଘର ଜୀବନ ବୀମା କରିଥିବା ବୀମାଧାରୀମାନେ ପ୍ରିମିୟମ୍ ଜମା କରିବା ବେଳେ ମଧ ତା' ଉପରେ ଜିଏସ୍‌ଟି ବାବଦରେ କଡ଼ାଗଣ୍ଡା ଅସୁଲ କରିବାକୁ ସରକାର ବାହାଦୂର ନୀତି ପ୍ରଣୟନ କରିସାରିଛନ୍ତି । ମୋଟ ଉପରେ କହିଲେ କେନ୍ଦ୍ର ସରକାରଙ୍କ ନୀତିଗତ ନିଷ୍ପତ୍ତି ଏବେ ଭାରତୀୟ ଡାକଘରକୁ ଗରିବଙ୍କ ଆତ୍ମାରୁ ଦୂରେଇ ନେଇ ଧନୀମାନଙ୍କ ପାଇଁ ବ୍ୟାଙ୍କଜମାର ବିକଳ୍ପର ରୂପ ଦେଉଛି ।

# ଟ୍ରମ୍ପଙ୍କ ବିଜୟ ପରେ

**ସୌମେନ୍ଦ୍ର ଜେନା**

୫ ନଭେମ୍ବର ୨୦୨୪ରେ ଆମେରିକାରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ କ୍ଷମତାସୀନ ଦଳ ଡେମୋକ୍ରାଟର ପ୍ରାର୍ଥୀ କମଳା ହାରିସଙ୍କୁ ପରାସ୍ତ କରି ରିପବ୍ଲିକାନ ପାର୍ଟିର ପ୍ରାର୍ଥୀ ଡୋନାଲଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ୨୦ ଜାନୁଆରୀ ୨୦୨୫ରେ ସେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିବେ । ଆମେରିକାର ବ୍ୟବସ୍ଥା ଅନୁଯାୟୀ ଯେଉଁ ରାଜ୍ୟରେ ରାଷ୍ଟ୍ରପତି ପ୍ରାର୍ଥୀ ଅଧିକ ଭୋଟ ପାଇଥାନ୍ତି ସେହି ରାଜ୍ୟର ସବୁ ଭୋଟ ତାଙ୍କ ସପକ୍ଷରେ ଯାଇଥାଏ । ଥରେ ନିର୍ବାଚନରେ ୨୦୨୦ରେ ହାରିଯିବା ପରେ ପୁନର୍ବାର ଟ୍ରମ୍ପ ଯେପରି ସଫଳତା ପାଇଲେ ତାହା ଶତାବ୍ଦୀରେ ପ୍ରଥମ ବୋଲି କୁହାଯାଉଛି । ପ୍ରଥମେ ବର୍ତ୍ତମାନର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ନିର୍ବାଚନ ଲଢିବାକୁ ଦଳପକ୍ଷରୁ ପ୍ରାର୍ଥୀ ହୋଇ ପରେ ଜନସମର୍ଥନ ଅଭାବରୁ ପଛକୁ ହଟିବାକୁ ବାଧ ହେଲେ । କିନ୍ତୁ ଚଳିତ ବର୍ଷ ଅନୁଷ୍ଠିତ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ସମୟରେ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଦୁଇଥର ଉଦ୍ୟମ ହେବା ଆମେରିକା ଗଣତନ୍ତ୍ରରେ ଅସହିଷ୍ଣୁତାର ପ୍ରମାଣ । ନିର୍ବାଚନରେ ହିଂସା, ଦ୍ୱେଷ, ଗାଳି ପର୍ଯ୍ୟନ୍ତ କଥା ଯାଇଥିଲା । ଏପରିକି ଟ୍ରମ୍ପଙ୍କୁ ସମର୍ଥନ କରୁଥିବା ଭୋଟରମାନଙ୍କୁ ଅଳିଆ ବୋଲି ସାଧାରଣରେ ପ୍ରକାଶ କରି ରାଷ୍ଟ୍ରପତି ଜୋ ବାଇଡେନ୍ ନିଜର ଘୃଣା ପ୍ରଦର୍ଶନ କରିଥିଲେ । ଏଥର ନିର୍ବାଚନ ପ୍ରଚାର ସମୟରେ ଦୁଇଦଳ ପକ୍ଷରୁ ଜୋରଦାର ଲୋକସଂପର୍କ କାର୍ଯ୍ୟକ୍ରମ ହୋଇଥିଲା । ଉଭୟ ପକ୍ଷରେ ପ୍ରତିଷ୍ଠିତ ଲୋକେ ମଧ ଲଢେଇରେ ସାମିଲ ହୋଇଥିଲେ । ବାଇଡେନଙ୍କ ସପକ୍ଷରେ ଜର୍ଜ ସୋରୋସ୍, ସିନେ ତାରକା ସୋରୋନ ଷ୍ଟୋନ, ଆମେରିକା ଫେରେରା, ଟୋନୀ ପ୍ରୋସିଓ ପ୍ରମୁଖ ଅତୀତରେ ଟ୍ରମ୍ପଙ୍କୁ କାହିଁ କେତେ ଅପଶବ୍ଦ ଦେଇ ଗାଳି ଦେଇଥିବା ହେତୁ ଏବେ ଦେଶ ଛାଡିବାକୁ ନିଷ୍ପତ୍ତି ନେଇଥିବା କଥା ଜଣାପଡିଛି ,ଯାହାକୁ 'ଆମେରିକାଜିଟ' କୁହାଯାଉଛି । ହଲିଉଡର କଳାକାରଗଣ ବିଶେଷ କରି ବ୍ଲୁ ଷ୍ଟେଟ୍ସ ଭାବେ ପରିଚିତ ଆମେରିକାର ରାଜ୍ୟ ଭେର୍ମଣ୍ଟ, ମେଇନେ, ଓରେଗନ, ୱାସିଂଟନରେ ବସବାସ କରୁଥିବା ଲୋକେ ଏବେ ନିଜକୁ ଅସୁରକ୍ଷିତ ମନେକରୁଥିବା ପ୍ରକାଶ କରିଛନ୍ତି । ନିର୍ବାଚନ ଫଳାଫଳ ଘୋଷଣା ପରେ ୬ ନଭେମ୍ବରରୁ ଏହି ଅସୁରକ୍ଷା ଭାବ ଆମେରିକାରେ ବଢୁଥିବା କଥା କୁହାଯାଉଛି, ଯାହା ୨୦୧୪ରେ ଭାରତରେ ନରେନ୍ଦ୍ର ମୋଦିଙ୍କ ବିଜୟ ପରେ ଦେଖାଦେଇଥିଲା । ସେତେବେଳେ କର୍ଣ୍ଣାଟକର ଜଣେ ଲେଖକ ଦେଶଛାଡି ବାହାରକୁ ଯିବାକୁ ଘୋଷଣା କରିଥିଲେ । ହଲିଉଡ୍ ପରି ବଲିଉଡ୍‌ର କଳାକାର ଅମିର ଖାଁ ମଧ ଆମେରିକା ଢଙ୍ଗରେ ଭାରତରେ ଅସୁରକ୍ଷିତ ମନେକରୁଥିବା କଥା କହିଥିଲେ । ଜାଭେଦ ଅଖତାରଙ୍କଠାରୁ ଆରମ୍ଭ କରି ମୁମ୍ବାଇର ସିନେ ନିର୍ଦ୍ଦେଶକ, କଳାକାର ଓ ସଂଗୀତକାର ମଧ ନିଜକୁ ଅସୁରକ୍ଷିତ ମନେକରୁଥିବା ପ୍ରକାଶ କରି ନିଜ ନିଜର ସୋସିଆଲ ମିଡିଆ ଏକାଉଣ୍ଟରେ ମନର ଭୟକୁ ପ୍ରକାଶ କରିଥିଲେ । ଆମେରିକାର ନୀଳବର୍ଣ୍ଣର ରାଜ୍ୟପରି ଭାରତର ଏହିସବୁ ନୀଳବର୍ଣ୍ଣର ଶୃଗାଳପ୍ରାୟ ଦୋହରା ମଣିଷମାନେ କେହି ଦେଶଛାଡି ଗତ ଦଶ ବର୍ଷରେ ବିଦେଶରେ ରହିବାକୁ ଯାଇନାହାନ୍ତି । କିନ୍ତୁ ଆମେରିକାର ନାୟିକା ଆମେରିକା ଫେରୋରା ନିଜ ସ୍ୱାମୀଙ୍କ ସହ ବ୍ରିଟେନକୁ ଯିବାକୁ କହିଛନ୍ତି । ସେରୋନ ଷ୍ଟୋନ କାନାଡାରେ ବାସ କରିବେ ବୋଲି ଘୋଷଣା କରିଛନ୍ତି । ସେମିତି ଟୋନୀ ପ୍ରୋସିଓ ମଧ ବ୍ରିଟେନ ଚାଲିଯିବାକୁ କହିଛନ୍ତି । କାରଣ ଟୋନୀ ନିଜର ପୁରୁଷ ବନ୍ଧୁଙ୍କୁ ବିବାହ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ବିଷୟ ହେଲା ଟ୍ରମ୍ପ ନିର୍ବାଚନ ପ୍ରଚାର ସମୟରେ ସମଲିଙ୍ଗୀ ବିବାହ, ବେଆଇନ ଅପ୍ରବାସୀ, ନିଜ ଇଚ୍ଛାରେ ଗର୍ଭଧାରଣର ଅଧିକାର ବିରୋଧରେ ନିଜ ମତ ଦେଇସାରିଛନ୍ତି । ସେହିପରି ଅତୀତରେ ଲେଫ୍ଟ ଲିବରାଲ, ଇସଲାମିଷ୍ଟ, ଆଣ୍ଟି - ସେମିଟିକ୍ ଲୋକେ ବିକ୍ଷୋଭ ଆଳରେ ଆମେରିକାର ଭିନ୍ନ ଭିନ୍ନ ରାଜ୍ୟ ଓ ଶିକ୍ଷାନୁଷ୍ଠାନରେ ଯେଉଁଳି ଦଙ୍ଗାଗୋଳ କରିଥିଲେ ଟ୍ରମ୍ପ ସେମାନଙ୍କୁ ଚେତାବନୀ ଦେଇଥିଲେ ଏବଂ ଏବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ । ଏକଥା ସତ ଯେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ୫୩୭ ଆସନରୁ ୨୯୨ ଆସନରେ ବିଜୟୀ ହୋଇ ୭୮ବର୍ଷୀୟ ଡୋନାଲଡ ଟ୍ରମ୍ପ ରିପବ୍ଲିକାନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ଜିତିଛନ୍ତି । ସେ ଯେପରି ନିର୍ବାଚନ ଲଢି ନପାରିବେ ସେଥିପାଇଁ ଡେମୋକ୍ରାଟ ଦଳ ଲୋକେ ସମସ୍ତ ପ୍ରକାର ଷଡଯନ୍ତ୍ର ଚଳାଇଥିଲେ ମଧ ସଫଳ ହୋଇନାହାନ୍ତି । କ୍ୟାପିଟାଲ ହିଲ୍ ହିଂସା, ସିକ୍ରେଟ ଫାଇଲ ମାମଲା, ପର୍ଣ୍ଣଷ୍ଟାରଙ୍କ ସହ ସଂପର୍କ ମାମଲାରେ ଟ୍ରମ୍ପ କାଠଗଡାକୁ ଆସିଥିଲେ । କିନ୍ତୁ ଏସବୁକୁ ଖାତିର ନକରି ସେ ଲଢୁଆ ମନୋବୃତ୍ତି ନେଇ ନିର୍ବାଚନ ଲଢିଥିଲେ । ଆମେରିକା ରାଷ୍ଟ୍ରପତି ହେବାଲାଗି ୨୭୦ ବହୁମତ ଦରକାର ଥିଲାବେଳେ ଟ୍ରମ୍ପ ଢେର ଆଗରେ ରହିଛନ୍ତି । ୫୫ ହଜାର କୋଟି ସଂପତ୍ତିର ଅଧିକାରୀ ଟ୍ରମ୍ପଙ୍କୁ ୩୦ ଏପ୍ରିଲ ୨୦୧୧ରେ ହ୍ୱାଇଟ ହାଉସଠାରେ ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମାଙ୍କ ଟ୍ରମ୍ପଙ୍କ ପ୍ରତି କଟାକ୍ଷ ତାଙ୍କୁ ଅସହ୍ୟ ଲାଗିଥିଲା । ପରେ ସେ ରାଷ୍ଟ୍ରପତି ନିର୍ବାଚନ ଲଢିବାକୁ ମନ ସ୍ଥିର କରିଥିଲେ । ଏବେ ଆମେରିକାର ୫୦ଟି ରାଜ୍ୟ ମଧ୍ୟରୁ ଅନେକଗୁଡିଏ ଝୁଲା ରାଜ୍ୟର ସମର୍ଥନ ପାଇ କମଳାଙ୍କୁ ହରାଇବାକୁ ସେ ସକ୍ଷମ ହେଲେ । ଆମେରିକା ଭିତରେ ଏବଂ ବାହାରେ ସଂଖ୍ୟାଲଘୁ ହିନ୍ଦୁ, ଇହୁଦୀମାନଙ୍କୁ ସୁରକ୍ଷା ଦେବାକଥା କହି ଟ୍ରମ୍ପ କମଳାଙ୍କ ଭୋଟ ବ୍ୟାଙ୍କକୁ ଭାଙ୍ଗିବାକୁ ସକ୍ଷମ ହୋଇଥିଲେ । ନିର୍ବାଚନ ପ୍ରଚାର କାଳରେ ଭାରତର ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା, ଇସ୍ରାଏଲକୁ ସମର୍ଥନ, ୟୁକ୍ରେନ ଯୁଦ୍ଧର ଅନ୍ତ, ମଧ୍ୟପ୍ରାଚ୍ୟରେ ଅଶାନ୍ତିକୁ ରୋକିବା, ରୁଷିଆକୁ ଚୀନ ପ୍ରଭାବରୁ ମୁକ୍ତ କରିବା, ଆମେରିକାବାସୀଙ୍କୁ ଚଢା କରରୁ ମୁକ୍ତି ଦେବା ଇସଲାମିକ ସନ୍ତ୍ରାସୀଙ୍କୁ ଧ୍ୱଂସ କରିବା, ଇରାନକୁ ନିୟନ୍ତ୍ରଣ କରିବା, ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରଭାବ ବୃଦ୍ଧି କରିବା ପରି ଅନେକ କଥା କହି ଟ୍ରମ୍ପ ସମର୍ଥନ ଲାଭ କରିବାକୁ ସକ୍ଷମ ହୋଇଛନ୍ତି । କୋରୋନା ପରବର୍ତ୍ତୀ କାଳରେ ଅର୍ଥନୀତିକୁ ସୁଦୃଢ କରିବାକୁ ଆମେରିକାବାସୀ ଯେପରି ଡେମୋକ୍ରାଟକୁ ସମର୍ଥନ ଦେଇଥିଲେ ତାହା ପରେ କ୍ଷତିକାରକ ସାବ୍ୟସ୍ତ ହୋଇଛି । ଗତ ଦିନରେ ଗାଈ କ୍ଷୀର ବୋତଲ ଚାରିବର୍ଷରେ ତିନିଗୁଣା ହୋଇଛି । ସବୁଠି ମାନ୍ଦାବସ୍ଥା ଦେଖାଦେବା ସମୟରେ ୟୁକ୍ରେନକୁ ଯୁଦ୍ଧାସ୍ତ୍ର ଯୋଗାଇ ୟୁରୋପକୁ ଅଶାନ୍ତ ରଖି ବାଇଡେନ ଆମେରିକାକୁ ଅସ୍ଥିରକରି ରଖିଥିଲେ । ସୀମାକୁ ଖୋଲାକରି ଅନୁପ୍ରବେଶର ମାର୍ଗକୁ ପ୍ରଶସ୍ତ କରି ସେମାନଙ୍କ ଥଇଥାନ ପାଇଁ ଅର୍ଥ ପ୍ରଦାନ କରୁଥିଲେ ବାଇଡେନ ସରକାର । କ୍ୱାଡର ଆଲୋଚନାକୁ ଦୁର୍ବଳ କରି ବାଇଡେନ ଆମେରିକାର ଗୁରୁତ୍ୱକୁ ଏସିଆରେ ଦୁର୍ବଳ କରିଥିଲେ । ବଙ୍ଗଳାଦେଶ ଓ ପାକିସ୍ଥାନ ସରକାରକୁ ହଟାଇ ଦକ୍ଷିଣ ଏସିଆରେ ଶତ୍ରୁତା ବୃଦ୍ଧି କରିଥିଲେ । ଅଶାନ୍ତିର ବାତାବରଣ ଯୋଗୁ ଏହି କ୍ଷେତ୍ରରେ ବହୁ ଧନଜୀବନର ହାନୀ ହୋଇଥିଲା । ୟୁରୋପ ମଧ ବାଇଡେନଙ୍କ ନୀତିରେ ଯାଇ ଅସ୍ଥିର ହୋଇଥିଲା । ତେବେ ୟୁରୋପକୁ ଅଧିକ ସୁବିଧା ଦେବାପାଇଁ ଟ୍ରମ୍ପ ପ୍ରୟାସ କରିବେ ନାହିଁ । କାରଣ ବିଜୟୀ ହେବାପରେ ଭାରତ, ଇସ୍ରାଏଲ ଏବଂ ସାଉଦି ଆରବ ଫୋନ କରି ଟ୍ରମ୍ପ ଏହିସବୁ ରାଷ୍ଟ୍ରର ମୁଖ୍ୟଙ୍କ ସହ କଥା ହୋଇଛନ୍ତି ।

ଟ୍ରମ୍ପଙ୍କ ବିଜୟ ପଛରେ ଟେସଲା କମ୍ପାନୀର ମାଲିକ ଏଲନ୍ ମସ୍କ ବଡକାର୍ଯ୍ୟ କରିଥିଲେ । ୨୦୨୦ରେ ଯେଉଁ ଟ୍ୱିଟର ଟ୍ରମ୍ପଙ୍କ ଆକାଉଣ୍ଟକୁ ବନ୍ଦ କରିଥିଲା ପରେ ମସ୍କ ସେହି ଟ୍ୱିଟରକୁ କିଣି "ଏକ୍ସ" ନାମରେ ଚଳାଇବା ସହ ସେହି ସୋସିଆଲ ମିଡିଆର ପ୍ଲାଟଫର୍ମକୁ ନିର୍ବାଚନ ପ୍ରଚାର ପାଇଁ ଉପଯୋଗ କରି ସଫଳ ହୋଇଛନ୍ତି । ମସ୍କଙ୍କ ପରି କଠୋରମନା ଲୋକଙ୍କ ସମର୍ଥନ ଟ୍ରମ୍ପଙ୍କ ପାଇଁ ଟ୍ରମ୍ପକାର୍ଡ ସଦୃଶ ହୋଇଛି । ଏବେ କଥାଉଠିଛି ଯେ ଟ୍ରମ୍ପଙ୍କ ବିଶ୍ୱନୀତି କିପରି ରହିବ ? କାନାଡାର ଟ୍ରୁଡୋ ସରକାରଙ୍କ ପ୍ରତି ଟ୍ରମ୍ପଙ୍କ ଧାରଣା ଭଲ ନଥିବା ହେତୁ ଆଗାମୀ ଦିନରେ ସେଠାକାର ସରକାର ହାରିବା ଏକ ପ୍ରକାର ନିଶ୍ଚିତ । ୟୁକ୍ରେନକୁ ଆମେରିକାର ସହଯୋଗ ହ୍ରାସପାଇଲେ ୟୁକ୍ରେନ ଯୁଦ୍ଧ ବନ୍ଦହେବ । ରୁଷିଆ ଉପରେ ଲାଗିଥିବା ଆମେରିକାର କଟକଣାକୁ ହ୍ରାସ କରି ଟ୍ରମ୍ପ ଚୀନକୁ ନିଜ ଟାର୍ଗେଟରେ ରଖିବେ । ବାହାର ଦେଶର ବସ୍ତୁ ଉପରେ ଅଧିକ କର ବସାଇ ଦେଶର କରଦାତାଙ୍କୁ ଉପରୁ ହ୍ରାସ କରିବେ । ୟୁରୋପୀୟ ରାଷ୍ଟ୍ରଗୁଡିକୁ ଟ୍ରମ୍ପ ଅଧିକ ଗୁରତ୍ୱ ଦେବେ ନାହିଁ,ଏକଥା ସତ । ଟ୍ରମ୍ପଙ୍କ ଶାସନ କାଳରେ ଭାରତ ଏବଂ ଇସ୍ରାଏଲ ସହ ଆମେରିକାର ସହଯୋଗ ଅଧିକ ବଢିବ । ଟ୍ରମ୍ପ ବେଆଇନ ଅନୁପ୍ରବେଶକାରୀମାନଙ୍କୁ ନିଜ ଦେଶରୁ ତଡିବାକୁ କଠୋର ପଦକ୍ଷେପ ନେବେ । 'ଆମେରିକା ପ୍ରଥମ' ନୀତିକୁ ଗ୍ରହଣ କରି ସେ ଆମେରିକାର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ଚେଷ୍ଟା କରିବେ । ବିଶ୍ୱରେ ଆମେରିକାର ସହଯୋଗୀ ରାଷ୍ଟ୍ରମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ପଦକ୍ଷେପ ଗ୍ରହଣ କରିବେ । ଆମେରିକାକୁ ମହାନ ରାଷ୍ଟ୍ରକରି ଗଢି ତୋଳିବାର ଶପଥକୁ ନେଇ ଟ୍ରମ୍ପ ଚାଲିବେ । ଜେ.ଡି ଭାନ୍ସ ଟ୍ରମ୍ପଙ୍କ ସହଯୋଗୀ ଭାବେ ଉପରାଷ୍ଟ୍ରପତି ହେବା ଏକପ୍ରକାର ନିଶ୍ଚିତ । ସେହିପରି ୪୪ବର୍ଷୀୟ ଭାରତୀୟ ବଂଶୋଦ୍ଭବ କଶ୍ୟପ ପଟେଲଙ୍କୁ ସିଆଇଏର ମୁଖ୍ୟପଦବୀ ଟ୍ରମ୍ପ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । କାରଣ ଅତୀତ ଦିନରେ ସିଆଇଏ ଅଧିକାରୀମାନେ ହିଁ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ନମାନି ତାଙ୍କୁ ଅସୁବିଧାରେ ପକାଇଥିଲେ, ଯାହା ଟ୍ରମ୍ପ ଭୁଲିନାହାନ୍ତି । ଏହାଛଡା ନିଜ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ବାହାରିଥିବା ବିବେକ ରାମସ୍ୱାମୀ ମଧ ଟ୍ରମ୍ପଙ୍କ ନିକଟତର ବ୍ୟକ୍ତିଙ୍କ ବର୍ଗରେ ରହିବେ । ଏହାଛଡା ଡେମୋକ୍ରାଟ ଦଳ ଛାଡି ଟ୍ରମ୍ପଙ୍କୁ ସମର୍ଥନ କରିଥିବା ନେତ୍ରୀ ତୁଳସୀ ଗାବାର୍ଡ, ନିକି ହେଲୀ, ବବି ଜିନ୍ଦଲ ପ୍ରମୁଖ ଭାରତୀୟ ବଂଶୋଦ୍ଭବଙ୍କ ଗୁରୁତ୍ୱ ଟ୍ରମ୍ପ ସରକାରରେ ରହିବ । ଏଲନ ମସ୍କ, ବୁକେ ରୋନିନ୍ସ, ମାର୍କୋ ରୁବିଓ, ପୂର୍ବତନ ବିଦେଶ ସଚିବ ମାଇକ ପୋମ୍ପେଓ, ରବର୍ଟ କେନେଡି ଜୁନିଅର, ସ୍କଟ ବେସେଣ୍ଟ, ମାଇକ ୱାଲଜ,ଷ୍ଟିଫେନ ମିଲରଙ୍କ ପରି ନେତାମାନେ ଟ୍ରମ୍ପଙ୍କ ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଲାଭ କରିବାର ସମ୍ଭାବନା ରହିଛି । ଟ୍ରମ୍ପଙ୍କ ଶାସନ କାଳରେ ଆମେରିକାର ଅର୍ଥନୀତି, ସୁରକ୍ଷାନୀତି କଠୋର ହେବାର ସମ୍ଭାବନା ରହିଥିବା ହେତୁ ଆମେରିକାରେ ପ୍ରବେଶ କଟକଣାଯୁକ୍ତ ହୋଇପାରେ । ଆଗାମୀ ଦିନରେ ଆମେରିକା ଅନେକ ବିଦେଶୀ ଲୋକଙ୍କୁ ନିଜ ଦେଶରୁ ବାହାର କରିଦେଇ ଅର୍ଥନୀତିକୁ ସମ୍ଭାଳିବାକୁ ଚେଷ୍ଟା କରିବ । ଆଇଏସ୍‌ଆଇଏସ୍‌କୁ ନଷ୍ଟ କଲାପରି ମଧ ପ୍ରାଚ୍ୟର ଇସଲାମିକ ଗୋଷ୍ଠୀ ହୁଥୀ, ହେଜବୋଲ୍ଲା, ହାମାସ ବିରୁଦ୍ଧରେ ଆମେରିକା ଲଢିବାର ସମ୍ଭାବନା ରହିଛି । ଇସଲାମିକ ରାଷ୍ଟ୍ର, ୟୁରୋପୀୟ ରାଷ୍ଟ୍ର ଆମେରିକା ଟାର୍ଗେଟରେ ରହିବାର ସମ୍ଭାବନା ଅଧିକ । ଟ୍ରମ୍ପ ବିଜୟୀ ହେବାର ପରବର୍ତ୍ତୀ ପ୍ରଭାବକୁ ଲିଜ୍ ହ୍ୱିଲର ନାମ୍ନୀ ଜଣେ ମହିଳା ତାଙ୍କ ଏକ୍ସ ଏକାଉଣ୍ଟରେ ଏକ ସୁନ୍ଦର ବିଶ୍ଳେଷଣ ଦେଇଛନ୍ତି ସେ ଲେଖିଛନ୍ତି ଯେ ଟ୍ରମ୍ପ ବିଜୟୀ ହେବାର ମାତ୍ର ଦୁଇଦିନ ହୋଇଛି ହେଲେ, ଷ୍ଟକ ମାର୍କେଟ ରେକର୍ଡ ଶୀର୍ଷକୁ ଛୁଇଁଛି । ଅନୁପ୍ରବେଶକାରୀମାନେ ଆମେରିକାର ସୀମାରୁ ହଟିଯାଇଛନ୍ତି । ଯୁଦ୍ଧ ଶେଷ କରିବାକୁ ହାମାସ ଘୋଷଣା କରିଛି । ବିଟକଏନ, ରେକର୍ଡ ସ୍ତରକୁ ଛୁଇଁଛି, ୟୁକ୍ରେନଯୁଦ୍ଧ ଶେଷ କରିବାକୁ ପୁଟିନ ଘୋଷଣା କରିଛନ୍ତି । ହାମାସ ନେତାମାନଙ୍କୁ ଦେଶରୁ ବାହାର କରିବାଲାଗି କାତାର ଚେଷ୍ଟା ଆରମ୍ଭ କରିଛି । ୟୁରୋପୀୟ ସଂଘ ରୁଷିଆ ଗ୍ୟାସ ବଦଳରେ ଆମେରିକାଠାରୁ ଗ୍ୟାସ କିଣିବାକୁ ଆଗ୍ରହ ପ୍ରକାଶ କରିଛି । ଆମେରିକା ଡଲାରରେ ପୁଟିନ ତୈଳ ବିକ୍ରି କରିବାକୁ ରାଜି ହୋଇଛନ୍ତି । ଟ୍ରମ୍ପ ଓ ଏଲନ୍ ମସ୍କଙ୍କୁ ଫୋନ କରି କଥା ହୋଇଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ବେଆଇନ ଅନୁପ୍ରବେଶକାରୀଙ୍କ ସୁବିଧାକୁ ବନ୍ଦ କରିଛନ୍ତି ନ୍ୟୁୟର୍କର ମେୟର, ଆମେରିକା ସୀମାରେ ପ୍ରବେଶକୁ ବନ୍ଦ କରିବାକୁ ମେକ୍ସିକୋ ଘୋଷଣା କରିଛି । ଆମେରିକା ସହ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ କରିବା ପାଇଁ ଚୀନ ଘୋଷଣା କରିଛି । ଚୀନରୁ ବାହାରି ଆସିବାକୁ ବଡ ବଡ ଆମେରିକାର କମ୍ପାନୀ ଘୋଷଣା କରିଛନ୍ତି । ଏସବୁ ଟ୍ରମ୍ପଙ୍କ ବିଜୟର ପ୍ରଭାବ ବୋଲି ବୁଝିବାକୁ ହେବ । ଆଗାମୀ ଦିନରେ ଆହୁରି ଅନେକ କିଛି ବଦଳିବାର ଯଥେଷ୍ଟ ସମ୍ଭାବନା ରହିଛି ।

+ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

# ନିଷିଦ୍ଧ କଲେ, ଭୁଲିଗଲେ

**ଯୁଧିଷ୍ଠିର ମହାରଣା**

ସରକାର ନିଷିଦ୍ଧ କଲେ । ଦିନ କେଇଟା ଲୋକ ଦେଖାଣିଆ ଚଢ଼ଉ ହେଲା । ଜରିମାନା ଲାଗିଲା । ଛଅ ସହରରୁ ଏ ନିଷିଧାଦେଶ ସାରା ରାଜ୍ୟରେ ଲାଗୁ ହେଲା । ମାତ୍ର ଏବେ ଅବସ୍ଥା ଯଥା ପୂର୍ବଂ ତଥା ପରଂ । ଲାଗୁଛି ଖୋଦ ସରକାର ବି ଭୁଲିଗଲେଣି ଯେ ପୁନଃ ପ୍ରକ୍ରିୟାକରଣ ହେଉନଥିବା ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ ଲାଗିଥିଲା । ରାଜ୍ୟରେ ନିଷେଧାଦେଶ ଲାଗୁ ହେବାକୁ ଛଅ ବର୍ଷ ପୁରିଲାଣି । ମାତ୍ର ପୂର୍ବାପେକ୍ଷା ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ବଢ଼ି ବଢ଼ି ଚାଲିଛି । ସରକାର ସବୁ ଜାଣୁଛନ୍ତି, ହାତ ବାନ୍ଧି ବସିଛନ୍ତି ।

୨୦୧୮ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀରୁ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ମହାନଗର ନିଗମ ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମହାନଗର ନିଗମ ଓ ପୁରୀ ସହରରେ ପଲିଥିନ ବ୍ୟବହାର ନିଷିଧ କରାଗଲା । ୨୦୧୯ ଗାନ୍ଧି ଜୟନ୍ତୀରୁ ସାରା ରାଜ୍ୟର ସହରାଞ୍ଚଳରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଗଲା । ୨୦୨୧ ଜୁଲାଇ ପହିଲାରୁ ଗ୍ରାମାଞ୍ଚଳରେ ମଧ ବ୍ୟବହାର ଉପରେ ନିଷେଧାଦେଶ ଲାଗୁ ହେଲା ମାତ୍ର ଛଅ ବର୍ଷ ପରେ ରାଜ୍ୟରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ କିମ୍ବା ପଲିଥିନ ଉତ୍ପାଦନ ବନ୍ଦ ହୋଇନି । ବିକ୍ରିବଟା କି ବ୍ୟବହାର ମଧ ବନ୍ଦ ହୋଇନି । ପ୍ଲାଷ୍ଟିକ ନିଷିଦ୍ଧ ଘୋଷଣା କେବଳ ଘୋଷଣାରେ ହିଁ ରହିଯାଇଛି । ସରକାର ଚୁପ ବସିଛନ୍ତି ।

ରାଜ୍ୟରେ ପରିବେଶର ଚିତ୍ର ଅତି ବିକଳ । ସରକାରୀ ତଥ୍ୟ କହୁଛି, ରାଜ୍ୟରେ ପ୍ଲାଷ୍ଟିକ ବ୍ୟାଗ, ପଲିଥିନ ସହ ପୁନଃ ପ୍ରକ୍ରିୟାକରଣ ହେଉନଥିବା ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ଉପରେ କଟକଣା ଲାଗିବା ପରେ ପ୍ରଥମ ଦୁଇବର୍ଷ ବିଭିନ୍ନ ପୌରାଞ୍ଚଳରେ ଚଢ଼ାଉ କରାଯାଇ ୧୬ଟନ ପ୍ଲାଷ୍ଟିକ ଓ ପଲିଥିନ ଜବତ ହୋଇଥିଲା । ୩୩ ଲକ୍ଷ ଟଙ୍କାର ଜରିମାନା ଆଦାୟ ହୋଇଥିଲା । ମାତ୍ର ତା ପରେ ସବୁ ଧିମେଇ ଗଲା । ବହୁ ଜିଲ୍ଲାରେ ଚଢ଼ଉ କେବଳ କେବଳ ଧର୍ମକୁ ଆଖି ଠାର ଭଳି ହେଲା । ଗତ ଚାରିବର୍ଷ ମଧ୍ୟରେ ମାତ୍ର ସାତ ଟନ ପ୍ଲାଷ୍ଟିକ ଓ ପଲିଥିନ ଜବତ ହୋଇଛି । ଜରିମାନା ଆଦାୟ ହୋଇଛି ମାତ୍ର ୧୩ ଲକ୍ଷ ଟଙ୍କା । ଏହି ପରିମାଣ ହିଁ କହୁଛି ସରକାର ନିଷେଧାଦେଶକୁ କଡ଼ାକଡ଼ି କରିବାକୁ କେତେ ଆନ୍ତରିକତା ଦେଖାଉଛନ୍ତି । ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ସୂଚନା ଅନୁସାରେ ସହରାଞ୍ଚଳରେ ବାର୍ଷିକ ପ୍ରାୟ ୧୨୦ ଟନ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ହେଉଛି । ଏହାର ପ୍ରଭାବ ଆମ ପରିବେଶ ଉପରେ ଅଧିକ ପଡୁଛି । ତେଣୁ ପ୍ରଦୂଷଣମୁକ୍ତ ପରିବେଶ ପାଇଁ ନିଷେଧାଦେଶ ଲାଗୁ ହୋଇଥିଲା । ପ୍ଲାଷ୍ଟିକ ୱେଷ୍ଟ ନିୟମ ୨୦୨୧ ଅନୁସାରେ କେନ୍ଦ୍ର ପରିବେଶ ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ ଏ ସଂକ୍ରାନ୍ତରେ ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିଥିଲେ ମଧ ଏହା ପ୍ରଭାବୀ ଢ଼ଙ୍ଗରେ କାର୍ଯ୍ୟକାରୀ ହେଉନାହିଁ । ସିଙ୍ଗଲ ୟୁଜ ପ୍ଲାଷ୍ଟିକରେ ନିର୍ମିତ ପଲିଥିନ, ପ୍ଲେଟ, ଗ୍ଲାସ ସହ ଖାଦ୍ୟ ସାମଗ୍ରୀ ପ୍ୟାକ ହେଉଥିବା ପଲି ସାମଗ୍ରୀ ସହ କ୍ୟାରିବ୍ୟାଗ ଉପରେ କଟକଣା ଲାଗିଥିଲା । କେବଳ ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ସାମଗ୍ରୀ, ଔଷଧ, ଦୁଗ୍ଧଜାତ ସାମଗ୍ରୀ ଆଦିକୁ ଏଥିରୁ ବାଦ ଦିଆଯାଇଥିଲା । ଏହାର ଉତ୍ପାଦନ ଓ ବ୍ୟବହାର ଉପରେ ନଗର ଉନ୍ନୟନ ବିଭାଗ ସହ ପଞ୍ଚାୟତିରାଜ ବିଭାଗ ନଜର ରଖିବ । ଜଙ୍ଗଲ ଓ ପରିବେଶ ବିଭାଗ ସମଗ୍ର ରାଜ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟର ତଦାରଖ କରିବେ ବୋଲି ସ୍ଥିର ହୋଇଥିଲା । ମାତ୍ର ଅଧିକାରୀମାନେ ଆନ୍ତରିକତା ଦେଖାଇଲେ ନା ଇଚ୍ଛାଶକ୍ତି ।

ପ୍ଲାଷ୍ଟିକ ଓ ପଲିଥିନ ନିଷିଦ୍ଧ ନିର୍ଦ୍ଦେଶ ଏବେ ଅଳିଆଗଦାରେ । ଖୋଲାଖୋଲି ଭାବେ ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ସହ ପଲିଥିନ ବ୍ୟବହାର ହେଉଛି । ଉତ୍ପାଦନ ସହ ପରିବହନ ମଧ ହେଉଛି । ରାଜ୍ୟରେ ଦୈନିକ ଯେତିକି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବାହାରୁଛି, ସେଥିରୁ ପ୍ରାୟ ଅଧାରୁ ଅଧିକ ପୁନଃପ୍ରକ୍ରିୟାକରଣ ହୋଇପାରୁନି । ଏହା ମାଟିରେ ମଧ ମିଶୁନଥିବାରୁ ଅଧିକ ପରିବେଶଗତ ସଙ୍କଟ ଛିଡ଼ା କରାଉଛି ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ




## ନିର୍ଜନ ଆକାଶ

**ସୁଧାକର ରାଉତ**



ସମୟ ପିଠି ରେ ଚଢ଼ି
କେତେ ଅବା ଦେଖିବି ତୁମକୁ ।

ଯେତେ ଦେଖିଲେ ବି
ଅଦେଖା ରହିଯାଏ କିଛି ।

ଯେତେ ବୁଝିଲେ ବି
ଅବୁଝା ରହେ ଅନେକ ।

ଜହ୍ନକୁ ପଚାରିଲେ
ତୁମ ସୌନ୍ଦର୍ଯ୍ୟ କଥା
ସେ ବି କହେ ଦୁଃଖରେ
ତା କଳଙ୍କ ବ୍ୟଥା ।

ଶ୍ରାବଣ ବି ଚାଲିଗଲା
ଅନ୍ତରାତ୍ମା ତାର ଉଠୁଥିଲା ଥରି
ବୋଧ ହୁଏ ତୁମ ଦୁଃଖ ସୁମରି ସୁମରି
ଶୁଣି ପାରିଲାନି ସିଏ
କାହାର ସମବେଦନାର ସ୍ୱର
ସବୁତକ ଲୁହକୁ ବୋହିସାରି ।

ଜହ୍ନ ବି ବୁଡିବ
ଅମାବାସ୍ୟା ଅନ୍ଧାରରେ
ତୁମକୁ ଖୋଜିବି ମନ ଗହୀରରେ
ଅନର୍ଥକ ଭାବେ ନିଜ ଦେହକୁ
ଘୋଷାରି ଘୋଷାରି ।

+ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨

## ମହା ପଞ୍ଚୁକ

**ନଳିନୀ ଦାଶ**

କାର୍ତ୍ତିକ ମାସର ଶେଷ ପାଞ୍ଚଦିନ
ପଞ୍ଚୁକ ନାମରେ ଖ୍ୟାତ
ଜପ ତପ କରି ଭକତ ପାଳନ୍ତି
ନିଷ୍ଠାର ସହିତ ବ୍ରତ ।

ନାରୀଗଣ ମିଶି ତୁଳସୀ ପୂଜନ୍ତି
ପଞ୍ଚ ମୁରୁଜକୁ ଦେଇ
ଧୂପ ଦୀପ ଜାଳି ଭୋଗ ବାଢ଼ିଥାନ୍ତି
ଧର୍ମୀୟ ଭାବନା ନେଇ ।

ତିନି ଠାକୁରଙ୍କ ଛବି ଆଙ୍କିଦେଇ
ଭକ୍ତିରେ ଗାଆଁନ୍ତି ଗୀତ
ପଞ୍ଚୁକ ପାଳନ୍ତି ଭକତି ଚିତ୍ତରେ
ସରବେ ହୋଇ ମିଳିତ ।

ପ୍ରଭୁଙ୍କର ପାଦେ ରଖିଥାନ୍ତି ଭକ୍ତି
ସାତ୍ତ୍ୱିକ ଭୋଜନ କରି
ରାଇ ଦାମୋଦର ପୂଜନ କରନ୍ତି
ସଭିଏଁ ହବିଷ ସାରି ।

ଭୀଷ୍ମ ପଞ୍ଚକଟି ଶ୍ରଦ୍ଧାର ସହିତ
ପାଳନ୍ତି ଜଗତ ଜନ
କୋଟି ପୂଣ୍ୟ ମିଳେ କାର୍ତ୍ତିକ ମାସରେ
କଲେ ପ୍ରଭୁ ଦରଶନ ।

କାର୍ତ୍ତିକଟି ସାର ଆମିଷ ବର୍ଜନେ
ଧର୍ମୀୟ ଭାବନା ଆସେ
ଆକାଶ ଦୀପକୁ ଦରଶନ କଲେ
ପାପ ତାପ ଯେତେ ନାଶେ ।

କାର୍ତ୍ତିକର ଶୁକ୍ଳ ଏକାଦଶୀ ଠାରୁ
ଆରମ୍ଭ ପଞ୍ଚୁକ ବେଶ
ଭିନ୍ନଭିନ୍ନ ବେଶେ ପ୍ରକଟ ହୁଅନ୍ତି
ମନ୍ଦିରରେ ଜଗଦୀଶ ।

ଭୀଷ୍ମ ପକ୍ଷଳିଥିଲେ ପଞ୍ଚକ ବ୍ରତଟି
ଶରସଜ୍ୟାରେ ଶୋଇ
ଶିବଙ୍କ ଡାକରେ ଗଙ୍ଗା ଆସି ଦେଲେ
ଜଳର ଧାରା ବୁହାଇ ।

ପରିବାର ପାଇଁ ଶୁଭ ମନାଶନ୍ତି
ଧର୍ମ କର୍ମ ଯେତେ କରି
ନାମ ସଙ୍କୀର୍ତ୍ତନେ କମ୍ପି ଯାଉଅଛି
ଗାଆଁ ଉଠୁଅଛି ପୁରି ।

ବ୍ରାହ୍ମଣ ମାନଙ୍କୁ ଅକୁଣ୍ଠ ଚିତ୍ତରେ
ଟେକିଥାନ୍ତି ନାରୀ ଦାନ
କାମନା ତାଙ୍କର ପୂର୍ଣ୍ଣ ହୋଇଥାଏ
ବ୍ରାହ୍ମଣେ ଦେଇ ଭୋଜନ ।

ସତ୍ୟ ଧର୍ମ ପଥେ ଯାଆନ୍ତି କାର୍ତ୍ତିକେ
ଭୁଲିସେ ହିଂସା ବଡେଇ
ଶେଷ ଦିବସରେ ଧରମ ଡ଼ଙ୍ଗାକୁ
ଦିଅନ୍ତି ଜଳେ ଭସେଇ ।

+ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

# କବିତାମାଳା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୨ ନଭେମ୍ବର ୨୦୨୪, ମଙ୍ଗଳବାର

## ସମ୍ପର୍କର ପରି ଭାଷା

### ହରପ୍ରିୟା ସାହୁ



ଏ ସତ୍ୟ ବଚନ ନୁହଇ ଅନ୍ୟଥା
ସତ୍ୟତା ଅଛି ବହୁତ
ସୁଖ ସମୟରେ ସଭିଏଁ ପାଖରେ
ଦୁଃଖରେ ବାଟ ଅନ୍ୟତ୍ର ॥

ଚତୁର ମଣିଷ ନିଜ ଚାତୁରୀରେ
ଖେଳୁ ଅଛି ନିତି ଖେଳ
ଦେଖା ହେଲେ ମୁହେଁ ହସ ଦେଖାଉଛି
ଅନ୍ତରେ ରହିଛି ବିଷ ପ୍ରବଳ ॥

ସମ୍ପର୍କର ପରିଭାଷା ବୁଝୁ ନାହିଁ
ଆଜିର ସଭ୍ୟ ମଣିଷ
କାମ ଚଳା ନୀତି ହୃଦୟରେ ରଖି
ହେଉଅଛି ଅମଣିଷ ॥

ଜୀବନରେ ସୁଖ ଦୁଃଖ ରହିଅଛି
ସଂଘର୍ଷ ସହ ଜୀବନ
ସାମାଜିକ ପ୍ରାଣୀ ମଣିଷର ଭାବ
ବଦଳୁଛି ପ୍ରତିକ୍ଷଣ ।।

ମିଛ ମାୟା ମୋହ ବନ୍ଧନ ଭିତରେ
କଳୁଷିତ ହୁଏ ପ୍ରାଣ
ସମ୍ପର୍କର ଦ୍ୱାହି ଦେଇ ଏଠି ସର୍ବେ
ଅଭିନୟରେ ମଗନ ॥

ସ୍ୱାର୍ଥରେ ସ୍ୱାର୍ଥରେ ଚାଲୁଛି ସମାଜ
ସ୍ୱାର୍ଥବାଦି ଏ ମଣିଷ
ଥରେ ସ୍ୱାର୍ଥ ହାନି ହୋଇଗଲେ
ମଣିଷ ସାଜନ୍ତି ଅମଣିଷ ।।

ଭୁଲିଯାନ୍ତି ମଣିଷ ପଣିଆ
ମାନ ମହତ ସିଷ୍ଟାଚାର
ଲୋଭର ଆଳରେ ପ୍ରଲୋଭିତ ହେଇ
ପାଳଟନ୍ତି ହିଂସ୍ର, ପାପିଷ୍ଟ ଦୁରାଚାର ॥

♥ତରିକୁନ୍ଦ, ଜଗତସିଂପୁର

## ଅଭିମାନ

### ଅନସୂୟା ପଣ୍ଡା



ସକାଳ ଅଭିମାନର କୁହୁଡିକୁ
ଲେସି ଦେଇଛି ଆଖିରେ
ସଂଶୋଧନର ସାରାଂଶ ଆବୋରିବାକୁ
ବୁନ୍ଦାବୁନ୍ଦା ନୀହାର ପ୍ରକୃତିର ଆଖିରେ
ଲୁହ ହେଇ ଜକେଇଛି
ବିପର୍ଯ୍ୟସ୍ତ ଚେତନାର ନବପଲ୍ଲବ
ଦେଖିବାକୁ ।

ହଜିଥିବା ହସର ଲେଉଟାଣି ବାଟ ଚାହିଁ
ମାଟି ମନସ୍କ ଦିବାକର ଅଭିମାନରେ
ଦି' ଘଡି ହେଲାଣି ମାଟିରେ ଖେଳୁନି
ହୀରା ଲଗା ହସକୁ ଫୁଟେଇ ।

କେଉଁଠି ଥିଲା ଅଦିନ ବତାସ ଝଡ
ବର୍ଷାର ଫୁ ଫୁ କାର
ଆଶାର ତହବିଲକୁ ଉଡେଇ ନେଲାଣି ।

ଅସଜଡା ସପନ ଦ୍ୱୀପରେ
ଚନ୍ଦ୍ର ଆଉ ଉଙ୍କି ଚାହୁଁନି
ଅନ୍ଧାର ହିଁ ଅନ୍ଧାର ବାହୁ ବିସ୍ତାରିଛି
ଅବିଶ୍ୱାସର ପାଷାଣ ଛାତିରେ ।

ପାହାଡ ସେପାଖେ ଅଟକିଛି
ବ୍ୟଥାତୁର ମାଟିର ମନଟି
ଅଭିମାନର ଅଭିଯୋଗ ପତ୍ରରେ ।

କେବଳ ଅନନ୍ତ ଆତ୍ମୀୟତାର ଜାଗରଣ
ମାଗୁଛି
ଆଖିରେ ଆଖିଏ ବଉଦର ସଧବା କଜଳ
ମାଖି
ଖୁସିର ହେନା ଫୁଲିଆ ଚାବି ପେନ୍ଥାକ
ସାର୍ବିକ କରିବାକୁ ଦାବି ରଖିଛି
ଆଶଂସିତ କୋଣେ ଅନୁକୋଣେ ।

♥ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

## ସମ୍ପର୍କ

### ବିବୁଲ ମହାକୁର



ଖଦ୍ୟୋତଟିଏ ହୋଇ ଡେଣା ଝାଡି
ସୌରଜଗତରେ ବୁଲୁବୁଲୁ
ଧକ୍କା ହୋଇଗଲା ଚନ୍ଦ୍ରମା ସହ
ଲାଗିଗଲା ବିଦ୍ୟୁଦାଘାତ
ପାଦରୁ ମସ୍ତକ ଯାଏ
ଅଙ୍କୁରିତ କରିଗଲା ଭିନ୍ନ ଆବେଗଟିଏ ।

ଅଜାଣତରେ ବାଜିଗଲା ମୋ ଡେଣା
ସେ ଅଦୃଶ୍ୟ ନେତ୍ର ଯୁଗଳରେ,
ଆଉ ଦେଇଗଲା
ଅଚିହ୍ନା ଦାଗଟିଏ
ତତଲା ଲୁହାର ।

ଖଦ୍ୟୋତ ହୋଇ ମଧ୍ୟ ଭୟ ନାହିଁ
ରକ୍ତ ତରବାରୀର,
ଭୟ ତ କେବଳ
ବିଶ୍ୱାସ ଟିଏ ହଜିଯିବାର
ତା ହୃଦୟରେ ବେଦନା ଟିଏ ହୋଇ ।

ବିକ୍ଷିପ୍ତ ମହାକାଶରେ
ଗ୍ରହ-ନକ୍ଷତ୍ର-ଉପଗ୍ରହ ମଧ୍ୟେ
ପରିଚୟ ହଜିଯିବାର ଭୟ ନାହିଁ
ଭୟ ତ କେବଳ
ଭୂଣସ୍ଥ ସମ୍ପର୍କଟିଏ ଭାଙ୍ଗିଯିବାର ।

ତୃତୀୟ ବିଶ୍ୱଯୁଦ୍ଧରେ ଆଜି ମୁଁ
ଆତ୍ମ ସମର୍ପଣର ବନ୍ଧୁକଟିଏ ଧରି
କ୍ଷମା ମାଗି ଚାଲିଥିଲି
ପ୍ରତିବାର ସେ କ୍ଷମି ଚାଲିଥିଲା
ମୋର ପ୍ରତିଟି ଉଚ୍ଚାରଣ ପୂର୍ବରୁ ।

ନିଦାଘର ନିସ୍ତେଜ ସକାଳ ଟିଏ
ବୋଧେ ଏ ଅଦୃଶ୍ୟ ସମ୍ପର୍କ
ସ୍ୱପ୍ନଟିଏ ସରିଯିବା ପୂର୍ବରୁ
ସରି ଯାଉଥିବା ରାତିଟିଏ ପରି
ସୁରୁଜ ଉଇଁବା ଆଗରୁ
ହଜି ଯାଉଥିବା ଜହ୍ନଟିଏ ପରି ।

♥ଗ୍ରାମ/ପୋଷ୍ଟ - ବୁର୍ଡ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨

## ରାତାରାତି କେହି ହେଇନି ଧନୀ

### ରାଖାଲ ଚନ୍ଦ୍ର ସ୍ୱାଇଁ



ରାତାରାତି କେହି, ହେଇନି ଧନୀ ।
ଛୁଉଁଛୁଉଁ, ଖଡି, ହେଇନି ଜ୍ଞାନୀ ।
ପୋତୁପୋତୁ, ଗଛ,ଫଳିନି ଫଳ ।
ଖୋଳୁ ଖୋଳୁ, କୂଅ ମିଳେନି ଜଳ ।
ସେଥିପାଇଁ ଲୋଡା ଧୈର୍ଯ୍ୟ ଯେ ।
ସୁଚିନ୍ତିତ ଜ୍ଞାନ, ଦୃଢ ଇଚ୍ଛାଶକ୍ତି,
ସଫଳ କରାଏ କାର୍ଯ୍ୟ ଯେ ।

ଚାହୁଁଚାହୁଁ ଗଢା ହୋଇ ନି ରୋମ୍ ।
କେତେ ଲଢି ଯୁଦ୍ଧ ଜିତିଲେ ରାମ ।

ଚାହୁଁଚାହୁଁ କୋଠା ହୁଏନି ଠିଆ ।
ଦଉଦଉ ଡିମ୍ବ, ହୁଏନି ଛୁଆ ।
ହେବାକୁ ତହୁଁ ସଫଳଯେ ।
ଲୋଡା ଇଚ୍ଛାଶକ୍ତି, ଅଦମ୍ୟ ଉଦ୍ୟମ,
ସାଥେ ଦୃଢ ମନୋବଳ ଯେ ।

ସେଥିପାଇଁ ଲୋଡା ସାଧନା ତ୍ୟାଗ ।
ସଂସାର କ୍ଷେତ୍ରରେ ହେବାକୁ ଯୋଗ୍ୟ ।

ଲଭିବାକୁ ହୁଏ, ନିର୍ଦ୍ଦିଷ୍ଟ ଜ୍ଞାନ ।
ସହିବାକୁ ହୁଏ, ଦୁଃଖ ଅସୀମ ।
ଧୈର୍ଯ୍ୟ,ନିଷ୍ଠା,ସାଥେ ଶ୍ରମ ଯେ ।
ଆଗ୍ରହର ସହ ଆଗକୁ ବଢିଲେ,
ସହଜ ହୋଇବ କାମ ଯେ ।

ପରିଶ୍ରମୀ ସାଜେ ସଫଳ ବ୍ୟକ୍ତି ।
ଅଳସୁଆ ସଦା ଭୋଗେ ଅଶାନ୍ତି ।
ଲକ୍ଷ୍ୟ ଯଦି ସ୍ଥିର, ଯୋଜନା ସ୍ଥିର ।
କର୍ମୀ, ନିଷ୍ଠେ ଦିନେ ହେବ ସଫଳ ।
ମାଗଣା ଖାଇବା ନୀତି ଯେ,
ବିକାଶ ପଥରେ, ସାଜେ ଅନ୍ତରାୟ,
ନମିଳେ ଜୀବନେ ଶାନ୍ତି ଯେ ।

♥ଭଦ୍ରକ
ମୋ: ୯୩୩୭୬୨୩୬୮୫

## ତୁମେ

### ଆଦ୍ୟାଶା ମହାପାତ୍ର



ସବୁ ଯନ୍ତ୍ରଣାରେ ଗୋଟିଏ ଉତ୍ତର
ତୁମ ମନଜିଣା ହସ
ଅନ୍ତହୀନ ସେଇ ଦିଦୃକ୍ଷାରେ ସ୍ମିତ
ଅସୁମାରୀ ଅବସୋସ ।।

ତୁମେ ହିଁ ଆରମ୍ଭ ପ୍ରାନ୍ତ ବିନ୍ଦୁ ପୁଣି
ଜୀବନର ଉପଲକ୍ଷ
ଚାତକ ପରାଏ ପ୍ରତୀକ୍ଷିତ ସଦା
ଲଭିବାକୁ ତୁମ ସଖ୍ୟ ।।

ହୃଦୟ କନ୍ଦରେ ଚିନ୍ତା ଚେତନାରେ
ତୁମେ ପ୍ରଜ୍ଞାମୟ ଦୀପ୍ତି

ମୁଗ୍ଧ ଅନୁଭବ ଖେଳେ ବୁକୁତଳେ
ମନରେ ଜାଗଇ ଶାନ୍ତି ।।

ତୁମରି କରୁଣା ମହକ ଦୟଣା
ଆହେ ନିର୍ବିକଳ୍ପ ରୂପ
ଅସ୍ତବ୍ୟସ୍ତ ଏଇ ଜୀବନରେ ମୋର
ସତେ ଚନ୍ଦନ ପ୍ରଲେପ ।।

ପ୍ରତି ଆକାଂକ୍ଷାର ପରିପୂର୍ଣ୍ଣତାରେ
ତୁମରି ଆଶିଷ ଧାରା
ସମର୍ପିତ ଭାବ ତନ୍ମୟ ତୀର୍ଥରେ
ଉଦ୍ଭାସିତ ସସାଗରା ।।

ସ୍ୱପ୍ନ ସଂକଳ୍ପିତ ଅମୃତ ଆସ୍ୱାଦ
ଅନୁଭବେ ଝଲମଲ
କପାଳ ପୃଷ୍ଠାରେ ତୁମରି ସ୍ୱାକ୍ଷର
ଜୀବନର ଶ୍ରେଷ୍ଠ ମୂଲ୍ୟ ।।

ତୁମେ ନିରବଧି ନବୀନ ଉନ୍ମେଷ
ଜୀଇଁବାର ପରିଭାଷା
ଅନ୍ତରେ ଉଦ୍ରେକ ସ୍ନିଗଧ ଶିହରଣ
ଜାଗରିତ ଜିଜୀବିଷା ।।

♥ ନୂଆପଡା, କଟକ



## ଅନ୍ଧାର ଶେଷହୀନ

### ଗଜାନନ ମିଶ୍ର

ରାତିସାରା
କାନ୍ଦ କଇଁ କଇଁ
ପିପ୍ପଳଗଛ ଡାଳରେ ।

ବାଣୀରେ ବିଦ୍ରୁପ
ପବନରେ ଜହର
ପରଶିରୀକୁ ନଜର
ସ୍ୱାମୀକୁ ଆକ୍ଷେପ ।

ପାକ ଆଇଁଷ
ପସନ୍ଦ ଉଆଁସ
ଜୀବନଟା
ଅଛିଣ୍ଡା ଭଗ୍ନାଂଶ ।

ଦହନ କଷଣ
ଚାଲି ଛଂଚାଣ ।
ସନ୍ଦେହ ଆଉ
ସଦା ଅବିଶ୍ୱାସର
ଦହନ ।

ଜରାଜୀର୍ଣ୍ଣ ସ୍ୱପ୍ନ
ସକାଳୁ ସଂଜ ଆକ୍ରମଣ
ନାଇଁ ଆଚାର ବିଚାର
ନାଇଁ ପାପ ପୁଣ୍ୟ ।

ଅନ୍ଧାର ଶେଷହୀନ
ମହଣ ମହଣ
ଅଣାୟତ୍ତ ପବନ
ଆପଣା ଭାଗ୍ୟ
ଆପଣା ଲିଖନ
କାନ୍ଦ ଚିତ୍କାର କରୁଣ
ସାରା ଦିନ ।

♥ତପୋବନ,
ଟିଟିଲାଗଡ-୭୬୭୦୩୩

## ସ୍ମୃତି

### ସନ୍ତୋଷ କୁମାର ଅଦାବର

ସ୍ମୃତି ଯେତେ ସତେ ମନ ଆକାଶର
ପୁନେଇଁ ଉଆଁସ ଖେଳ
ପୁନେଇଁରେ ହସ ଉଆଁସରେ ଲୁହ
ଖେଳ ଛାଇ ଆଲୁଅର ।

ଆବେଗ ଭରା ଏ ମଣିଷ ମନରେ
ସ୍ମୃତିର ଯେ କେତେ ରୂପ
ବିଷାଦ, ଆନନ୍ଦ କେତେ କେତେ ଶବ୍ଦ
ଲେଖେ ଖଟା ମିଠା ଗପ ।

ଅପାସୋରା ସ୍ମୃତି ମନରେ ସାଇତି
କାଳ କାଳ ରହିଯାଏ
ଏକାକୀ ଅଥବା ନିର୍ଜନ ବେଳାରେ
କେତେ କେତେ କଥା କହେ ।

ଦୁଃଖର ସ୍ମୃତିଟି କୋହ ହୋଇ ରହେ
ହୃଦୟର ଅନ୍ତରାଳେ
ସୁଖ ସ୍ମୃତି ସବୁ ଏତେ ମଧୁର ଯେ
ଯେତେ ଖୋଜିଲେ ନ ମିଳେ ।

ବିଫଳ ପ୍ରେମଟି ପ୍ରେମୀର ମନରେ
ରହିଯାଏ ସ୍ମୃତି ହୋଇ
ସେ ସ୍ମୃତିଟି ତା'ର ହୃଦୟ ଚିପୁଡ଼ି
ଲୁହ ହୋଇ ଯାଏ ବୋହି ।

♥ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ: ୯୭୭୭୯୧୦୭୨୮

## ଜେଜେବାପା

### ସ୍ମିତା ପଣ୍ଡା



ସଂସାରକୁ ଗଢି ସାରିଲେ
ଈଶ୍ୱର ଠାକୁର ହେଇ ଯାଆନ୍ତି
ମନ୍ଦିରରେ, ଗଛ ମୂଳରେ
ପାହାଡ଼ ଖୋଲରେ
ଶେଷରେ ଠାକୁର ଘରେ ବନ୍ଦୀ ହୋଇ
ସାଙ୍ଗ ଖୋଜି ଅନେଇ ରହନ୍ତି
ଗଢିବାର ବେଳ ଓ ବଳ ସରିଯାଇଥାଏ
ବୋଲି
ବୋଧେ କିଛି ନ କହି ନ କରି
ଚୁପ୍ ଚାପ୍ ବସିଥାନ୍ତି
ସଂସାରକୁ ଗଢିସାରିଲେ
ଜେଜେବାପା ଠାକୁରଙ୍କ ସାଙ୍ଗ ହେଇ
ଯାଆନ୍ତି
ଫୁଲ ତୋଳନ୍ତି
ଚନ୍ଦନ ଘୋରନ୍ତି
କୁଞ୍ଚି କନା ସଫା କରନ୍ତି


ଘଡିଏ ଯାଏଁ ପୋଛା ପୋଛି କରି
ଫଟୋ, ମୂର୍ତ୍ତି ସବୁ ସଜାନ୍ତି
ମିଶ୍ରି ଭୋଗ ଲଗାନ୍ତି
ଦି'ଘଡି ଯାଏଁ
ଠାକୁରଙ୍କ ସହ ଗପ କରନ୍ତି
ଠାକୁରଙ୍କୁ ଅନେଇ
ଲୁହ ଝରା ଆଖିରେ ହସନ୍ତି
କେବେ କେବେ ସଂସାରକୁ ଅନାନ୍ତି ତ
ପରିବା ବ୍ୟାଗ ଝୁଲି ପଡେ ହାତରେ
ସକାଳ ବୁଲା ପହର

କଟେ ପରିବା ଦୋକାନରେ
ଓଷଦ ଦୋକାନ ଆଡ଼େ
ପାଦ ଯଦି ଟାଣି ହୋଇ ଯାଏ
ନିଜକୁ ବୁଝେଇ ଦିଅନ୍ତି
ହେ, ବିପି ନାହିଁ ସୁଗାର ନାହିଁ
କାହିଁକି ଆସିଲି ଇଆଡ଼େ
ଠାକୁର ପୂଜା ବାକି ଅଛି ସିଆଡେ
ସଂସାରରେ ଫାଟ କେଉଁଠି
ଫାଙ୍କ କେଉଁଠି
ଏକୁଟିଆ ଦିଶେ ଖାଲି ଜେଜେବାପାଙ୍କୁ
ସାହସ କୁଳାଏନି ପଲସ୍ତରା ଟିକେ
ବୋଳିବାକୁ
ନିଜ ଗଢା ଘର ସଂସାର
ଦୂର ଲାଗେ ପର ଲାଗେ
ହେଲେ ବି ଖୁସିରେ ଥାଆନ୍ତି
ଆଉ କଣ ବେଶି ଦିନ ଅଛି କି
ଠାକୁର ଘରେ ବସିବାକୁ
ଦୁଃଖ ସୁଖ ହେବାକୁ ।

♥ମୋ-୯୮୬୧୩୨୩୬୫୦

## ଶୀତ ହେ

### ପୁଷ୍ପାଞ୍ଜଳି ପଣ୍ଡା



ଧରଣୀରେ ପାଦଥାପି
ଆସିନାହଁ ବୋଲି
ଗାଁ ଘର କଂକ୍ରିଟ ସହର
ଚାରିଆଡେ
ଖରା ପର୍ବ
ସରିବାର ନାଁ ଧରୁ ନାହିଁ
ଏଯାଏ ତ ଧୂଆଁ ନିଆଁ କାକରର
ଦେଖା ମିଳିନାହିଁ ॥

ଯୁଆଡକୁ ଚାହିଁ ଦେଲେ
ଲାଗେ ଆଗପରି
କିଛି ଖରା କିଛି ବର୍ଷା
ଆଉ କିଛି ନାହିଁ
ଶୁଖିଲା ଟାଙ୍ଗରା ଗାଁ ଭୁଇଁ ।
ଚାରିଆଡ ସଫା ନିର୍ମଳ
ଆକାଶ ରେ ନାହିଁ ଧୂଆଁ ଶୀତର କହର
ବଦଳି ଗଲାଣିସବୁ ଋତୁର ସମୟ
ଖରାର ଗଜଲ ଏବେ ଶୀତ ଗାଇଲାଣି
ଆଗକୁ ଆହୁରି କଣ ହେବ
କହି ହେଉନାହିଁ ॥

ଶୀତ ହେ
ତୁମ ଆଗମନୀ

ବଢାଇ ତ ଦେଉଥାଏ
ପ୍ରକୃତି ବୈଭବ,
କାକର ଭିଜା ମାଟିର
ନିଶିଥର ଉଷୁମ ପରଶ,
ମଧୁ ଗୁଞ୍ଜରଣ
ଗାତାକରେ
ପ୍ରେମ ଅନୁଭବ ॥
ଥୁରୁ ଦୁରୁ ଶୀତ ହୁଏ
ଶୁଣିଥିଲି
ଦେଖି ନାହିଁ କାହିଁ
ମାନତେଜି ଆସ ଏବେ
ପୃଥିବୀଟା ଦେଖୁଟିକେ
ଋତୁର ପ୍ରଭାବ
ମୁଗ୍ଧ ଅନୁଭବ ॥

♥ଯୋଜନା ସଂଯୋଜନା ବିଭାଗ
ଓଡ଼ିଶା

## ସମ୍ପର୍କ

### ହରେରାମ ପଣ୍ଡା



ସମ୍ପର୍କ ନୁହେଁ ମାଟିର କଣ୍ଢେଇଟିଏ
ଯାହା କେବେ ଗଢିହୁଏ ପୁଣି କେବେ
ଭାଙ୍ଗିହୁଏ,
ଦୁଇଟି ହୃଦୟର, ଦୁଇଟି ମନ ଓ ପ୍ରାଣର
ନିରୁତା ବିଶ୍ୱାସର ସୂତା ଖିଏ ।
ସମ୍ପର୍କ ନୁହେଁ ତଟିନୀର ପ୍ରଲମ୍ବିତ ଧାରଟିଏ,
ଯାହା କେବେ କୂଳ ଲଙ୍ଘେ ପୁଣି ଶୁଖା
ପଡ଼ିଯାଏ,
ଶାଶ୍ୱତ ସ୍ୱର ସିଏ ଦୁଇଟି ହୃଦୟ ତନ୍ତ୍ରୀର
ଆଗକୁ ଆଗକୁ ବହି ଚାଲିଥାଏ ।
ସମ୍ପର୍କ ନୁହେଁ ମନଗଢା ଗପଟିଏ

ଯାହା ପଢ଼ିସାରି ଭୁଲି ହୁଏ ପୁଣି ଭୁଲି ବି
ନହୁଏ
ଭାବର ଭୂଗୋଳ ସିଏ କାହା ଦୁଃଖ ସୁଖର
ବଞ୍ଚିଥାଏ ନିରବଧି କାଳ ଯାଏ ।
ସମ୍ପର୍କ ନୁହେଁ ଜ୍ୟୋସ୍ନା ପଖଳା ରାତିଟିଏ,
କେବେ ମନକୁ ଭିଜାଏ ପୁଣି ତା'ବାଟରେ
ଚାଲିଯାଏ

ଦିଗନ୍ତ ବିସ୍ତାରୀ ସାଗର ସିଏ
ଯିଏ ଚିରକାଳ ଉଦବେଳିତ ହେଉଥାଏ ।
ସମ୍ପର୍କ ନୁହେଁ ବାସ୍ନାୟିତ ଫୁଲଟିଏ
ରାତିରେ ଫୁଟି ଯିଏ ପାହାନ୍ତାରେ ଝଡିଯାଏ,
ରଙ୍ଗ ବେରଙ୍ଗର ଉପବନ ସିଏ,
ଯିଏ ମନପ୍ରାଣକୁ ପୁଲକିତ କରିଥାଏ ।
ସମ୍ପର୍କ ଖୋଜିବା ପାଇବା
ଏମିତି ସହଜ ନୁହେଁ,
ସୁନା ରୂପା ହୀରା ମୋତି
ଦେଇକି ବି ନୁହେଁ,
ସମ୍ପର୍କ ହେଇଯାଏ ଏମିତି ଏମିତି
ପାଇଗଲେ ମନଲାଖି ମନଟିଏ ।

♥ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ, ଯାଜପୁର
ମୋ: ୯୪୩୮୦୬୫୧୯୫



## ଅଧୁରା ସପନ

### ନିରଞ୍ଜନ ସାହୁ



ଏହି ଜୀବନରେ ଅନେକ ସପନ
ପୂରଣ ହେବନି ଆଉ
ସପନ ଦେଖିବା ବନ୍ଦ କରିବି କି
ଭାବିବି ସେତିକି ଥାଉ ?

ଯେଉଁ ସ୍ୱପ୍ନ ସବୁ ପୂରଣ ହେଲାନି
ତାହାରି ମଧ୍ୟରୁ କେତେ
ସେହି ସ୍ୱପ୍ନ ସବୁ ପୂରଣ ନ ହୋଇ
ସମସ୍ୟା ରଚିଲା ଯେତେ

ସେହି ସମସ୍ୟାର ସମାଧାନ ନାହିଁ
ଭୋଗିକି ଜୀବନ ଯାଉ ।

ଯେଉଁ ସ୍ୱପ୍ନ ସବୁ ପୂରଣ ହେବାଟା
ନିହାତି ଜରୁରୀ ଥିଲା
ସେଗୁଡିକ ସବୁ ପୂରଣ ନ ହୋଇ

ପରିସ୍ଥିତି କଲା ଢ଼ିଲା
ସେଥିପାଇଁ ବୋଧେ ହାରିଗଲି ମୁହିଁ
ଦେଖାଇ ନ ପାରି ଭାଉ ।

ପ୍ରମୁଖ ସପନ ପୂରଣ ନ ହେଲେ
ଜୀବନ ଲାଗଇ ଖାଲି
ଯେତେ ଯାହା କଲେ ଶାନ୍ତି ମିଳେନାହିଁ
ଜୀବନଟା ମରୁବାଲି
ହାତଶା ଭିତରେ ଜୀବନ ଜୀଇଁକି
ସହିବି କାହାର ଦାଉ ।

♥ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ ଖାଦ୍ୟମେଳା ପ୍ରଦର୍ଶନୀ

ଖୋର୍ଦ୍ଧା, ୧୧/୧୧ (ନି.ପ୍ର): ରବିବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ଓ ଖାଦ୍ୟମେଳା ପଦର୍ଶନୀ ଉତ୍ସ୍ୱ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି ଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ରୂପେ ଜୟଦେବ ନିର୍ବାଚନ ମଣ୍ଡଳୀ ବିଧାୟକ ନବକିଶୋର ମଲ୍ଲିକ,ସଂମ୍ମାନୀତ ଅତିଥି ରୂପେ ଜିଲାପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂ,ଉପାଧକ୍ଷ ଗୋପୀନାଥ ମହାରଣା,ଜିଲ୍ଲାପାଳ ଚଂଚଳ ରାଣା ,ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ,ଖୋର୍ଦ୍ଧା ପୌରାଧକ କନକ ଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗ ଦେଇ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିଲେ ।ବିଶେଷ କରି ଏହି ମାଣ୍ଡିଆ ହେଉଛି ବହୁ ପୁରାତନ ହିତକାରୀ ଖାଦ୍ୟ ।ଏହା ଶରୀର ପାଇଁ ଲାଭଦାୟକ ହୋଇଥିବା ବେଳେ ରୋଗପ୍ରତିରୋଧ ଶକ୍ତି ବୃଦ୍ଧି କରିବାରେ ମାଣ୍ଡିଆ ର ଅନେକ ମହତ୍ୱ ରହିଛି ।ତେଣୁ ଏହାକୁ ଖୋର୍ଦ୍ଧା ଜିଲ୍ଲାରେ କିଭଳି ଅଧିକ ପରିମାଣରେ ଚାଷ ଓ ବ୍ୟବହାର କରାଯିବ ଏହା ଉପରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ଜୟଦେବ ବିଧାୟକ ଶ୍ରୀ ମଲ୍ଲିକ ଜିଲ୍ଲା ପ୍ରଶାସନ କୁ ଅନୁରୋଧ କରିଥିଲେ । ସେହିପରି ରାଜ୍ୟ ସରକାର ଏହି ମାଣ୍ଡିଆ ଚାଷ ଓ ବ୍ୟବହାର କୁ ଗୁରୁତ୍ୱ ଦେଇଥିଲା ବେଳେ ଏଥିରେ ଚାଷୀ ମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେଉଛନ୍ତି । ଫଳରେ ଖୋର୍ଦ୍ଧା ଜିଲ୍ଲାରେ ଅନେକ ଚାଷୀ ଆଗ୍ରହୀ ଅଛନ୍ତି । ଆଗାମୀ ଦିନରେ ସେମାନଙ୍କୁ ତାଙ୍କର ପ୍ରକୃତ ପାରିଶ୍ରମିକ ଦିଆଯିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ଚାଲିଛି ବୋଲି ଜିଲ୍ଲାପାଳ ଚଂଚଳ ରାଣା କହିଥିଲେ ।ସେହିପରି ଅନ୍ୟତମ ଅତିଥି ମାନେ ମାଣ୍ଡିଆ ର ଉପକାରୀତା ଓ ପୂର୍ବ କାଳ ରେ ତାହାର ବ୍ୟବହାର ଉପରେ ମତ ରଖିଥିଲେ ।ଏହି ଅବସରେ ଭୁବନେଶ୍ୱର ବ୍ଲକ ରାଧାରାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ ଓ ଟାଙ୍ଗି ବ୍ଲକ ର ପବିତ୍ର ମୋହନ ଭୁଜବଳ ମାଣ୍ଡିଆ ଚାଷ ଓ ମାଣ୍ଡିଆ କୁ ବ୍ୟବହାର କରି କିଭଳି ଲାଭବାନ ହୋଇପାରିଛନ୍ତି ତାହା ଉପରେ ଅନୁଭୂତି କହିଥିଲେ । ସେହିପରି ମାଣ୍ଡିଆ ଉପରେ ହୋଇଥିବା ବକ୍ତୃତା ଓ ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲା ବେଳେ ମାଣ୍ଡିଆର ବ୍ୟବହାର ଓ ତାହାର ଚାଷ ପ୍ରଣାଳୀ ଉପରେ ନୃତ୍ୟ ମାଧମରେ ଲୋକ ଙ୍କୁ ସଚେତନତା କରାଯାଇଥିଲା । ଭୁବନେଶ୍ୱର ବ୍ଲକ କୃଷି ବିଭାଗର ବିଟିଏମ ସୁନିତା ମହାପାତ୍ର ଙ୍କ ସଂଯୋଜନା ରେ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲା ବେଳେ ଜିଲ୍ଲାର କୃଷି ବିଭାଗ ଏଡିଓ ପ୍ରଦୀପ୍ତ କୁମାର ପଣ୍ଡା,ଭୁବନେଶ୍ୱର ଏଡିଓ ମନୋରଞ୍ଜନ ରାଉଳ,ଟାଙ୍ଗି ବ୍ଲକ ମନୋରଞ୍ଜନ ମିଶ୍ର,ସହକାରୀ କୃଷି ଅଧିକାରୀ ମଧୁସ୍ମିତା ଶତପଥୀ,ପଲ୍ଲବୀ ସାହୁ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ଜୟନ୍ତୀରେ ମହାନ ବିପ୍ଲବୀ ଶହୀଦ ଜୟୀ ରାଜଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଏ ଜାତି ହେଉଛି ବୀର ଜାତି, ଏହି ପବିତ୍ର ଓଡ଼ିଶା ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି । ଖ୍ରୀଷ୍ଟପୂର୍ବ ସମୟରୁ ଆରମ୍ଭ କରି ଇଂରେଜ ଶାସନ ପର୍ଯ୍ୟନ୍ତ ଓଡ଼ିଆ ଜାତି ବିଭିନ୍ନ ସମୟରେ ନିଜର ବୀରତ୍ୱର ପ୍ରଦର୍ଶନ କରି ଆସିଛି । ସାରା ଦେଶ ଯେତେବେଳେ ଇଂରେଜମାନଙ୍କ ଅଧୀନକୁ ଆସିଯାଇଥିଲା, ସେତେବେଳେ ଏ ମାଟିର ବୀର ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ରଣହୁଙ୍କାର ଦେଇଥିଲେ ତାହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି । ତେଣୁ ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱ ଉପରେ ଅଧିକ ଗବେଷଣା ଓଡ଼ିଶା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ମହାନ ବିପ୍ଲବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ସାରା ଦେଶ ଯେତେବେଳେ ଇଂରେଜମାନଙ୍କ ଦ୍ୱାରା ଶାସିତ ହୋଇ ଅତ୍ୟାଚାରର ଶିକାର ହେଉଥିଲା ସେତେବେଳେ ଏହି ଖୋର୍ଦ୍ଧା ମାଟିରୁ ବିଦ୍ରୋହର ସ୍ଫୁଲିଙ୍ଗ ନିର୍ଗତ ହୋଇଥିଲା । ଏ ଜାତିର ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ସାରା ଇଂରେଜ ଶାସନକୁ ହତବାକ୍ କରିଦେଇଥିଲା । ତେଣୁ ଏହି ବୀରତ୍ୱର ଗାଥାକୁ ଯୁବପିଢ଼ି ପଢ଼ିବା ଜରୁରୀ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରାକ୍ତନ ଶିକ୍ଷା ପ୍ରଶାସକ ଡ. ପ୍ରଫୁଲ୍ଲ କୁମାର ରଥ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ ତାଙ୍କଠାରେ ତ୍ୟାଗୀ ଓ ଯୋଗୀର ଅପୂର୍ବ ସମନ୍ୱୟ ଘଟିଥିଲା ବୋଲି ମତବ୍ୟକ୍ତ କରିଥିଲେ । ଦୂରଦୃଷ୍ଟି ଓ ଯୁଦ୍ଧକୌଶଳ ତାଙ୍କୁ ପ୍ରକୃତ ବୀର ଆଖ୍ୟା ପ୍ରଦାନ କରିଛି ବୋଲି ସେ କହିଥିଲେ । ସେହିପରି ବିଶିଷ୍ଟ ଶିକ୍ଷାବିତ୍ ତଥା ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଇଂରେଜମାନଙ୍କୁ ଏ ମାଟିରୁ ତଡ଼ିବା ପାଇଁ ଯେଉଁ ଜାତୀୟତା ଜନ୍ମଲାଭ କରିଥିଲା ତାହାର ନେତୃତ୍ୱ ନେଇଥିଲେ ବିପ୍ଲବୀ ଜୟୀ ରାଜଗୁରୁ । ତାଙ୍କ ସମୟରେ ଯେଉଁ ସଂଗ୍ରାମ ଆରମ୍ଭ ହୋଇଥିଲା ତାହା ହିଁ ଥିଲା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ 'ଜୟୀ ରାଜଗୁରୁଙ୍କ ଜୀବନୀ' ସଂପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

# ଅରାଙ୍ଗ ଜଙ୍ଗଲରେ ଚଢ଼ାଉ କରି ୫୩୫ ଲିଟର ଦେଶୀ ରନ୍ଧା ମଦ ଜବତ

ଖୋର୍ଦ୍ଧା, ୧୧/୧୧ (ନି.ପ୍ର): ଆକ୍ସନ ମୋଡ଼ରେ ଅବକାରୀ ବିଭାଗ । ଅରାଙ୍ଗ ଜଙ୍ଗଲରେ ଚଢ଼ାଉ କରି ୫୩୫ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଗୋଟିଏ ପରିବାରର ବାପା, ମା ଏବଂ ପୁଅକୁ ଗିରଫ କରାଯାଇଛି । ଏଭଳି ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ଅରାଙ୍ଗ ଜଙ୍ଗଲରେ । ସୂଚନା ମୁତାବକ, ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଅରାଙ୍ଗ ଜଙ୍ଗଲରେ ଦେଶୀ ରନ୍ଧା ମଦ ତିଆରି କରାଯାଉଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲା ଅବକାରୀ ବିଭାଗ । ଖବର ପାଇ ଉକ୍ତ ଜଙ୍ଗଲରେ ଅବକାରୀ ଅଧିକ୍ଷକଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଜଙ୍ଗଲରୁ ୫୩୫ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି ଅବକାରୀ ବିଭାଗ । ଏହି ଘଟଣାର ସମ୍ପୃକ୍ତ ଥିବା ଗୋଟିଏ ପରିବାରର ବାପା, ମା ଏବଂ ପୁଅକୁ ଗିରଫ କରାଯାଇଛି ।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ

ଜୟପୁର, ୧୧/୧୧ (ନି.ପ୍ର): ନାବାଳିକାକୁ ଅପରହଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ନାବାଳକକୁ କାବୁ କଲା ଜୟପୁର ମହିଳା ପୋଲିସ । ମହିଳା ପୋଲିସ ସୁଚନା ଅନୁଯାଇ ଜଣେ (୧୫) ନାବାଳିକାକୁ ଅପହରଣ ହୋଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ କଳାହାଣ୍ଡି ଜିଲା ଗୋପିନାଥପୁରରୁ ନାବାଳିକାକୁ ଉଦ୍ଧାର କରି ଅଭିଯୁକ୍ତ ନାବାଳକକୁ କାବୁ କରିଥିଲା । ଡାକ୍ତିର ମାଇନା କରିବା ପରେ ଅଭିଯୁକ୍ତ ନାବାଳକକୁ ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରିଥିବା ବିଷୟ ଜୟପୁର ମହିଳା ଥାନା ଅଧିକାରି ଅନିତା କୁଜୁର ସୁଚନା ଦେଇଛନ୍ତି ।

# ସମ୍ବଲପୁର ଜିଲ୍ଲାରେ ମାଣ୍ଡିଆ ଦିବସ ପାଳିତ

ସମ୍ବଲପୁର, ୧୧/୧୧ (ନି.ପ୍ର): ରାଜ୍ୟର ଥିବା ମାଣ୍ଡିଆ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ସହ ମାଣ୍ଡିଆ ଚାଷ ଅଧିକରୁ ଅଧିକ କରିବାକୁ ଜନଜାଗରଣ ସୃଷ୍ଟି କରିବାକୁ ସରକାରଙ୍କ ପକ୍ଷରୁ ପ୍ରୟାସ କରାଯାଇଛି । ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ସମ୍ବଲପୁର ପକ୍ଷରୁ ସମ୍ବଲପୁର ଜିଲ୍ଲା ପ୍ରେକ୍ଷାଳୟ ତପସ୍ୱିନୀ ଠାରେ ଆଜି ମାଣ୍ଡିଆ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଏକ ସ୍ୱତନ୍ତ୍ର ଖାଦ୍ୟ ମେଳା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହାକୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉଦଘାଟନ କରିଥିଲେ । ମେଳାରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ କୁ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ, ସହକାରୀ କୃଷି ଅଧିକାରୀ ଟଙ୍କଧର ନାଗ, ଜିଲ୍ଲା ମିଲେଟ ମିସନର ଡିପିସି ସୁଧାଂଶୁ ରାୟଗୁରୁ, ଜିଲ୍ଲା କୃଷକ ସୁରକ୍ଷା ସଂଗଠନର ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ମିଶ୍ର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଚନ୍ଦ୍ର ଶେଖର ପଣ୍ଡା, କୃଷି ବିଜ୍ଞାନ କେନ୍ଦ୍ର ର ଗବେଷିକା ମୋନାଲିସା ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଏଥିରେ ମାଣ୍ଡିଆ ର ଉପକାରିତା ଓ ବିଶେଷତ୍ୱ ନେଇ ଆଲୋଚନା କରାଯାଇଥିଲା । ଏହାସହ ମାଣ୍ଡିଆ ଚାଷୀଙ୍କ ପାଇଁ ସରକାରଙ୍କ ଥିବା ବିଭିନ୍ନ ଯୋଜନା ନେଇ ଅବଗତ କରାଯାଇଥିଲା । ଏହି ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର ?ୟକ୍ରମ ପରିବେଷଣ କରିଥିଲେ । ବିଶ୍ୱବିଦ୍ୟାଳୟ ସ୍ତରରେ ହୋଇଥିବା କ୍ୱିଜ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ପ୍ରଥମ ସୁନିରୀତା ସାହୁ ଏବଂ ଜ୍ୟୋତିର୍ମୟୀ ପଣ୍ଡା, ଦ୍ୱିତୀୟ ଆକାଂକ୍ଷା ପଟେଲ ଓ ତୃତୀୟ ସ୍ଥାନ ପାଇଥିବା ସଂଚିତା ମିଶ୍ର ଏବଂ କ୍ରୀତିକା ବାବୁଙ୍କୁ ପୁରସ୍କୃତ କରାଯାଇଥିଲା । ଉଲ୍ଲେଖନୀୟ ମାଣ୍ଡିଆ ଚାଷ ପାଇଁ ସଫଳ ଚାଷୀ ଏବଂ କୃଷକ ଉତ୍ପାଦକ ସଂଘ କର୍ମକର୍ତାମାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ ।

# ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ

ଭୁବନେଶ୍ୱର , ୧୧/୧୧ (ନି.ପ୍ର): ଲୋକସେବା ଭବନସ୍ଥିତ କନଭେନସନ ସେଂଟରରେ ମାନ୍ୟବର ମୁଖ୍ୟମନ୍ତ୍ରୀଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ଉପରେ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଆଜି ଉଦଘାଟନ ପରେ ଏଠାରେ ଆୟୋଜିତ ପ୍ରଥମ ଅଧିବେଶନରେ ୩ଟି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନରେ ବିଶ୍ୱରେ ବିସ୍ମୃତ ଖାଦ୍ୟ ଶସ୍ୟର ସ୍ଥିତି ଓ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା । ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନର କୃଷି ଅଧିକାରୀ (ପ୍ଲାଂଟ ଜେନେଟିକ୍ ରିସୋର୍ସେସ୍) ଡ. (ସୁଶ୍ରୀ) ଆର୍ଶିଆ ନୁରାନି ଆଭାସୀ ମାଧ୍ୟମରେ ଯୋଗ ଦେଇ ଅବହେଳିତ ଓ ଅଣବ୍ୟବହୃତ ପ୍ରଜାତି (ଏନ୍ୟୁଏସ୍) ଭାବେ ବିଲୁପ୍ତପ୍ରାୟ ବିବେଚିତ କ୍ଷୁଦ୍ର ଖାଦ୍ୟ ଶସ୍ୟର ସାମ୍ପ୍ରତିକ ବୈଶ୍ୱିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ଏନବିପିଜିଆରର ପ୍ରମୁଖ ବୈଜ୍ଞାନିକ ଡ. ସୁନୀଲ ଆର୍ଚକ ଭାରତରେ ଅବହେଳିତ ଏବଂ ଅଣ ବ୍ୟବହୃତ (ଏନୟୁଏସ୍) ଫସଲର ବିବିଧତା ଏବଂ ସମ୍ଭାବନା ଉପରେ ଆଲୋକପାତ କରିଥିବା ବେଳେ ଓୟୁଏଟି ପିଏମଇର ନିର୍ଦ୍ଦେଶକ ଡ. ଦୟାନିଧି ମିଶ୍ର, ଓଡ଼ିଶାର କୃଷି ଜୈବ ବିବିଧତା ହଟସ୍ପଟ୍ ଏବଂ ଏନୟୁଏସ୍ ଫସଲ ପାଇଁ ଉପଲବ୍ଧ ସୁଯୋଗ ଉପରେ ଆଲୋକପାତ କରିଥିଲେ । ଏପିଏଏଆରଆଇ/ଜିଏଫ୍ଏଆର୍ ର ବରିଷ୍ଠ ପରାମର୍ଶଦାତା ଡ. କେଏସ୍ ବରପ୍ରସାଦ ବିସ୍ମୃତ ଖାଦ୍ୟ ଉପରେ ଏକ ବୈଶ୍ୱିକ ଇସ୍ତାହାର ବିକଶିତ କରିବା ଉଦ୍ଦେଶ୍ୟରେ ପରାମର୍ଶ ଦେଇଥିଲେ । ଅଧିବେଶନରେ ବିଭିନ୍ନ ବର୍ଗରୁ ଅଂଶଗ୍ରହଣକାରୀ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏମ୍. ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ଅଧକ୍ଷା ଡ. ସୌମ୍ୟା ସ୍ୱାମୀନାଥନ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ଏହି ପ୍ରସଙ୍ଗରେ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ । ଦ୍ୱିତୀୟ ଅଧିବେଶନରେ "ବିସ୍ମୃତ ଖାଦ୍ୟ ଶସ୍ୟର ପ୍ରକ୍ରିୟାକରଣ ଏବଂ ମୂଲ୍ୟ ଯୋଗ" ଶୀର୍ଷକ ଆଲୋଚନା କରାଯାଇଥିଲା । ଅଭିନବ ପ୍ରକ୍ରିୟାକରଣ ପଦ୍ଧତି ମାଧ୍ୟମରେ ଏହି ଭଳି ଅବହେଳିତ ଫସଲର ମୂଲ୍ୟ ବୃଦ୍ଧି ଉପରେ ବିଶଦ୍ ଆଲୋଚନା ହୋଇଥିଲା ।

# ଫୁଲବାଣୀ ପିଅନପଡ଼ା ସ୍ଥିତ କାଳୀ ମନ୍ଦିର ଦ୍ୱିବାର୍ଷିକ ନିର୍ବାଚନ

କନ୍ଧମାଳ, ୧୧/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ପିଅନପଡ଼ା ସ୍ଥିତ ସର୍ବପୁରାତନ ମା' କାଳୀ ମନ୍ଦିରର ଦ୍ୱିବାର୍ଷିକ ନିର୍ବାଚନ କାଳୀମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ସଭାପତି ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଥମେ ସମ୍ପାଦକ ବାର୍ଷିକ ଓ ଆୟ ବ୍ୟୟର ବିବରଣୀ ପାଠ କରିଥିଲେ । ଉପସ୍ଥିତ ସମସ୍ତ ସଦସ୍ୟଙ୍କ ସମ୍ମତିକ୍ରମେ ଦ୍ୱିବାର୍ଷିକ ନିର୍ବାଚନ ନିମନ୍ତେ କର୍ମକର୍ତା ମନୋନୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ନିର୍ମଳେନ୍ଦୁ ତ୍ରିପାଠୀଙ୍କୁ ମନୋନୀତ କରାଯାଇଥିଲା । ସେହିପରି ଉପ ସଭାପତି ଭାବେ ଅସୀମ ପ୍ରହରାଜ, ସମ୍ପାଦକ ଭାବେ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ସହ ସମ୍ପାଦକ ବାଦଲ କୁମାର ସାହୁ, କୋଷାଧକ୍ଷ ଗୋପାଳ ବିଷୋୟୀଙ୍କୁ ମନୋନୀତ କରାଯାଇଛି । କମିଟିର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅମରେଶ ରଥ, ଈଶ୍ୱର ପଟ୍ଟନାୟକ, ପ୍ରଶାନ୍ତ ପାଣିଗ୍ରାହୀ, ଅଶ୍ୱିନୀ କର, ସାଇପ୍ରସାଦ ପାଢ଼ୀ, କେ.କେ. ମୂର୍ତି, ୧ ନମ୍ବର ୱାର୍ଡର କାଉନ୍ସିଲର ମୃତ୍ୟୁଞ୍ଜୟ ପେରା ଓ ୧୨ ନମ୍ବର ୱାର୍ଡର କେ. ଶ୍ରୀନିବାସ ପଟ୍ଟନାୟକଙ୍କୁ ଚୟନ କରାଯାଇଛି । ଉପଦେଷ୍ଟା ଭାବେ ଅଜିତ ମହାରଣା ଓ ପ୍ରଦୀପ ପଣ୍ଡାଙ୍କୁ ମନୋନୀତ କରାଯାଇଥିବା ନେଇ ନୂତନ କମିଟି ସୂତ୍ରରୁ ଜଣାପଡ଼ିଛି ।

# କାଳୀ ପୂଜା ଅବସରରେ ରକ୍ତଦାନ ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ସୁବର୍ଣ୍ଣପୁର, ୧୧/୧୧ (ନି.ପ୍ର): ୫୬ ତମ କାଳୀ ପୂଜା ତଥା ସହିଦ୍ ଯବାନ ସଚିନ କୁମାର ସାହୁ ଓ ପ୍ରତାପ ନାଏକଙ୍କ ସ୍ମୃତି ଅବସରରେ ଆଜି ସୋନପୁର ମଝିପଡ଼ା ରାମଧୁନ୍ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଯୋଗଦେଇ ଏହାକୁ ଉଦ୍ଘାଟନ କରି ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ରକ୍ତର ସଙ୍କଟ ସମୟରେ ରାମଧୁନ୍ କ୍ଲବ୍ର ଏଭଳି ଉଦ୍ୟମ ଅନେକ ରୋଗୀଙ୍କ ଜୀବନ ବଂଚାଇବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ସୋନପୁର ଏସ୍‌ଡିପି ଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ସିଡିଏମ୍ ଓ ଡା. ପ୍ରଦୀପ ଗୁରୁ ସମାଜସେବୀ ଶ୍ରବସ ମଲ୍ଲିକ, ପୂର୍ବତନ କାଉନସିଲର କଇରୁ ସ୍ୱାଇଁ ଯୋଗଦେଇ ରକ୍ତଦାତାଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ । ସମୁଦାୟ ୪୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ୬୧ଜଣ ଚକ୍ଷୁ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୬ ଜଣ ରୋଗୀଙ୍କ ଅସ୍ତ୍ରୋପ୍ରଚାର ପାଇଁ ପଠାଯାଇଛି । ଆଡଭୋକେଟ ଚମ୍ପେଶ୍ୱର ଥାନପତି, କ୍ଲବ୍ର ଉପଦେଷ୍ଟା ପଦ୍ମନାଭ ପାଢ଼ୀ, ଭୁକୁଲୁ ବକ୍ସି, ଶେଷଦେବ ମେହେର, ଲଡ୍ଡୁକିଶୋର ମଲ୍ଲିକ ମଂଚରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଆୟୋଜକ କମିଟି ପରାମର୍ଶଦାତା ପୀୟୂଷ ପଣ୍ଡା, ବିକାଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ମନୋରଞ୍ଜନ ତ୍ରୀପାଠୀ ସଭା ସଂଯୋଜନା କରିଥିଲେ । ପୂଜା କମିଟି ସଭାପତି ପୁରେନ୍ଦ୍ର ନାଏକ, ଉପ ସଭାପତି ବୁବୁନ ନାଏକ, ସମ୍ପାଦକ ସୁରଜ୍ ସାହୁ, ସହ ସମ୍ପାଦକ ଚନ୍ଦନ ସାହୁ, କୋଷାଧକ୍ଷ ରାଜୀବ ସାହୁ ସହଯୋଗ କରିଥିଲେ । ଡ଼ା ସରୋଜ ପଟେଲ, ବ୍ଲଡ ବ୍ୟାଙ୍କ ଟେକ୍ନି ସିଆନ ଜଗତ ଦରୁଆନ, ଟିଟୁ ଭୋଇ, ମୁନା ନାଏକ ପ୍ରମୁଖ ରକ୍ତଦାତାଙ୍କ ଠାରୁ ରକ୍ତସଂଗ୍ରହ କରିଥିବାବେଳେ କ୍ଲବ୍ ଓ ପୂଜା କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

# ଅତିରିକ୍ତ ନିର୍ବାଚନ ସଚିବଙ୍କ କେନ୍ଦ୍ରାପଡ଼ା ଗସ୍ତ ଓ ବୁଥ ପରିଦର୍ଶନ

କେନ୍ଦ୍ରାପଡ଼ା, ୧୧/୧୧ (ନି.ପ୍ର): ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଭୋଟର ତାଲିକା ୨୦୨୫ ଉପଲକ୍ଷେ ରାଜ୍ୟର ଅତିରିକ୍ତ ନିର୍ବାଚନ ସଚିବ ତ୍ରିନାଥ ମହାରଣା କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ, ପଟ୍ଟାମୁଣ୍ଡାଇ ପୌରାଂଚଳ, କେନ୍ଦ୍ରାପଡ଼ା ପୌରାଂଚଳର ବୁଥ୍‌ଗୁଡ଼ିକ ପରିଦର୍ଶନ କରିଛନ୍ତି । ସଚିବ ଶ୍ରୀ ମହାରଣା ରବିବାର କେନ୍ଦ୍ରାପଡ଼ାରେ ପହଂଚି ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହିତ କେନ୍ଦ୍ରାପଡ଼ା ପୌରାଂଚଳର କେନ୍ଦ୍ରାପଡ଼ା ହାଇସ୍କୁଲ, କାକଟ ୟୁପି ସ୍କୁଲ, ମହିପାଳ ମୁନିସିପାଲିଟି ହାଇସ୍କୁଲ, ପଟ୍ଟାମୁଣ୍ଡାଇର ବଡ଼ ମୂଳବସନ୍ତ ହାଇସ୍କୁଲ, ଗର୍ମେଂଟ ହାଇସ୍କୁଲ, ବାଲିପଡ଼ା ପ୍ରାଇମେରୀ ସ୍କୁଲ, କସଣଂଟା ୟୁଜିୟୁପି ସ୍କୁଲ, କେନ୍ଦ୍ରାପଡ଼ା ବ୍ଲକର ବିଭିନ୍ନ ସ୍କୁଲଗୁଡ଼ିକରେ ହେଉଥିବା ବୁଥ୍‌ଗୁଡ଼ିକୁ ପରିଦର୍ଶନ କରି ସେଠାରେ ନୂତନ ଭୋଟରଙ୍କୁ ପଞ୍ଜିକରଣ କରିବା, ନାମ ସଂଶୋଧନ କରିବା, ଦୁଇ ଜାଗାରେ ଥିବା ନାମକୁ ଗୋଟିଏ ସ୍ଥାନରୁ ବାଦ୍‌ଦେବା, ଭୋଟର ତାଲିକାରେ ଥିବା ଭୁଲ୍‌ତଥ୍ୟର ସଂଶୋଧନ କରିବା, ଏକାଧିକ ଜାଗାରେ ଥିବା ଭୋଟରଙ୍କ ନାମକୁ ଗୋଟିଏ ଜାଗାରେ ରଖିବା, ମୃତ ଭୋଟରଙ୍କ ନାମ କାଟିବା, ସ୍ଥାୟୀ ଭାବରେ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍‌ଦେବା, ଯୋଗ୍ୟ ହେଉଥିବା ସମ୍ଭାବିତ ଭୋଟର ୦୧.୦୧.୨୦୨୫ ସୁଦ୍ଧା ଯୋଗ୍ୟ ସମ୍ଭାବିତ ଭୋଟର(ପରବର୍ତୀ ୩ଟି ତାରିଖରେ ପଞ୍ଜିକରଣ କରିପାରିବେ) ଯୋଗ୍ୟ ବ୍ୟକ୍ତିମାନଙ୍କର ବୁଥସ୍ତରୀୟ ଅଧିକାରୀମାନେ ତଥ୍ୟ ସଂଗ୍ରହ କରୁଥିବା କର୍ମଚାରୀଙ୍କ ସହିତ ସଚିବ ଶ୍ରୀ ମହାରଣା ଆଲୋଚନା କରିଥିଲେ ।

# ଓଶ୍ୱର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ: ବାପୁନି ସାହୁ ଜିଲ୍ଲା ସଂପାଦକ ଓ ବିକାଶ ପାତ୍ର ହେଲେ ଜିଲ୍ଲା ସଭାପତି

ବଲାଙ୍ଗିର, ୧୧/୧୧ (ନି.ପ୍ର): ଆଜି ଓସ୍ବ ବଲାଙ୍ଗୀର ଜିଲ୍ଲାର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏଡିଫିଶ ମଣ୍ଡପରେ ଅନୁଷ୍ଠିତ ହେଇଛି । ଏହି ବାର୍ଷିକ ସମ୍ମିଳନୀରେ ସଂଗଠନର ବାର୍ଷିକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା ଏବଂ ବାର୍ଷିକ ଆୟ ବ୍ୟୟର ହିସାବ ଉପସ୍ଥାପନା କରାଯାଇ ଗୃହୀତ କରାଯାଇଥିଲା । ଏହି ସମ୍ମିଳନୀକୁ ଜିଲ୍ଲା ସଭାପତି ସିଦ୍ଧାର୍ଥ ମିଶ୍ର, ଜିଲ୍ଲା ଉପ ସଭାପତି ମନୋଜ ପଶାୟତ, ରାଜ୍ୟ ଉପ ସଭାପତି ଅନିରୁଦ୍ଧ ମହାପାତ୍ର ପରିଚାଳନା କରିଥିଲେ । ଜିଲ୍ଲା ସମ୍ପାଦକ ବାପୁନି କୁମାର ସାହୁ ସମ୍ପାଦକୀୟ ବିବରଣୀ ପରିବେଷଣ କରିଥିଲେ । ଜିଲ୍ଲା କୋଷାଧ୍ୟକ୍ଷ ସତ୍ୟ ନାରାୟଣ ରଥ ଆୟ ବ୍ୟୟର ହିସାବ ରଖିଥିଲେ । ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ଭାସ୍କର ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଭାବେ ଓଶ୍ୱର ରାଜ୍ୟ ସଭାପତି ମହେନ୍ଦ୍ର ସାହୁ ଓ ରାଜ୍ୟ ସମ୍ପାଦକୀୟ ମଣ୍ଡଳୀ ସଦସ୍ୟ ସାଥି ପ୍ରତ୍ୟୁଷ ମିଶ୍ର ଏହି ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶ୍ରମିକ ମାରଣ ନୀତି ଉପରେ ଆଲୋକପାତ କରି ବକ୍ତବ୍ୟ ରଖିଥିଲେ । ମେଡିକାଲ ରେପ୍ରେଜେଂଟଟିଭମାନେ କାର୍ଯ୍ୟକ୍ଷେତ୍ରରେ ଭୋଗୁଥିବା ଦୈନନ୍ଦିନ ଅସୁବିଧା ଉପରେ ଆଲୋଚନା କରାଯାଇଥିଲା । ଏହି ସମ୍ମିଳନୀରେ ଆଗାମୀ ବର୍ଷ ପାଇଁ ନୂତନ ଜିଲ୍ଲା କମିଟି ଗଠନ କରାଯାଇଛି । ସଭାପତି ଭାବେ ବିକାଶ ପାତ୍ର, ଉପ ସଭାପତି ଭାବେ ମନୋଜ ପସାୟତ, ଜିଲ୍ଲା ସମ୍ପାଦକ ବାପୁନି କୁମାର ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ସତ୍ୟ ନାରାୟଣ ରଥ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁରୁଲାଲ ମଟାରୀ, ସତାବନ ସାହୁ, ଭାରତ ଶତପଥି, ରଘୁନାଥ ନାୟକ, ସୁଶାନ୍ତ ମିଶ୍ର, ସୁନୀଲ କୁମାର ପଣ୍ଡା, ଗିରିଶ ମିଶ୍ର, ଆକାଶ ମିଶ୍ର ସୁଧାଂଶୁ ଶେଖର ଦାସ, ଆମରନାଥ ପଲେଇ ଓ ସାଥି ଲୋପନ ମିଶ୍ର ସର୍ବସମ୍ମତିରେ ନିର୍ବାଚିତ ହୋଇଥିଲେ ।

# କେନ୍ଦ୍ରାପଡା କୋର୍ଟରେ ଶିଶୁ ଦିବସ ଉପଲକ୍ଷେ ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ୧୧/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ଶିଶୁ ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ (ହାଇସ୍କୁଲ)ରୁ ୧୦୦ ଜଣ ଛାତ୍ରଛାତ୍ରୀ ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ କୋର୍ଟ ତରଫରୁ କାଗଜ, ପେନସିଲ, ରବର, କଟର ଓ ରଙ୍ଗ ପ୍ରଦାନ କରାଯାଇ ଥିଲା । ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇ ଥିବାବେଳେ ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିବାଶିଷ ଦାଶ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଯଜ୍ଞସିନୀ ମାନଦାତା ଓ ତୃତୀୟ ସ୍ଥାନ ଅଧିକାରୀ କରିଥିବା ନିଶିକାନ୍ତ ରାଉତଙ୍କୁ ପୁରଷ୍କୃତ କରାଯାଇ ସମ୍ମାନିତ କରାଯାଇ ଥିଲା । ଜିଲ୍ଲା ଜଜ ଶ୍ରୀ ମହାନ୍ତି ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରି ରାଜ୍ୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଜିଲ୍ଲାର ନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ ।

# ପ୍ରଥମ ଥର ଓଡ଼ିଶାରେ ଆୟୋଜିତ ହେବ 'ଉଦ୍ଭବ'

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ପ୍ରଥମ ଥର ଓଡ଼ିଶା ଆୟୋଜିତ କରିବାକୁ ଯାଉଛି ପଂଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ ୨୦୨୪- 'ଉଦ୍ଭବ' । ନଭେମ୍ବର ୧୨ ରୁ ୧୫ ତାରିଖ ଯାଏଁ ଏହି ଜାତୀୟସ୍ତରୀୟ ଉତ୍ସବ ହେବାକୁ ଥିବା ବେଳେ ନ୍ୟାସନାଲ୍ ଏଜୁକେସନ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଂଟ ସହାୟତାରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛି । ଏଥିସହ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରାଳୟ ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ୍, ରାଜ୍ୟମନ୍ତ୍ରୀ ଶ୍ରୀ ଦୁର୍ଗାଦାସ ଉଇକେ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦଘାଟନୀ ସମାରୋହରେ ସାମିଲ ହେବେ । ତେବେ, ୨୨ ଟି ରାଜ୍ୟରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ର ୧୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ୨୫୦ ଶିକ୍ଷକ-ଶିକ୍ଷୟିତ୍ରୀ ଏହି ସମାରୋହରେ ସାମିଲ ହେବେ । ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ତାଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ପାଳିତ ହେବ । ନୃତ୍ୟ, ସଙ୍ଗୀତ, ଡ୍ରାମା, ଥିଏଟର, ଚିତ୍ରାଙ୍କନ, ଭିଜୁଆଲ୍ ଆର୍ଟ, ବକ୍ତୃତା ଭଳି ୪୭ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଉଛି । ଏହାଫଳରେ ପିଲାମାନେ ପରସ୍ପରର ସଂସ୍କୃତି, ଐତିହ୍ୟ, ଭାଷା, ସାହିତ୍ୟ, ଇତିହାସ ସମ୍ପର୍କରେ ଅବଗତ ହୋଇପାରିବେ । ଅଭିନବ ଏବଂ ସୃଜନଶୀଳ କର୍ମଶାଳାରେ ଯୋଗ ଦେଇ ପିଲାମାନେ ନୂତନ କୌଶଳବିଦ୍ୟା ଶିଖିପାରିବେ । ଏଥିସହିତ ବିଜେତାମାନଙ୍କୁ ପୁରସ୍କୃତ କରାଯିବ ଏବଂ ପ୍ରତ୍ୟେକ ଛାତ୍ରଙ୍କୁ ଅଂଶଗ୍ରହଣ ମାନପତ୍ର ପ୍ରଦାନ କରାଯିବ । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଛାତ୍ରମାନଙ୍କୁ ପ୍ରତିଦିନ ଜଳଖିଆ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ଦିଆଯିବ । ଖାଦ୍ୟର ମେନୁରେ ଭାରତବର୍ଷର ବିଭିନ୍ନ ଖାଦ୍ୟକୁ ଏଠାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଚାରି ଦିନିଆ ଉତ୍ସବ ମାଧ୍ୟମରେ ଛାତ୍ରଛାତ୍ରୀମାନେ ମିଳିତ ଭାବେ ଭାରତବର୍ଷର ବିଭିନ୍ନ ସଂସ୍କୃତିକୁ ପାଳନ କରିବା ପାଇଁ ସୁଯୋଗ ପାଇବେ ଫଳରେ ସେମାନଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗୀ ମନୋଭାବ ସୃଷ୍ଟି ହୋଇପାରିବ ।

# ଆହତ କୁକୁରକୁ ଚିକିତ୍ସା କଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା, ୧୧/୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମରେ ଶୁକ୍ରବାର ଦୁର୍ଘଟଣାର ଶିକାର ହୋଇ ମେରୁଦଣ୍ଡ ଭାଙ୍ଗି ଯାଇଥିବା କୁକୁରକୁ ଚିକିତ୍ସା କରାଯାଇଥିଲା । ଗତ ତିନିଦିନ ହେବ ବୁଲା କୁକୁରଟି ରାସ୍ତାରେ ଶୋଇଥିବା ବେଳେ ଏକ ଅଜଣା ଗାଡି ଚଢି ଯାଇଥିଲା । ଯାହାଫଳରେ ତାହାର ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ସେ କୁଆଡେ ଯାଇ ନପାରି ବିକଟାଳ ରଡି ଛାଡୁଥିଲା । ଏହା ଦେଖି ଗ୍ରାମବାସୀମାନେ ତାକୁ ଖାଇବାକୁ ଦେଇଥିଲେ । ଚିକିତ୍ସା ପାଇଁ ଗ୍ରାମର ଯୁବକ ଲକ୍ଷ୍ମୀକାନ୍ତ ନାୟକ ପ୍ରାଣୀ ଚିକିତ୍ସକ ହରିହର ନାୟକଙ୍କୁ ଖବର ଦେଇଥିଲେ । ଫଳରେ ହରିହର ନାୟକ ଘଟଣା ସ୍ଥଳକୁ ଆସି କୁକୁରର ଚିକିତ୍ସା କରିଥିଲେ । ତାଙ୍କ ସହିତ ଗୁଲନଗର ପଂଚାୟତର ପ୍ରାଣୀଧନ ନିରୀକ୍ଷକ ତୁଷାର ରଞ୍ଜନ ନାୟକ ଓ ଡେରାବିଶ ଗ୍ରାମର ଜିତେନ୍ଦ୍ର ଦାସ ଆହତ କୁକୁରକୁ ସୁରକ୍ଷିତ ସ୍ଥାନକୁ ନେଇ ତାହାର ଚିକିତ୍ସା କରିଥିଲେ । ତାକୁ ଆଂଟିବାୟୋଟିକ୍ ସହିତ ଯନ୍ତ୍ରଣା ନିରୋଧକ ଇଞ୍ଜେକ୍‌ସନ ଦେଇଥିଲେ । କୁକୁରର କ୍ଷତ ସ୍ଥାନରେ ଔଷଧ ଲଗାଇଥିଲେ । ଏହିପରି କୁକୁରର କ୍ଷତ ଶୁଖିବା ପର୍ଯ୍ୟନ୍ତ ପ୍ରତିଦିନ ଚିକିତ୍ସା କରାଯିବ ବୋଲି ହରିହର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲାରେ କୌଣସି ସ୍ଥାନରେ ପଶୁମାନଙ୍କୁ ରଖି ଚିକିତ୍ସା କରିବା ପାଇଁ ବ୍ୟବସ୍ଥା ନଥିବାରୁ ଏହି ଆହତ କୁକୁରକୁ ସେହିଠାରେ ଚିକିତ୍ସା କରାଗଲା ।

# ଚିନ୍ତାମଣି ବେହେରାଙ୍କ ପାଇଁ ଉଦଳା ମାଟି ଗର୍ବ ଅନୁଭବ କରେ : ପ୍ରମିଳା ପଣ୍ଡା




ଉଦଳା, ୧୧/୧୧ (ନି.ପ୍ର): ପ୍ରଶାନ୍ତ ସ୍ମୃତି ପରିଷଦ, ଉଦଳା ଆନୁକୂଲ୍ୟରେ ସ୍ଥାନୀୟ 'ସନ୍ଧାନ' ଗୃହ ପରିସରରେ ସାହିତ୍ୟିକ ଚିନ୍ତାମଣି ବେହେରାଙ୍କ ୯୮ ତମ ଜୟନ୍ତି ପାଳିତ ହୋଇ ଯାଇଛି । ଏହି ଅବସରରେ 'ଆଧୁନିକ ଓଡ଼ିଆ ସାହିତ୍ୟରେ ସମାଲୋଚନା ଓ ସମୀକ୍ଷା' ଶିର୍ଷକ ଆଲୋଚନାଚକ୍ର, କବିତାପାଠୋତ୍ସବ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । 'ମଶାଲ' ପତ୍ରିକାର ସମ୍ପାଦକ ରବିକାନ୍ତ ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଚିନ୍ତାମଣି ବେହେରାଙ୍କ ପିଲାଦିନ କିପରି କଟିଥିଲା ଏବଂ ଉଦଳା ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ପାଠ ପଢ଼ା ଜୀବନ କେମିତି ଥିଲା ସେ ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲିପ କୁମାର ଦୀକ୍ଷିତ ଏବଂ କବି ପ୍ରଫୁଲ କୁମାର ଖିଲାର, ଚିନ୍ତାମଣି ବେହେରାଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ଶ୍ୟାମସୁନ୍ଦର ପଣ୍ଡା, ଭକ୍ତିଜ୍ଞାନ ସଂଚାର ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୁଥାଳ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ମଂଜୁଲତା ନାୟକ ଓ ଅବସରପ୍ରାପ୍ତ ଓଡ଼ିଶା ସରକାରଙ୍କର କୃଷି ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ ଆଲୋଚକ ଭାବରେ ଯୋଗ ଦେଇ ଚିନ୍ତାମଣି ବେହେରାଙ୍କ ସାହିତ୍ୟକୃତି କିପରି ଓଡ଼ିଶାର ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଚିନ୍ତାମଣି ବେହେରାଙ୍କ ସାହିତ୍ୟକୃତିକୁ ସେ ସମୟର ମୁଖ୍ୟମନ୍ତ୍ରୀ ଜାନକି ବଲ୍ଲଭ ପଟ୍ଟନାୟକ ମଧ ପ୍ରଶଂସା କରିବା ସହ ତାଙ୍କୁ କିପରି ସମ୍ମାନ ଜଣାଉଥିଲେ ବ୍ୟକ୍ତ କରି ଏହିଭଳି ଜଣେ ପ୍ରତିଷ୍ଠିତ ସାହିତ୍ୟିକ ଉଦଳା ଉପଖଣ୍ଡରେ ଜନ୍ମ ଗ୍ରହଣ କରିଥିବାରୁ ଉଦଳା ମାଟି ଗର୍ବ ଅନୁଭବ କରେ ବୋଲି କହିଥିଲେ । ଏହାପରେ ନମିତା ରାଉତ ଓ ଜାହ୍ନବି ପୁଟିଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠୋତ୍ସବରେ ସର୍ବେଶ୍ୱର ମହାପାତ୍ର, ସତ୍ୟବ୍ରତ ମିଶ୍ର, ତ୍ରିଲୋଚନ ରଥ, ପ୍ରଭାକର ସାହୁ, ପ୍ରଭାସଚନ୍ଦ୍ର ନାୟକ, ଯୋଗେନ୍ଦ୍ର ପଣ୍ଡା, ପବିତ୍ର ମୋହନ ବେହେରା, ରୁକ୍ମଣି ସାହୁ, ଅବନ୍ତି ବେହେରା, କରୁଣାକର ଦାସ, ଶ୍ରୀକାନ୍ତପ୍ରସାଦ ବେହେରା, ପ୍ରମିଳା ଜେନା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପରେ ବାଲେଶ୍ୱରରୁ ଆସିଥିବା ଫକିରମୋହନ ସାହିତ୍ୟ ପରିଷଦର ନବନିର୍ବାଚିତ ସଂପାଦକ ଡ଼.ରତ୍ନାକର ସିଂହଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଅତିଥି ମାନେ 'ଚିନ୍ତାମଣି ବେହେରା ସ୍ମୃତି ସମ୍ମାନ-୨୦୨୪' ରେ ସମ୍ମାନିତ କରିଥିଲେ । ସ୍ମୃତିପରିଷଦର ସହସଂପାଦକ ଆଶିଷ ମଲ୍ଲିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ତନୁଶ୍ରୀ ପ୍ରଧାନ ଓ ହିମାଦ୍ରୀତନୟା ମଲ୍ଲିକ ଉଦ୍‌ଘାଟନି ସଂଗୀତ ପରିବେଷଣ କରିଥିଲେ । ମନୋରଂଜନ ମଲ୍ଲିକ ଶେଷରେ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ବଡ଼ସାହି ବ୍ଲକ ସମବାୟ ଆନ୍ଦୋଳନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ



ବଡ଼ସାହି, ୧୧/୧୧ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁ ନବମ ଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ବେହେରା ପ୍ରତିଯୋଗୀତା ରେ ବାରିପଦା ଉପଖଣ୍ଡ ସ୍ତରୀୟ ପ୍ରଥମ ସ୍ଥାନ ଅର୍ଜନ କରିଛନ୍ତି ଏଥି ସହିତ ଶକ୍ତିପଦ ସାହୁ - ଗାଁ ଗମ୍ଭାରିଆ ଜୁନିଅର ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ( ପୂର୍ବତନ ଶାଳଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ର ) ବକ୍ତୃତା ଓ ରଚନା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅର୍ଜନ କରି ବଡ଼ସାହି ବ୍ଲକ ପାଇଁ ଗୌରାବାର୍ଜନ କରିଛନ୍ତି , ମୟୂରଭଞ୍ଜ ଜିଲ୍ଲାର ଉପନିବନ୍ଧକ ସମବାୟ ସମିତି ସମୂହ ପକ୍ଷରୁ ୭୧ ତମ ଅଖିଳ ଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ଓ ରଚନା ପ୍ରତିଯୋଗୀତା କରାଯାଇଥିଲା । , ଯୁଗ୍ମନିବନ୍ଧକ - କୃଷ୍ଣଚନ୍ଦ୍ର ଦାଶ , ବରିଷ୍ଠସହକାରୀ ନିବନ୍ଧକ - ଅଶୋକ କୁମାର୍ ପାଢ଼ୀ, ସହକାରୀ ନିବନ୍ଧକ - ତୁଷାରକାନ୍ତି ମହାନ୍ତି , ସଭାପତି - ପ୍ରଦୀପ କୁମାର ଉପାଧ୍ୟାୟ, ଅବସରପ୍ରାପ୍ତ ଅଧ୍ୟକ୍ଷ - ପ୍ରବୋଧ କୁମାର ମହାପାତ୍ର ,ଅବସରପ୍ରାପ୍ତ ଓଡ଼ିଆ ବିଭାଗର ମୁଖ୍ୟ - ସୁଶାନ୍ତ କୁମାର ବଶା ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସମବାୟ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇ ଗ୍ରାମାଞ୍ଚଳ ଲୋକମାନଙ୍କର ଅର୍ଥନୀତିକୁ ସୁଦୃଢ କରିବା ପାଇଁ ପ୍ରତିଯୋଗୀ ମାନଙ୍କୁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ ଆଗାମୀ ତା - ୧୩-୧୧-୨୪ ରିଖରେ ଜିଲ୍ଲାସ୍ତରୀୟ ପ୍ରତଯୋଗିତା କରାଯିବାପାଇଁ ସୂଚନା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ଓ ଅନ୍ୟ ଶିକ୍ଷକ ମାନଙ୍କୁ ତଥା କୃତୀ ପ୍ରତୀଯୋଗୀମାନଙ୍କୁ ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ । ସର୍ବଶେଷ ରେ ଅଜିଦ କୁମାର ବିଶ୍ୱାଳ ସମବାୟ ନିରୀକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜମ୍ ଷୁଇମ୍(ହୋ ନବବର୍ଷ) ପାଇଁ ପ୍ରସ୍ତୁତି ବୈଠକ

କପ୍ତିପଦା, ୧୧/୧୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଲାବଣ୍ୟଦେଇପୁର ପଞ୍ଚାୟତର କାନକୁମୁରାଠାରେ ଥିବା 'ଆଦି ସଂସ୍କୃତି ତଥା ବିଜ୍ଞାନ ସଂସ୍ଥାନ' ଆନୁକୁଲ୍ୟରେ ଆଗାମୀ ମାଗେ ମାସ ଶୁକ୍ଳ ପ୍ରତିପଦ ତିଥି ତଥା ମାର୍ଗଶିର ମାସ ଶୁକ୍ଳ ପ୍ରତିପଦ ତିଥିରେ ଅର୍ଥାତ ଡିସେମ୍ବର ମାସ ୨ ତାରିଖରେ ପଡୁଥିବା ହୋ- ସଂପ୍ରଦାୟର ଜମ୍ ଷୁଇମ୍(ନବବର୍ଷ) ଓ ମାଗେ ମାସ ଆଡାଁଇ(ମାର୍ଗଶୀର) ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ହୋ ସଂପ୍ରଦାୟର ମାଗେ ପର୍ବ ପଡୁଥିବାରୁ ଚଳିତ ବର୍ଷ କିପରି ଯଥାରୀତି ଅନୁସାରେ ପାଳନ ହୋଇପାରିବ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ କିର୍ଷା ବୁଲିଉଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂପାଦକ ପୁର୍ମୀ ସିଂ ସୁଣ୍ଡି, ସରୋଜିନୀ ସୁଣ୍ଡି,ବରେନ୍ ସିଂ ଜେଠା,ହୋ-ଭାଷା ଶିକ୍ଷା ପରିଷଦର ଉପଦେଷ୍ଟା କାଇରା ସିଂ ବାନ୍ଦିଆ, ଶୁକୁଲାଲ ସିଂ ଓ ମାର୍କଣ୍ଡ ସିଂ ପ୍ରମୁଖ ଯୋଗ ଦେଇଥିଲେ ।

# ବାଲେଶ୍ୱର କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ବୈଠକ

ବାଲେଶ୍ୱର, ୧୧/୧୧ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରାଣକେନ୍ଦ୍ର ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗତ ତିନିବର୍ଷ ଧରି ଦାବି ଗଣତାନ୍ତ୍ରିକ ଆନ୍ଦୋଳନ ହୋଇଆସୁଛି । ସମିତିର ସଭାପତି ଡକ୍ଟର କେଶବଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ବିବରଣୀପାଠ କରିଥିଲାବେଳେ କୋଷାଧକ୍ଷ ଭାସ୍କରଚନ୍ଦ୍ର ପାଢ଼ୀ ଆୟବ୍ୟୟ ବୈଠକରେ ଉପସ୍ଥାପନ କରିଥିଲେ। ସଭାପତି ଡକ୍ଟର ପଣ୍ଡା ଗତ ତିନବର୍ଷ ଧରି ଜିଲ୍ଲାବାସୀଙ୍କ ପକ୍ଷରୁ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ ସମିତି ଧାରାବାହିକ ଭାବେ ସ୍ମାରକପତ୍ର ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ତଥା ପ୍ରଧନା କୃଷି ସଚିବ ଓ ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଇସାରିଛନ୍ତି ବୋଲି ସଭାରେ ମତ ରଖିଥିଲେ। ଇତି ମଧ୍ୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱରର କୁଳପତି ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ନିମିତ୍ତ ସେମାନଙ୍କର ମତାମତ ସରକାରଙ୍କୁ ଜଣାଇ ସାରିଛନ୍ତି। ଉକ୍ତ ପରିପ୍ରେକ୍ଷୀରେ ମାନ୍ୟବର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ବିଚାର କରିବାକୁ, ଦୃଷ୍ଟିଦେବାକୁ ତଥା ସରକାର ଏ ବିଷୟରେ ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ବାଲେଶ୍ୱରବାସୀଙ୍କ ତରଫରୁ କ୍ରିୟାନୁଷ୍ଠାନ କମିଟି ଦାବି କରିଥିଲା ।ଏ ସମ୍ପର୍କରେ ଆଜିର ବୈଠକର ନିଷ୍ପତ୍ତି ଅନୁସାରେ ଆସନ୍ତା ୨୪-୧୧-ରବିବାର ୧୦ଟା ସମୟରେ ପଡୁଆପଦାସ୍ଥିତ ଉଠାଜଳସେଚନ ସଂଘ ଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ କରିବାକୁ ସମ୍ପାଦକଙ୍କୁ ଅନୁରୋଧ କରାଯାଇଛି । ପୁନଶ୍ଚ ଆଗାମୀ ବର୍ଷ ମାର୍ଚ୍ଚ ୨୫ରେ ସମିତିର ବାର୍ଷିକ ଉତ୍ସବ କରାଯିବା ପାଇଁ ସ୍ଥିର ହେଲା । ଏହି ବୈଠକରେ ନିରଞ୍ଜନ ପରିଢ଼ା, ଡକ୍ଟର କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ରବିନାରାୟଣ ଭୋଳ, ଶ୍ୟାମସୁନ୍ଦର ଜେନା, ହରନାରାୟଣ ମଢୁଆଳ, ମନୋଜ କୁମାର ବେହେରା, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଅପର୍ଣ୍ଣା ମହାପାତ୍ର, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ରମେଶ ଚନ୍ଦ୍ର ଜେନା, ହରିହର ପରିଢ଼ା, ଲକ୍ଷ୍ମୀନାରାୟଣ କମିଳା, ରବି କୁମାର ପାଣିଗ୍ରାହୀ, ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଦେବା ସହ ସହଯୋଗ କରିଥିଲେ । ଶେଷରେ ଗୋବିନ୍ଦ ଚନ୍ଦ୍ର ଭୋଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

NIT ନଂ: ST-CON-DRG-GRC, ତାରିଖ: ୧୧.୧୧.୨୦୨୪ ଏବଂ ତରଫରୁ ଭାରତର ରାଷ୍ଟ୍ରପତି DY। CSTE / CON / HQ / ଗାର୍ଡେନ୍ ରେଚ, ଦକ୍ଷିଣ ପୂର୍ବ ରେଳ ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆମନ୍ତ୍ରଣ କରେ: କାର୍ଯ୍ୟଗୁଡ଼ିକର ନାମ: ସ୍ୱଦେଶୀ ସଫ୍ଟୱେର୍ ସହିତ FAT କରି ଯେକୌଣସି OEM ପାଇଁ ୦୨ ସ୍ତରରେ ପ୍ରୟୋଗ ତର୍କର ଯାଞ୍ଚ ଏବଂ ଯାଞ୍ଚ ପାଇଁ ସ୍ୱୟଂଚାଳିତ FAT ପରୀକ୍ଷା । ଦକ୍ଷିଣ ପୂର୍ବ ରେଳର ଅଭ୍ୟାସ ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ଅଗଣା ପାଇଁ IRSE / IRSTELO ଲାଇସେନ୍ସ ଧାରକ ଏବଂ ପେନ୍ ଡ୍ରାଇଭ୍ ମାଧ୍ୟମରେ ହାର୍ଡ କପି ଏବଂ ସଫ୍ଟ କପିରେ FAT ରିପୋର୍ଟ ଦାଖଲ । ଟେଣ୍ଡରର ବିଜ୍ଞାପନ ମୂଲ୍ୟ: ୪୬,୦୭,୬୮୦ ରୋଜଗାରର ଅର୍ଥ: ୯୨,୨୦୦ ଟେଣ୍ଡର ପ୍ରକାର: ଖୋଲନ୍ତୁ । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ୦ ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ: ୦୪.୧୨.୨୦୨୪ ୧୫.୦୦ ଘଣ୍ଟାରେ । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ସବିଶେଷ ୱେବସାଇଟ୍ www. ireps. gov.in ରେ ଉପଲବ୍ଧ ।

(PR-775)


# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ବିୟର ବୋତଲରେ ସଂଘବଦ୍ଧ ଆକ୍ରମଣ



ବାଲିଆପାଳ , ୧୧/୧୧ (ନି.ପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ବିଚ୍ ରାସ୍ତାରେ ଗୁଡ଼ାଇ ଗୁଡ଼ାଇ ବିୟର ବୋତଲରେ ସଂଘବତ ଆକ୍ରମଣ ହୋଇଛି । ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ସିମୁଳିଆ ଛକ ନିକଟରେ। ଗୁରୁତର ଯୁବକ ଜଣ ହେଲେ ଅସ୍ତି ଗ୍ରାମ ପଞ୍ଚାୟତ ବଡାପାଳ ଗ୍ରାମର ରଶ୍ମି ରଞ୍ଜନ ବାରିକ। ରବିବାର ସନ୍ଧ୍ୟା ସମୟରେ ରଶ୍ମି ରଞ୍ଜନ ବାରିକ ସିମୁଳିଆ ଛକ ନିକଟରେ ଛିଡ଼ା ହୋଇ ଥିବା ସମୟରେ ତିନି ଜଣ ଯୁବକ ବାଇକରେ ଆସି ରଶ୍ମି ରଞ୍ଜନ ବାରିକ ସହିତ ପାଟି ତୁଣ୍ଡ କରୁଥିଲେ । ହଠାତ ରଶ୍ମି ରଞ୍ଜନକୁ ବିୟର ବୁତଲରେ ଆକ୍ରମଣ କରି ଜୀବନରୁ ମାରି ଦେବାର ଧମକ ଦେଇଥିଲେ ଦୁର୍ବୃତ୍ତ ମାନେ । ସ୍ଥାନୀୟ ଲୋକେ ଦଉଡି ଆସିବାରୁ ତିନି ଜଣ ଦୁର୍ବୃତ୍ତ ସେଠାରୁ ଚମ୍ପଟ ମାରି ପଳାଇ ଯାଇଥିଲେ। ଫଳରେ ରଶ୍ମି ରଞ୍ଜନ ତଳେ ପଡିଯାଇ ଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ ।ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ରଶ୍ମି ରଞ୍ଜନକୁ ବାଲେଶ୍ୱର ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତରିତ କରାଯାଇଛି ।ପରେ ପରିବାର ଲୋକ ବାଲିଆପାଳ ଥାନାରେ ଅଭିଯୋଗ କରିଛନ୍ତି ।ଘଟଣା ଟି ସର୍ବତ୍ର ଚର୍ଚ୍ଚା ହେଉଛି। ତଦନ୍ତ ପରେ ପୁଲିସ ପଦକ୍ଷେପ ନେବ ବୋଲି କହିଛି।

# ଡ୍ରିମ୍ସ ଆଇଡିଆଲ ସ୍କୁଲ୍ ପରିସରରେ ୧୩୬ ତମ ଶିକ୍ଷା ଦିବସ ପାଳିତ



ବାଲେଶ୍ୱର, ୧୧/୧୧ (ନି.ପ୍ର): ଡ୍ରିମ୍ସ ଆଇଡିଆଲ ସ୍କୁଲ୍ ପରିସରରେ ୧୩୬ ତମ ଶିକ୍ଷା ଦିବସ ପାଳିତ ହୋଇ ଯାଇଅଛି। ଉକ୍ତ ଦିବସରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ଗିରୀଶ ଚନ୍ଦ୍ର ଦାଶ ମହୋଦୟ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ପୂଜ୍ୟ ଅବୁଲ କଲାମ ଆଜାଦଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ପିଲାମାନଙ୍କୁ ବହୁ ହିତ ଉପଦେଶ ଦେଇଥିଲେ। ତାଙ୍କ ବକ୍ତବ୍ୟରେ ସେ କହିଥିଲେ ଯେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠାତା ମଦନ ମୋହନ ମାଲବ୍ୟଙ୍କ ଲିଖିତ ୭ ଟି ଗୁରୁମନ୍ତ୍ରକୁ ସମସ୍ତଙ୍କର ଅନୁସରଣ କରିବା ଉଚିତ୍। ସେ ଆହୁରି ମଧ୍ୟ ଶିକ୍ଷାକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଜାତୀୟ ଶିକ୍ଷାଦିବସର ଉତ୍ପତ୍ତି ବୋଲି ତାଙ୍କ ବକ୍ତବ୍ୟରେ ଅବଗତ କରାଇଥିଲେ। ଅନ୍ୟତମ ଅତିଥି କବି ଶ୍ରୀ ଅଭୟ ଦାସ ମୁଖ୍ୟ ବକ୍ତା ରୂପେ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀଙ୍କ ପାଇଁ ଭାବଗର୍ଭକ ଅଭିଭାଷଣ ରଖିଥିଲେ। ସେ କହିଥିଲେ ଯେ ଆମ ସମସ୍ତଙ୍କ ପାଇଁ ଆବଶ୍ୟକତା ରହିଛି ଶିକ୍ଷାର ପ୍ରସାର ପାଇଁ ପାଠାଗାର ଆନ୍ଦୋଳନକୁ ଅଧିକରୁ ଅଧିକ ଆଗକୁ ନେବାକୁ ଚେଷ୍ଟା କରିବା। ବିଦ୍ୟାପୀଠର ସମ୍ପାଦକ ଶ୍ରୀ ଭାବଗ୍ରାହୀ ମହାନ୍ତି ମୌଲାନା ଅବୁଲ କଲାମ ଆଜାଦଙ୍କ ବିଷୟରେ ବହୁ କଥା ପିଲାମାନଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ। ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷୟତ୍ରୀ ରେହାନା ବେଗମ, ଆରତୀ ବାଳା ଦାସ, ଅନିତା ରାଣୀ ଦାସ, ଅନନ୍ୟା ବାଗ୍, ଅନ୍ନପୂର୍ଣ୍ଣା ମଲ୍ଲିକ, ଆଞ୍ଚଲପ୍ରିୟା ବେହେରା, ଗୀତିକା ପ୍ରଧାନ, ମାମୁନି ମହାପାତ୍ର, ଉର୍ମିଳା ଗିରି, ଗୌତମୀ ଦାସ, ପଦ୍ମିନୀ ଜେନା,ମୋନାଲିସା ପରିଡ଼ା , ଶିକ୍ଷକ ସେକ୍ ସରିଫୁଦ୍ଦିନ୍ , ଭଗବାନ ବେହେରା ଓ କବିତା ସିଂ ପ୍ରମୁଖ କର୍ମଚାରୀ ଗଣ କାର୍ଯ୍ୟରେ ସହାୟକ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନୂଆ ସିଜେଆଇ ଭାବେ...

ଏହାପରେ ହାଇକୋର୍ଟରେ ଓକିଲାତି କରିଥିଲେ। ଦିଲ୍ଲୀ ଆୟକର ବିଭାଗର ସିନୟର ଷ୍ଟାଣ୍ଡିଂ କାଉନସେଲ ଭାବେ ସେ ୨୦୦୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସରକାରୀ ଓକିଲ ଭାବେ ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟ କରିଥିଲେ। ପରେ ଆମିକସ କ୍ୟୁରି ଭାବେ ନିଯୁକ୍ତି ପାଇଥିଲେ। ୨୦୦୫ରେ ଦିଲ୍ଲୀ ହାଇକୋର୍ଟର ଆଡିସନାଲ ଜଜ୍ ହୋଇଥିଲେ। ୨୦୦୬ରେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ୨୦୧୯ରେ ସେ ସୁପ୍ରିମକୋର୍ଟର ବିଚାରପତି ହୋଇଥିଲେ।

### ମହିଳା କମିଶନ ଅଧକ୍ଷା ...

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ଯେଉଁ ଢଙ୍ଗରେ ମହିଳା କମିଶନ ଆସିବା କଥା, ଆସି ପାରିନଥିଲା। ମହିଳା କମିଶନଙ୍କ ଭୂମିକାକୁ ନେଇ ସରକାର ନୋଟିସ କରିଥିଲେ। ଏନେଇ ତାଙ୍କୁ ସୋ-କଜ୍ ମଗାଯାଇଥିଲା, ସନ୍ତୋଷଜନକ ଉତ୍ତର ଦେଇନପାରିବାରୁ କାଲି ନିବୃତ କରାଯାଇଛି। ଖୁବଶୀଘ୍ର ନୂଆ ମହିଳା କମିଶନ ଦେଖିବ ଓଡ଼ିଶା।

### ଅଗ୍ନିଶମ ସେବାର ଆଧୁନିକୀକରଣ ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଚଳିତବର୍ଷ ରାଜ୍ୟଗୁଡ଼ିକୁ ୨୧ହଜାର ୨୬କୋଟି ଟଙ୍କାର ଅର୍ଥରାଶି ଆବଂଟନ କରାଯାଇଛି । ଏଥିରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଆରଏଫ)ରୁ ୨୬ଟି ରାଜ୍ୟକୁ ୧୪,୮୭୮.୪୦କୋଟି ଟଙ୍କା ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଆରଏଫ) ରୁ ୧୫ଟି ରାଜ୍ୟକୁ ୪୬୩୭ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସଡିଏମଏଫ) ରୁ ୧୧ଟି ରାଜ୍ୟକୁ ୧୩୮୫.୪୫ କୋଟି ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏନଡିଏମଏଫ)ରୁ ୩ଟି ରାଜ୍ୟକୁ ୧୨୪.୯୩କୋଟି ଟଙ୍କା ଆବଂଟନ କରାଯାଇଛି ।

### ସରକାରୀ କର୍ମଚାରୀଙ୍କୁ ମୁଖ୍ୟ...

ଅଯଥା ପ୍ରଭାବ ଓ ଚାପ ଉପରେ କଟକଣା ଜାରି କରିଛନ୍ତି। ଏହା ସହିତ ଏହି ଗାଇଡଲାଇନର ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସଚିବ ଓ ଜିଲ୍ଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ସଚିବ ତାଙ୍କ ଚିଠିରେ ଲେଖିଛନ୍ତି, କିଛି ସରକାରୀ କର୍ମଚାରୀ ନିଜର ବଦଳି କିମ୍ବା ନିଯୁକ୍ତି ପାଇଁ ବାହ୍ୟ ଚାପ ପକାଇବାକୁ ପ୍ରୟାସ କରୁଛନ୍ତି। ଏଭଳି ଅଭ୍ୟାସ 'ଓଡ଼ିଶା ଗଭର୍ଣ୍ଣମେଂଟ ସର୍ଭ୍ୟାଣ୍ଟ କଣ୍ଡକ୍ଟ ରୁଲସ୍-୧୯୫୯ର ରୁଲ-୨୩ର' ସିଧାସଳଖ ଉଲ୍ଲଙ୍ଘନ। ସରକାରୀ କର୍ମଚାରୀମାନେ ନିଜର ଆଚରଣରେ ଉଚ୍ଚମାନର ନିଷ୍ଠା ବଜାୟ ରଖିବା ସହ ସମସ୍ତ ସେବା ପ୍ରସଙ୍ଗରେ ସ୍ୱଚ୍ଛତା ଓ ପାରଦର୍ଶିତାର ନୀତି ଅବଲମ୍ବନ କରିବା ଆବଶ୍ୟକ। ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଚଳିତ ନୀତି ଆଧାରରେ ସ୍ୱାଭାବିକ ଭାବେ କର୍ମଚାରୀମାନଙ୍କ ବଦଳି ଓ ନିଯୁକ୍ତି କରାଯାଇଥାଏ। ତେଣୁ ଏହି ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଯେକୌଣସି ପ୍ରକାରର ଉଦ୍ୟମକୁ ଗୁରୁତର ଖରାପ ଆଚରଣ ଭାବେ ବିଚାର କରାଯିବ ଓ ଏଥିପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ମୁଖ୍ୟ ସଚିବ ଚିଠିରେ ଦର୍ଶାଇଛନ୍ତି।

### ନୂଆ ସଂଖ୍ୟା ଗଣିତ କଷି ...

ଅନୁମତି ଦେଉନାହିଁ । ଦୁଇ ତୃତୀୟାଂଶ ବିଧାୟକ ଦଳ ଛାଡିଲେ ହିଁ ପଦ ସୁରକ୍ଷିତ ରହିବ। ତେବେ ବର୍ତ୍ତମାନ ସ୍ଥିତିରେ ବିଜେଡିକୁ ଏତେ ସଂଖ୍ୟକ ବିଧାୟକ ଯିବା ଏକ ପ୍ରକାର ଅସମ୍ଭବ। ସେହିପରି, କଂଗ୍ରେସ ବିରୋଧୀ ହାୱାରୁ ସୃଷ୍ଟି ହୋଇଥିବା ବିଜେଡି ଏବେ କଂଗ୍ରେସ ସହ ମେଣ୍ଟ କରିବ ତାକୁ ନେଇ ବି ସନ୍ଦେହ। ଅପରପକ୍ଷେ ରାଜନୈତିକ ସମୀକ୍ଷକଙ୍କ ମତ ହେଲା ବିଜେପି ସରକାର ବର୍ତ୍ତମାନ ବିଭିନ୍ନ ପ୍ରସଙ୍ଗରେ ବ୍ୟାକ୍ ଫୁଟ୍‌ରେ ଅଛି। ଯେଉଁଥିରୁ ବିରୋଧୀ ବିଜେଡି ଫାଇଦା ନେବା ଲାଗି ଏଭଳି ପ୍ରଚାର ଆରମ୍ଭ କରିଛି। ସରକାରରୁ ଯିବାର ୫ ମାସ ନବିତୁଣୁ କର୍ମୀଙ୍କ ଭିତରେ ଜୋଶ୍ ଭରିବାକୁ ଜଣକ ପରେ ଜଣେ ନେତା ନୂଆ ଅଙ୍କ କଷୁଛନ୍ତି, ହେଲେ ଭିତରେ ଦିନେ ଅଣକଂଗ୍ରେସ ବାଦ୍‌ରୁ ତିଆରି ହୋଇଥିବା ବିଜେଡି ଏବେ ହାତର ହାତ ଧରିବାକୁ କହିବା ଲୋକେ କେତେଦୂର ଗ୍ରହଣ କରିବେ, ତା ବଡ଼ ପ୍ରଶ୍ନ।

### ଏଥର ପଞ୍ଚୁକ ଚାରିଦିନ...

ବା ତ୍ରିବିକ୍ରମ ବେଶ, ୧୫ ତାରିଖ ପୂର୍ଣ୍ଣିମା ଦିନ ରାଜାଧିରାଜ ବା ସୁନାବେଶରେ ଦର୍ଶନ ଦେବେ ଚତୁର୍ଦ୍ଧା ବିଗ୍ରହ। ଚଳିତ ବର୍ଷ ତିଥିରେ କ୍ଷୟ ପଡୁଥିବାରୁ ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବ ନାହିଁ। ମହାପ୍ରଭୁଙ୍କର ପଞ୍ଚୁକରେ ଅନୁଷ୍ଠିତ ହେବାକୁ ଥିବା ଏହି ସ୍ୱତନ୍ତ୍ର ବେଶ ଗୁଡ଼ିକୁ ଦର୍ଶନ କରିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ହବିଷ୍ୟାଳିଙ୍କ ଭିଡ଼ ଜମିବ। ସେମାନେ ମରଚିକୋଟ ଛକଠାରୁ ବ୍ୟାରିକେଡରେ ପ୍ରବେଶ କରିବା ପରେ ଲମ୍ବା ଧାଡିରେ ଆସି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବେ। ସେଠାରୁ ଦୋଳବେଦୀ କୋଣ ସମ୍ମୁଖ ବ୍ୟାରିକେଡ ଦେଇ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ସେଠାରୁ ଦଫା ଦଫା ହୋଇ ବାଇଶି ପାହାଚ ପରେ ସାତ ପାହାଚ ଦେଇ ନାଟମଣ୍ଡପର ବାହାର କାଠ ନିକଟରୁ ଦର୍ଶନ କରିବେ। ଭିତର କାଠ ଦର୍ଶନ ପଞ୍ଚୁକରେ ବନ୍ଦ ରହିବା ବୋଲି ଜଣାପଡ଼ିଛି। ସେପଟେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ୫ ଜଣ ଅତିରିକ୍ତ ଏସପି, ୧୪ ଜଣ ଡିଏସପି, ୨୬ ଜଣ ଇନ୍ସପେକ୍ଟରଙ୍କ ସହ ୩୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ପୁରୀ ଏସପି କହିଛନ୍ତି। ସେହିପରି କାର୍ତ୍ତିକ ପୂର୍ଣ୍ଣିମାରେ ଭକ୍ତମାନେ ବେଳାଭୂମିରେ ଡଙ୍ଗା ଭସାଇ ନିଜ ବ୍ରତ ଉଦଯାପନ କରିବାକୁ ଥିବାରୁ ସେଠାରେ ମଧ ସୁରକ୍ଷା ବ୍ୟବସ୍ଥା ସହ ପର୍ଯ୍ୟାପ୍ତ ପରିମାଣର ଲାଇଫଗାର୍ଡ ନିୟୋଜିତ କରାଯିବ ବୋଲି ଏସପି କହିଛନ୍ତି।

### ଏଣିକି ନୂଆ ରଙ୍ଗ ଓ ନୂଆ ...

ପରେ ଏହି ନିଷ୍ପତ୍ତି ହୋଇଛି। ରାଜ୍ୟ ନର୍ସିଂ ମହାସଂଘର ସଂପାଦକ ଅଶ୍ୱିନୀ କୁମାର ଦାସ କହିଛନ୍ତି, ଡ୍ରେସ କୋଡ୍ ପରିବର୍ତ୍ତନ କରିଥିବାରୁ ଆମେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ ଓ ସରକାରଙ୍କର ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଛୁ। ଆମେ ଯେଉଁ ୧୦ ଦଫା ଦାବି ସରକାରଙ୍କ ନିକଟରେ ରଖିଥିଲୁ, ଏହା ମଧ ଏକ ପ୍ରମୁଖ ଦାବି ଥିଲା। ସରକାର ଆଜି ଏହାକୁ ପୂରଣ କରିଛନ୍ତି। ଓଡ଼ିଶାରେ ୧୫ରୁ ହଜାରରୁ ଅଧିକ କର୍ମଚାରୀ ଉପକୃତ ହେବେ। ସରକାର ଆମର ଏହି ଦାବି ପୂରଣ କରିଥିବା ବେଳେ ଅନ୍ୟ ନାର୍ଯ୍ୟ ଦାବି ଗୁଡ଼ିକ ମଧ ପୂରଣ କରିବେ ବୋଲି ଆମେ ଭାବୁଛୁ। ସରକାର ଆମ ସହ ଆଲୋଚନା କରିବା ପରେ ଏହି ଡ୍ରେସ କୋଡ୍ ? କରିଛନ୍ତି।

# ବିରାଟ ଲୀଳା କ୍ଷେତ୍ରରେ ରାଧାପାଦ ଦର୍ଶନ ଓ ଅଁଳା ନବମୀ ପାଳିତ

ଉଦଳା , ୧୧/୧୧ (ନି.ପ୍ର): ଚଳିତ ନଭେମ୍ବର ୧୦ ତାରିଖ ରବିବାର ନୁଦଡ଼ିହା-ପିଙ୍ଗୁସ୍ଥିତ ବିରାଟ ଲୀଳାକ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅଁଳା ନବମୀ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି । ବ୍ରହ୍ମାଙ୍କର ଆନନ୍ଦାଶ୍ରୁରୁ ଅଁଳା ବୃକ୍ଷର ଉତ୍ପତି ହୋଇଥିଲା ବୋଲି କିମ୍ବଦନ୍ତୀ ସୂଚିତ କରେ । ଏହି ବୃକ୍ଷର ମହାତ୍ମ୍ୟ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ଅଁଳା ବୃକ୍ଷ ପୂଜନ ଦ୍ୱାରା ଏକସଙ୍ଗେ ମାତା ଶ୍ରୀଲକ୍ଷ୍ମୀ ଏବଂ ଶ୍ରୀବିଷ୍ଣୁଙ୍କର ସାନିଧ ମିଳିଥାଏ । ଏହି ବୃକ୍ଷର ପୂଜା କଲେ ଅପୁତ୍ରିକ ପୁତ୍ର ଲାଭ କରିଥାନ୍ତି । ବ୍ରହ୍ମ ମୁହୂର୍ତ୍ତରେ ସ୍ନାନ କରି ଅଁଳା ବୃକ୍ଷକୁ ପୂଜା କଲେ, ତା ଚାରିପାଖରେ ପରିକ୍ରମା କଲେ, ବୃକ୍ଷ ମୂଳରେ ବସି ପ୍ରସାଦ ସେବନ କଲେ ଶରୀରର ସମସ୍ତ କଷ୍ଟ ଯନ୍ତ୍ରଣା ଲାଘବ ହେବା ସହିତ ପରିବାରର ମଙ୍ଗଳ ସାଧିତ ହୁଏ । ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିକୁ ଅଁଳା ନବମୀ ବା ଅକ୍ଷୟ ନବମୀ କୁହାଯାଏ । ବହୁବ୍ରତଧାରୀ ମନ୍ଦିର ବେଢ଼ାରେ ଥିବା ଅଁଳା ବୃକ୍ଷକୁ ପୂଜା କରି ନିଜ ନିଜର ମନସ୍କାମନା ପୂରଣ କରିବାର ଅଭିପ୍ରାୟ ରଖିଥିଲେ । ଆଜି ମଧ ପବିତ୍ର ରାଧାପଦ୍ମପାଦ ଦର୍ଶନ ଦିବସ । ପୁରୀର ସାକ୍ଷୀଗୋପାଳ ଠାରେ ଓଡ଼ିଆଣୀ ଝିଅ ଲକ୍ଷ୍ମୀର ରାଧାସ୍ୱରୂପ ଧାରଣ ଓ ବର୍ଷର ଗୋଟିଏ ଦିନକୁ ରାଧାପଦ୍ମପାଦ ଦର୍ଶନ ଦିବସ ଭାବରେ ପାଳନ କରାଯାଏ । ଶ୍ରୀବିଷ୍ଣୁ ସାକ୍ଷଦେବା ନିମନ୍ତେ ବ୍ରାହ୍ମଣ ମାନଙ୍କ ଗହଣରେ ଚାଲି ଚାଲି ଆସି ଶ୍ରୀକ୍ଷେତ୍ର ଏବଂ ପରେ ସାକ୍ଷୀଗୋପାଳଠାରେ ମନ୍ଦିର ମଧରେ ସ୍ଥାୟିତ୍ୱ ଲାଭ କରିଥିଲେ । ବର୍ଷର ୩୬୫ ଦିନ ରୁ ୩୬୪ ଦିନ ଉତରଭାରତୀୟ ବେଶରେ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କର ଯୁଗଳ ମୂର୍ତ୍ତି ସାକ୍ଷୀଗୋପାଳଠାରେ ପୂଜିତ ହୁଏ । ଯେଉଁଥି ପାଇଁ ସାକ୍ଷୀଗୋପାଳଠାରେ ଏହି ତିଥି ମହାଆଡ଼ମ୍ବରରେ ପାଳିତ ହୁଏ । ଶ୍ରୀମନ୍ଦିର ପରିସରରେ ହବିଷ୍ୟାଳୀମାନେ ମା'ବୃନ୍ଦାବତୀଙ୍କ ଠାରେ ନିତ୍ୟପୂଜା ପୂର୍ବକ ଆକାଶ ଦୀପ ପ୍ରଜ୍ୱଳନ କରିଥିଲେ । ଶହ ଶହ ଶ୍ରଦ୍ଧାଳୁ ଓ ହବିଷ୍ୟାଳୀ ମନ୍ଦିର ବେଢ଼ା ପରିକ୍ରମା କରିଥିଲେ । ସମଗ୍ର ମନ୍ଦିର ପରିସର ମୃଦଙ୍ଗ, ଝାଞ୍ଜ, ଘଂଟଘଂଟା ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା । ଏହି ପୁଣ୍ୟ ତିଥିରେ ବାର୍ଷିକ ଆଧାତ୍ମିକ ପତ୍ରିକା 'ଭାବବନ୍ଧନ'ର ମୁଖ୍ୟ ସଂପାଦକ ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁ ଶ୍ରୀରାଧା ପାଦପଦ୍ମ ଦର୍ଶନ ଓ ଅଁଳା ନବମୀର ମହାତ୍ମ୍ୟ ସମ୍ପର୍କରେ ପ୍ରବଚନ ଦେଇଥିଲେ । ମନ୍ଦିର କମିଟିର ମୁଖ୍ୟ ଉପଦେଷ୍ଟା ସୁଧାଂଶୁ କୁମାର ଦାଶ, ସଭାପତି ସର୍ବେଶ୍ୱର ରାଉତ, ସଂପାଦକ ପ୍ରାଧ୍ୟାପକ ନକୁଳ ଜେନା, କୋଷାଧ୍ୟକ୍ଷ ରବିନାରାୟଣ ନାୟକ, ପ୍ରତାପ ଚନ୍ଦ୍ର ବେହେରା, ମାନଗୋବିନ୍ଦ ବେହେରା, ମାନଓ କୁମାର ସାହୁ, ଦିବାକର ନାୟକ, ଜଗନ୍ନାଥ ରାଉତ, ଜନାର୍ଦ୍ଦନ ଜେନା, ବିଦ୍ୟାଧର ସାହୁ, ପ୍ରାର୍ଥନା ନାୟକ, ଉର୍ମିଳା ସ୍ୱାଇଁ , ବିନତା ନାୟକ, ବାସନ୍ତି ନାୟକ ଓ ବିରାଟ ଲୀଳାକ୍ଷେତ୍ରର ଅନ୍ୟାନ୍ୟ ବହୁ ଶ୍ରଦ୍ଧାଳୁ ସହଯୋଗ କରିଥିଲେ । ସମସ୍ତେ ହବିଷ୍ୟାନ୍ନ ଭକ୍ଷଣ କରି ଆପ୍ୟାୟିତ ହୋଇଥିଲେ । ବିରାଟଲୀଳାକ୍ଷେତ୍ର ନୁଦଡ଼ିହା-ପିଙ୍ଗୁ ଶ୍ରୀଜଗନ୍ନାଥଙ୍କ ପାରମ୍ପରିକ ନୀତିକାନ୍ତି ଓ ସଂସ୍କୃତି ପାଳନରେ ଗାରିମା ପ୍ରଦର୍ଶନ କରିଚାଲିଛି । ଶହ ଶହ ଭକ୍ତଙ୍କର ସମାବେଶରେ ଶ୍ରୀଜଗନ୍ନାଥ ମନ୍ଦିର ପରିସର ଜୟଜଗନ୍ନାଥ ଧ୍ୱନିରେ ନିନାଦିତ ହୋଇଥିଲା ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଆର୍ୟୁର୍ବେଦ ଚିକିତ୍ସା ପାଇଁ ପାରାଦୀପ ବନ୍ଦର ସହିତ ଶ୍ରୀ ଶ୍ରୀ ହସପିଟାଲର ଚୁକ୍ତିନାମା

ପାରାଦୀପ, ୧୧/୧୧ (ନି.ପ୍ର): ଦେଶର ଏକ ନମ୍ବର ପାରାଦୀପ ବନ୍ଦର ର କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ପାରାଦୀପ ବନ୍ଦର ଆୟୁର୍ବେଦ ଚିକିତ୍ସା ପାଇଁ ପୂଜ୍ୟଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଶ୍ରୀ ହସପିଟାଲ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି । ପୂଜ୍ୟଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଏବଂ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ଶ୍ରୀ ଶ୍ରୀ ୟୁନିଭରସିଟିର ପକ୍ଷରୁ ଆୟୋଜିତ ଏକ କର୍ମଶାଳାରେ ଯୋଗ ଦେବାକୁ ଆସିଥିବା ଅବସରରେ ଏହି ଦିନକୁ ସ୍ମରଣୀୟ କରିବା ପାଇଁ ପାରାଦୀପ ବନ୍ଦର ପକ୍ଷରୁ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ପାରାଦୀପ ବନ୍ଦର କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ତଥା ସୁନ୍ଦର ପରିବେଶ ମଧ୍ୟରେ କାମ କରି ପାରାଦୀପ ବନ୍ଦରକୁ ସଫଳତା ପ୍ରଦାନ କରି ଆସୁଛନ୍ତି । ସେମାନଙ୍କ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ପାରାଦୀପ ବନ୍ଦର ସର୍ବଦା ଗୁରୁତ୍ୱ ଦେଉଥିବା କଥା ଅଧକ୍ଷ ଶ୍ରୀ ହରନାଦ କହିଛନ୍ତି । ପାରାଦୀପ ବନ୍ଦର ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି । ନଭେମ୍ବର ମାସ ୧୦ ତାରିଖ ସୁଦ୍ଧା ପାରାଦୀପ ୮୮.୮୨ ଏମଏମଟି ପଣ୍ୟ କାରବାର କରି ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଚଳିତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ପୁର୍ନବାର ଦେଶର ଅନ୍ୟ ବନ୍ଦରମାନଙ୍କୁ ପଛରେ ପକାଇ ଏକ ନମ୍ବର ବନ୍ଦର ହେବ ବୋଲି ଶ୍ରୀ ହରନାଦ ସୂଚନା ଦେଇଛନ୍ତି ।



# ସୋର-କୁପାରୀ ରାସ୍ତା: ୧ବର୍ଷରେ ଦୁର୍ଘଟଣାରେ ୧୫ମୃତ, ଶତାଧିକ ଖଣ୍ଡିଆଖାବରା

ଖଇରା, ୧୧/୧୧ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ସୋର-କୁପାରୀ ପୂର୍ତ୍ତ ବିଭାଗ ରାସ୍ତା ରେ ଦୁର୍ଘଟଣା ବଢି ବଢି ଚାଲିଛି । ଭାରିଯାନ ଚଳାଚଳ ତଥା ନିମ୍ନମାନର କାମ ଯୋଗୁଁ ଏମିତି ଘଟଣା ଘଟୁଥିବା ନେଇ ଯାତ୍ରୀ ମାନେ ଅଭିଯୋଗ କରିଛନ୍ତି । ସୋର-କୁପାରୀ ପାଖାପାଖି ୩୦କିମି ହୋଇଥିବା ବେଳେ ରାଜ୍ୟରାଜପଥର ମାନ୍ୟତା ପାଇବା ସହ ୭ବର୍ଷ ତଳେ ଏହାର ନିର୍ମାଣ ସରିଥିଲା । ତାପରେ ମଧ୍ୟ ବହୁବାର ମରାମତି ମଧ୍ୟ ହୋଇ ସାରିଲାଣି । ହେଲେ ଏବେ ରାସ୍ତାର ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇ ପଡିଛି । ରାସ୍ତାସାରା ଖାଲଖମାରେ ପୂର୍ଣ୍ଣ ହୋଇ ପଡିଥିବାରୁ ରାତି ପାହିବା ମାତ୍ରେ ମରିବା କି ଆହତ ହୋଇ ଖଣ୍ଡିଆଖାବରା ହେବା ନିତିଦିନିଆ ଘଟଣାରେ ପରିଣତ ହୋଇ ଗଲାଣି । ପରିବହନ ବିଭାଗ ଭାରିଯାନ ଚଳାଚଳ ଉପରେ ନିୟନ୍ତ୍ରଣ ହରାଇବା ରାସ୍ତା ନଷ୍ଟର ଅନ୍ୟଏକ ପ୍ରମୁଖ କାରଣ ବୋଲି କୁହାଯାଉଛି । ହିସାବକୁ ନେଲେ ୧ବର୍ଷ ମଧ୍ୟରେ ୧୫ରୁ ଉର୍ଦ୍ଧ ମୃତ୍ୟୁ ବରଣ କରିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଅଧିକାଂଶ ଅଙ୍ଗ ହରଇଥିବା ବେଳେ ଆଉ କିଛି କୋମା ଅବସ୍ଥାରେ ଅଛନ୍ତି । ବିଶେଷ କରି ନିକଟରେ ଖଇରା ଡ୍ରେନ ନିର୍ମାଣ ବେଳେ ମାର୍ଚ୍ଚ ମାସରେ ନିର୍ମାଣ ହୋଇଥିବା ୭୧୫ମିଟର ରାସ୍ତା ଖାଲଖମାରେ ଭର୍ତ୍ତୀ ହୋଇଗଲାଣି । ଆଳଦା ଛକରୁ ଅର୍ଜୁନପୁର ପର୍ଯ୍ୟନ୍ତ ସଦ୍ୟ ନିର୍ମାଣ ହୋଇଥିବା ଏହି ରାସ୍ତା ଠିକ୍‌ଠାକ୍ ନିର୍ମାଣ ହୋଇନଥିବାରୁ ସାଇକେଲ ଏବଂ ବାଇକ ଆରୋହୀଙ୍କ ପାଇଁ ଯାତାୟାତ ଦୁର୍ବିସହ ହୋଇ ପଡୁଛି । ଖଇରା ଷ୍ଟେଟ ବ୍ୟାଙ୍କ ସମ୍ମୁଖ ତଥା କୋଟିଆକୋଇଲି ପୋଲ ନିକଟ ରାସ୍ତା ଉପରେ ବଡ ବଡ ଗାତ ଏବେ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସଙ୍ଗିତା ସାହୁଙ୍କୁ ଯୋଗାଯୋଗ କରିବାରେ ରାସ୍ତାର ଫାଇନାଲ ବିଲ ହୋଇ ନାହିଁ । ଏଣୁ ଠିକାଦାରଙ୍କୁ ଆଉଥରେ ରାସ୍ତା ନିର୍ମାଣ ପାଇଁ କୁହାଯିବ ବୋଲି କହିଛନ୍ତି ।



## ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ହୋଇଛି । ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ମୃତ ଯୁବକ ହେଉଛନ୍ତି ସୁମନ୍ତ ପଣ୍ଡା । ତାଙ୍କ ଘର ଏୟାରଫିଲଡ଼ ଥାନା ଜାମୁକୋଳି ଅଂଚଳରେ । ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ତଦନ୍ତ କରୁଛି ପୋଲିସ । ସେପଟେ ମୃତଦେହ କୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ପୋଲିସ । ତେବେ କେଉଁ କାରଣରୁ ଯୁବକଙ୍କ ମୃତ୍ୟୁ ହେଲା ତାହା ଅସ୍ପଷ୍ଟ ରହିଛି ।

# ଜବାହରଲାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ



କପ୍ତିପଦା, ୧୧/୧୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ବଡଖଲାଡି ପଞ୍ଚାୟତରେ ଥିବା ଜବାହରଲାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ପୂର୍ବତନ ପ୍ରଧାନଶିକ୍ଷକ ଦଶ୍ରେ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜଗନ୍ନାଥ ଭିଲ୍ଲା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ୍ତ କୁମାର ସାହାଣି, ଆଲୁମିନି କମିଟିର ସଭାପତି ଡ. ଶଚ୍ଚିଦାନନ୍ଦ ପରିଡା, ପୂର୍ବତନ ପ୍ରଧାନଶିକ୍ଷକ ଦଶରଥ ଖୁଣ୍ଟିଆ ଓ ଭୀମସେନ ସାହୁଙ୍କୁ ନେଇ ଏକ ଅବାହକ ମଣ୍ଡଳୀ ଗଠନ କରାଯାଇଥିଲା ଏବଂ ବିଦ୍ୟାଳୟର ହୀରକ ଜୟନ୍ତୀ, ପ୍ରତିଷ୍ଠାତା ସ୍ୱର୍ଗତ ବେଣୁଧର ବେହେରାଙ୍କ ପ୍ରତିମୂର୍ତ୍ତୀ ଏବଂ ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ଯଦୁନାଥ ମହାନ୍ତିଙ୍କ ପ୍ରତିମୂର୍ତ୍ତୀ ବିଦ୍ୟାଳୟରେ ସ୍ଥାପନ ନିମନ୍ତେ ସିଦ୍ଧାନ୍ତ ନିଆଗଲା । ଏଥିସହିତ ଆଗାମୀ ଦିନରେ ଆଉ ଏକ ବୈଠକ ଆହ୍ୱାନ କରି ଏହାର ବହୁଳ ପ୍ରଚାର କରାଯାଇ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯିବା ସହିତ ସହଯୋଗ କରିବାପାଇଁ ନିଷ୍ପତ୍ତି ନିଆଗଲା । ଉକ୍ତ ବୈଠକରେ ଅଲୁମିନି କମିଟିର ସଭାପତି ଡ. ଶଚ୍ଚିଦାନନ୍ଦ ପରିଡା, ସତୀଶ ଚନ୍ଦ୍ର ବେହେରା, ଭୀମସେନ ସାହୁ,ଦଶରଥ ଖୁଣ୍ଟିଆ,ଚିନ୍ତାମଣି ମହା, ଲକ୍ଷ୍ମୀଧର ନାୟକ, ବନମାଳୀ ବେହେରା, ସୁବାସ ଶଙ୍ଖୁଆ, ଅଂଜନ କୁମାର ନାୟକ,ବିଜୟ ନାୟକ, ଅଂଶୁମାନ ମହାନ୍ତି, ଦୀପ୍ତିମାନ ମହାନ୍ତି ଓ ପ୍ରଣବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଖୁବ୍ ଶୀଘ୍ର ରାଜ୍ୟରେ ନୂଆ ମହିଳା କମିଶନ : ପ୍ରଭାତୀ ପରିଡା

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଖୁବ୍ ଶୀଘ୍ର ରାଜ୍ୟ ନୂଆ ମହିଳା କମିଶନ ଦେଖିବ । ଏହା କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା।

ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତୀ ବେହେରା ହଟିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ମହିଳା କମିଶନଙ୍କ ଭୂମିକାକୁ ନେଇ ସରକାର ନୋଟିସ କରିଥିଲେ । ଏନେଇ ତାଙ୍କୁ ସୋ-କଜ୍ ମଗାଯାଇଥିଲା, । କାଲି ତାଙ୍କୁ ନିବୃତ କରାଯାଇଛି । ଖୁବ ଶୀଘ୍ର ରାଜ୍ୟରେ ନୂଆ ମହିଳା କମିଶନ ଦେଖିବ।

# ବାସୁଦେବପୁର ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର

ଭଦ୍ରକ , ୧୧/୧୧ (ନି.ପ୍ର): ଭଦ୍ରକ ଜିଲ୍ଲାପାଳ ଓ.ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଆୟୋଜନ କାର୍ଯ୍ୟସୂଚୀ ଅନୁଯାୟୀ ନଭେମ୍ବର ୧୧ ସୋମବାର ଦିନ ବାସୁଦେବପୁର ବ୍ଲକ୍ ରେ ଅନୁଷ୍ଠିତ ହୋଇଯାଇଛି । ଟାଉନ୍‌ହଲ, ବାସୁଦେବପୁରରେ ଆୟୋଜିତ ଏହି ଶିବିରରେ ଯୋଗଦେଇ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଭଦ୍ରକ ଏସ୍.ପି. ମାଡ଼କର ସନ୍ଦୀପ ସମ୍ପତ ସମୁଦାୟ ୨୧୩ ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରେ ୧୯୮ ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ଏଥି ମଧ୍ୟରେ ରେଡ଼୍‌କ୍ରସ୍ ସମ୍ବନ୍ଧୀୟ ଜଣେ ଆବେଦନକାରୀଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ବାସୁଦେବପୁର ବି.ଡ଼ି.ଓ. ସଂଜିବ୍ କୁମାର ସାହୁ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଡେପୁଟୀ କଲେକ୍ଟର ତନ୍ମୟ କୁମାର ଜେନା, ବାସୁଦେବପୁର ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ବାସୁଦେବପୁର ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ମଧ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ଉପସ୍ଥାପନା ଓ ଶିବିର ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ। ଜିଲ୍ଲାସ୍ତରୀୟ ଏବଂ ଉକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ମଧ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସବୁ ସମାଧାନ ନେଇ ଆବଶ୍ୟକ ମତେ ଜିଲ୍ଲାପାଳଙ୍କ ଠାରେ ତଥ୍ୟ ଉପସ୍ଥାପନ କରିଥିଲେ। ଆବାସ ଯୋଜନା, ବିଭିନ୍ନ ଭତ୍ତା ମଞ୍ଜୁରୀ, ବାତ୍ୟାରେ ଘର ଭାଙ୍ଗିବା, ଜମିଜମା ଆଦି ସଂକ୍ରାନ୍ତୀୟ ବିଭିନ୍ନ ବିଭାଗ ସଂପୃକ୍ତ ଅଭିଯୋଗର ନିୟମାନୁଯାୟୀ ସମାଧାନ ପାଇଁ ଜିଲ୍ଲାପାଳ ଶିବିରରେ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।



# ଅସନବଣୀ ପାହାଡ଼ ଖୋଲରୁ ଉଦ୍ଧାର ହେଲା ନରକଙ୍କାଳ

ନୀଳଗିରି, ୧୧/୧୧ (ନି.ପ୍ର): କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ ପାହାଡ ଖୋଲରୁ ଉଦ୍ଧାର ହେଲା ନରକଙ୍କାଳ। ହସ୍ତଗତ ହୋଇଥିବା ସୂଚନାରୁ ଜଣାଯାଇଛି ଉକ୍ତ ଅଞ୍ଚଳର କିଛି ଛେଳିଚରାଳୀ ଛେଳି ଚାରାଇବାକୁ ଯାଇଥିବା ବେଳେ ଉକ୍ତ ନରକଙ୍କାଳ ଦେଖିବାକୁ ପାଇଥିଲେ। ପରେ ବରହମପୁର ପୋଲିସକୁ ଖବରଦେବା ପରେ ରବିବାର ଅପରାହ୍ନରେ ପୋଲିସ ଅସନବଣି ପାହାଡ଼ରେ ନରକଙ୍କାଳ ଖୋଜିବାକୁ ଯାଇଥିଲେ ମଧ, ସଂଧ୍ୟା ହୋଇଯିବାରୁ, ପାହାଡ଼ ଖୋଲରେ ନରକଙ୍କାଳ ପଡ଼ିଥିବା ସ୍ଥାନରେ ପହଞ୍ଚିନପାରି ଫେରିଆସିଥିଲେ। ଆଜି ଅର୍ଥାତ୍ ସୋମବାର ସକାଳେ ନୀଳଗିରି ଏସଡିପିଓ ସରୋଜ ଉପାଧ୍ୟାୟଙ୍କ ନେତୃତ୍ୱରେ ବାଲେଶ୍ୱରରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ଓ ବରହମପୁର ଆଇଆଇସି ଆର୍ତ୍ତତ୍ରାଣ ସେଠୀଙ୍କ ସମେତ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚିବା ପରେ, ନରକଙ୍କାଳ ଟିକୁ ଉଦ୍ଧାର କରାଯିବା ସହିତ ସାଇଣ୍ଟିଫିକ୍ ଟିମ୍ ପରୀକ୍ଷା ନିରୀକ୍ଷା କରିବା ପରେ, ଏନେଇ ବରହମପୁର ଥାନାରେ ୟୁଡି କେସ ନମ୍ବର ୧୫/୨୪ରେ, ଏକ ମାମଲା ରୁଜୁ କରାଯାଇ ଅଧିକ ପରୀକ୍ଷା ନିରୀକ୍ଷା ପାଇଁ ଉଦ୍ଧାରହୋଇଥିବା କଙ୍କାଳଟିକୁ ,ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଏଫ୍. ଏମ୍. ଟି ବିଭାଗକୁ ପଠାଇ ଦିଆଯାଇଛି। ତେବେ ମିଳିଥିବା କଙ୍କାଳଟି ବର୍ଷେ ଦେଢେ ବର୍ଷ ତଳର ଓ ଜଣେ ମହିଳାଙ୍କର ହୋଇଥାଇପାରେ ବୋଲି, ଅନୁମାନ କରାଯାଇଛି। ଅନ୍ୟ ପକ୍ଷରେ ପୋଲିସ ନରକଙ୍କାଳର ପରିଚୟ ଜାଣିବା ପାଇଁ ଅଧିକ ଖୋଳତାଡ଼ କରୁଥିବା ବରହମପୁର ଆଇ ଆଇ ସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି।



# ଜାତୀୟ ସେବା ଯୋଜନାର ସପ୍ତମ ଜାତୀୟ ସ୍ତରୀୟ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ନେତୃତ୍ୱ ଶିବିର ଉଦ୍‌ଯାପିତ

ବାଲେଶ୍ୱର, ୧୧/୧୧ (ନି.ପ୍ର): ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ, ଇନଷ୍ଟିଚ୍ୟୁଟ ଏବଂ ନେଚର କେୟାର ଏବଂ ଯୋଗୀକ ସାଇନ୍ସର ଏନ ଏସ ଦ୍ୱାରା ତିନି ଦିନଧରି ଚାଲିଥିବା ସପ୍ତମ ଜାତୀୟ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ଗବେଷକ ଭାବେ କଲିକତାରୁ ଯୋଗ ପ୍ରଶିକ୍ଷକ ଶ୍ରୀ ସନାତନ ମହାକୁଡ଼, ବିହାରରୁ ପ୍ରକୃତିକ ଚିକିତ୍ସା ଡା. ସଞ୍ଜୟ ଠାକୁର, ସାଉଥ କରିଆରୁ ରିଟାୟାର୍ଡ ଡାକ୍ତର ଭଗବାନ ଭୂଇଁଆ, ଆଇଏନଉଆଇଏସର ଅଧ୍ୟାପକ ଶ୍ରୀ ଅଭିଷେକ ଦାସ, ଭୁବନେଶ୍ୱରରୁ ପ୍ରାକୃତିକ ଗବେଷକ ଶ୍ରୀଯୁକ୍ତ ବିଜୟ କୁମାର ପୃଷ୍ଟି ଉପସ୍ଥିତ ରହି ନିଜର ଗବେଷଣାର ବିବରଣୀ ପ୍ରଦାନ କରିଥିଲେ। ଏଥିରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ସତ୍ୟଜିତ ନାୟକ, ଡିଆଇଜେ ବାଲେଶ୍ୱର ଶ୍ରୀ ସୁଦାକର ନାୟକ ଏଡିଏମ ବାଲେଶ୍ୱର, ଶ୍ରୀଯୁକ୍ତ କାଳିପଦ ପଣ୍ଡା ସୁବର୍ଣ୍ଣଶ୍ରୀର ପ୍ରତିଷ୍ଠାତା ଓ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ଶ୍ରୀ ସୃଷ୍ଟିଧର ପରିଡା ଧ୍ୱନି ପ୍ରତିଧ୍ୱନି ମୁଖ୍ୟ, ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ସାଗରୀକା ମୁଖ୍ୟ, ଭଗବାନ ଗୁପ୍ତା, ସିଏଆଇଟି ବିଏଲଏସର ସଭାପତି, ଶ୍ରୀମତୀ କ୍ରିଷ୍ଣା ଦାସ ହୋଟେଲ ଲକିର ମୁଖ୍ୟ, ଡିଆରଡିଓର ଅବସରପ୍ରାପ୍ତ ବୈଜ୍ଞାନିକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ପତି, ମେଜର ଗିରିଶ ଚନ୍ଦ୍ର ଷଡ଼ଙ୍ଗୀ ରେମୁଣା କଲେଜ ବାଲେଶ୍ୱର ଉପସ୍ଥିତ ଥିଲେ। ଏହି ପରିପେକ୍ଷୀରେ ଅଧାପକ ଅଭିଷେକ ଦାସଙ୍କ ଦ୍ୱାରା ରଚିତ 'ଯୋଗା ଫର ମଡର୍ଣ୍ଣ ଏଲିମେଣ୍ଟସ 'ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶ୍ରୀଯୁକ୍ତ ସୃଷ୍ଟିଧର ପରିଡା ଓ ସୈରିନ୍ଧ୍ରୀ ସାହୁଙ୍କୁ ସାହିତ୍ୟ ଜଗତର ଏକ ସଫଳ ଦମ୍ପତି ଭାବେ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବାଲେଶ୍ୱର ସହରରେ ଏକ ଯୋଗ, ଏନଏସ ଏସର ମହତ୍ୱ ଓ ପ୍ରାକୃତିକ ଚିକିତ୍ସା ଉପରେ ଏକ ପରିକ୍ରମା ହୋଇଥିଲା ଓ ଏକ ବିଶାଳ ରକ୍ତ ଦାନ ଶିବିର ହୋଇଥିଲା। ଏଥିରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନ ସ୍ଥ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦୁଇଶହ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଏକ ଯୋଗ ପ୍ରତିଯୋଗିତା ହୋଇଥିଲା। ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ମୁଖ୍ୟ ଏବଂ ଆଇଏନସିଆଇଏସ ପ୍ରୋଗ୍ରାମ ଅଫିସର ଚିତ୍ତରଂଜନ ସାହୁ ଯୋଗ ପ୍ରାକୃତିକ ଚିକିତ୍ସାର ଶୈଳୀ ଉପକାରିତା ଏହି ଶିବିରରେ ପ୍ରତିପାଦନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଓ ଦେବୀ ଅର୍ଚ୍ଚନା ଦାସ ପରିଚାଳନା କରିଥିଲେ। ପରିଶେଷରେ ଅଧାପିକା ଅନିତା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




# ମୌସୁମୀ ସାହିତ୍ୟ ପରିଷଦର ସ୍ୱନକ୍ଷତ୍ର ଦିବସ ମହାସମାରୋହରେ ପାଳିତ




କେନ୍ଦ୍ରାପଡ଼ା , ୧୧/୧୧ (ନି.ପ୍ର): ରାଜ୍ୟର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୌସୁମୀ ସାହିତ୍ୟ ପରିଷଦ ଓ ପତ୍ରିକାର ସ୍ୱନକ୍ଷତ୍ର ଦିବସ, ପତ୍ରିକା ଉନ୍ମୋଚନ, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ଗତ ରବିବାର ଦିନ କେନ୍ଦ୍ରାପଡ଼ା ସାଂଧ ମହାବିଦ୍ୟାଳୟ ସଭାଗୃହରେ ମହା ସମାରୋହରେ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବର ୧ମ ଅଧିବେଶନରେ କବିତା ପଠୋତ୍ସବରେ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ବାସୁଦେବ ଦାସ, କବି ଅନ୍ନପୂର୍ଣ୍ଣା ମହାନ୍ତି ଯୋଗ ଦେଇଥିଲା ବେଳେ କବି ପ୍ରେମାନନ୍ଦ ଖଣ୍ଡୁଆଳ ସଭା ପରିଚାଳନା ଓ କବି ସ୍ନିଗ୍ଧା ନାୟକ, କବି ଚାରୁଲତା ଭୂୟାଁ କବିତା ସଂଯୋଜନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ପରିଷଦର ସଭାପତି ପ୍ର. ନନ୍ଦ କିଶୋର ପରିଡ଼ାଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ କବି ଡ. ଫନୀ ମହାନ୍ତି ମୁଖ୍ୟ ଅତିଥି, କବି ନିରାକର ଦାସ ମୁଖ୍ୟ ବକ୍ତା ଓ ସାହିତ୍ୟିକ ପ୍ରାକ୍ତନ ମୁଖ୍ୟଯନ୍ତ୍ରୀ ଯାମିନୀ କାନ୍ତ ଦାଶ ଏବଂ ପ୍ରାକ୍ତନ ସାଂସଦ ଅର୍ଚ୍ଚନା ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସଭାକୁ ସମ୍ବୋଧିତ କରିଥିଲେ । ମୌସୁମୀର ସମ୍ପାଦକ କବି ଡ. ଶ୍ରୀଧର ସାମଲ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ଅକ୍ଷୟ କୁମାର ପାଣି ସଭା ପରିଚାଳନା କରିଥିଲେ । ଏହି ଉପଲକ୍ଷେ ଆୟୋଜିତ କବିତା ପାଠୋତ୍ସବରେ କବି ଶରତ ନାୟକ, ଅଭିରାମ ସାହୁ, ନିକୁଞ୍ଜ ପୃଷ୍ଟି, ରାମକୃଷ୍ଣ ଦାଶ, ଖଗେଶ୍ୱର ମହାନ୍ତି, ଅଜୟ ପାତ୍ର, ମମତା ସାମଲ, ସ୍ୱର୍ଣ୍ଣ ଷଡ଼ଙ୍ଗୀ, ଅବନ୍ତୀ ବେହେରା, ମଞ୍ଜୁଶ୍ରୀ ବରାଳ, ଉକ୍ତ ଚରଣ ମଲ୍ଲ, ନାରାୟଣ ପତି, ମନ୍ମଥ ବରାଳ, ଅମର ରାଉତ, ଗଗନ ଜେନା, ଶ୍ରୀଧର ମହାନ୍ତି, ରତ୍ନାକର ପାତ୍ର, ଅଶୋକ ସାହୁ, ନିରୁପମା ଦାସ, ରତ୍ନାକର ମଲ୍ଲିକ, ଭରତ ଜେନା, ଗୋଲାପ ରାଉତ, ରଞ୍ଜନ ବାଇ, କବିତା ମୁଦୁଲି, ଯାମିନୀ ଦାସ, ଭକ୍ତ ସାହୁ, ଶରତ ରାଉତ ପ୍ରମୁଖ ପଚାଶରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠକରି ସମ୍ମାନିତ ହୋଇଥିଲେ । ଏହି ଅବସରରେ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ପାରଦର୍ଶୀତା ପାଇଁ ଡ. ବାସୁଦେବ ଦାସ, ଅଜୟ କୁମାର ସାମଲ, ଅଶୋକ କୁମାର ବେହେରା, ସ୍ୱର୍ଣ୍ଣଲତା ଲେଙ୍କା, ସରୋଜ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜିଲ୍ଲାର ସମସ୍ତ ପତ୍ରିକା ସମ୍ପାଦକ ସର୍ବଶ୍ରୀ ଶଶିକାନ୍ତ ଦାସ, ବନମାଳୀ ସେନାପତି, ସରୋଜ କୁମାର ମହାନ୍ତି, ଲକ୍ଷ୍ମୀପ୍ରିୟା ମାଇତି, ମନ୍ମଥ ବରାଳ, ସ୍ୱପ୍ନାଂଶୁ ଦାସ, ହରେକୃଷ୍ଣ ବାରିକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । କବି ଚାରୁଲତା ଭୂୟାଁଙ୍କ କବିତା ସଙ୍କଳନ 'ସମୟର ସ୍ୱର' ଏହି ଅବସରରେ ଉନ୍ମୋଚିତ ହୋଇଥିଲା । କବି ବୃନ୍ଦାବନ ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ ସଞ୍ଜୟ କୁମାର ମଲ୍ଲିକ, ନିରଞ୍ଜନ ମେକାପ୍, ଡ. ଗିରୀଶ କୁମାର ପାତ୍ର, ଡ. ପ୍ରଦୀପ୍ତ ଦାଶ, ଡ. ପ୍ରମୋଦ ଦାସ, ଡ. ପ୍ରଭାକର ମଲ୍ଲିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ସମାବେଶରେ ଯୋଗ ଦେଇଥିଲେ ।

# ବୋଲେରୋ ପିକଅପ୍ - ଅଟୋ ଧକ୍କା : ୫ ମୃତ

ନୂଆଦିଲ୍ଲୀ, ୧୧/୧୧ : କଛାର ଜିଲ୍ଲାର ରାଣୀଘାଟରେ ସିଲଚର-କଲାଇନ ରାସ୍ତାରେ ସୋମବାର ସକାଳେ ବୋଲେରୋ ପିକଅପ୍ ଏବଂ ଅଟୋ ମଧରେ ଧକ୍କା ହୋଇଛି । ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ ସେଠାରେ ଉତେଜନା ପ୍ରକାଶ ପାଇଛି । ଏଥିସହ ସିଲଚର-କଲାଇନ ରାସ୍ତାକୁ ଜାମ୍ କରିଛନ୍ତି ଲୋକେ । ଖବର ପାଇ ଭୈରବନଗର ଗ୍ରାମପଂଚାୟତର ପୂର୍ବତନ ଅଧକ୍ଷ ହାଫିଜୁର ରହମାନ ଘଟଣାସ୍ଥଳରେ ପହଂଚିଥିଲେ । ସେ କହିଛନ୍ତି ଯେ, ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo